READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ନୂଆଦିଲ୍ଲୀ : ବିଜେଡି ସଂସଦୀୟ ଦଳ ତରଫରୁ ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ଶ୍ରୀ ଭେଙ୍କୟା ନାଇଡୁଙ୍କୁ ମହିଳା ସ୍ଥାନ ସଂରକ୍ଷଣ ପ୍ରସଙ୍ଗରେ ଜାତୀୟ ସ୍ତରରେ ସହମତି ନିମନ୍ତେ ସାକ୍ଷାତ।

ବର୍ଷ-୨ ସଂଖ୍ୟା-୫୦ ୨୪ - ୩୦ ଡିସେମ୍ବର, ୨୦୧୮ ଭୁବନେଶ୍ୱର Monday Weekly VOL-2 ISSUE-50 24th - 30th DECEMBER, 2018 BHUBANESWAR ₹ 5/- (8 Pages)

### ନୂଆ ଓଡ଼ିଶା ଗଢ଼ିବାର ସଂକଳ୍ପ ନେଇ ଆସୁଛନ୍ତି ମୋଦି

# ଏଥର ପଦ୍ମ ଫୁଟିବ !

**ଭୁବନେଶ୍ୱର :** ବର୍ଷ ଶେଷ ବେଳକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଆସୁଛନ୍ତି। ୨୦୧୯ ନିର୍ବାଚନ ପାଖେଇ ଆସୁଥିବା ବେଳେ ମୋଦିଙ୍କ ଏହି ଓଡ଼ିଶା ଗସ୍ତ ଉପରେ ସମସ୍ତଙ୍କ ନଜର ରହିଛି। ରାଜ୍ୟରେ ବିଜେଡି ସରକାରର କିଭଳି ପତନ ହେବ ଓ ଓଡ଼ିଶାରେ ବିଜେପି ତା'ର କାୟା ବିସ୍ତାର କରିବ ଫୋକସ୍‌ରେ ତାହାହିଁ ରହିଥିବା ଜଣାପଡିଛି। ପୂର୍ବ ଭାରତର ବିକାଶ ହେଲେ ଦେଶର ବିକାଶ ହେବ ବୋଲି ପ୍ରଧାନମନ୍ତ୍ରୀ ସର୍ବଦା କହି ଆସୁଛନ୍ତି। ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହା ମଧ୍ୟ ଓଡ଼ିଶାରେ ଦଳ ୧୨୦+ ଆସନ ହାତେଇବ ବୋଲି ଅତୀତରେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ତେଣୁ ଏହି ପରିପ୍ରେକ୍ଷୀରେ ମୋଦିଙ୍କ ଓଡ଼ିଶା ଗସ୍ତ ନିଶ୍ଚୟ ଗୁରୁତ୍ୱପୂର୍ଣ୍ଣ। ହେଲେ ଓଡ଼ିଶାରେ ବିକାଶ ଘଟିନଥିବା



କହୁଥିବା ବିଜେପି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନେକ ପ୍ରଶ୍ନବାଚୀ ତିଆରି କରିଛନ୍ତି। କାରଣ ହକି ବିଶ୍ୱକପ୍ ଆୟୋଜନ କରି ସମଗ୍ର ବିଶ୍ୱରେ ଓଡ଼ିଶା ନିଜର ଦକ୍ଷତା ପ୍ରତିପାଦିତ କରିଥିଲା ବେଳେ ପ୍ରଧାନମନ୍ତ୍ରୀ ମଧ୍ୟ ଏଭଳି କ୍ରୀଡ଼ା ଆୟୋଜନ ପାଇଁ ନବୀନଙ୍କୁ ଟ୍ୱିଟ୍ ଜରିଆରେ ଶୁଭେଚ୍ଛା ଜଣାଇଛନ୍ତି। ଅନ୍ୟପକ୍ଷରେ କୃଷି କ୍ଷେତ୍ରରେ ଓଡ଼ିଶା ପଛୁଆ ବୋଲି କହୁଥିବା ବିଜେପି ନେତୃତ୍ୱାଧୀନ ମୋଦିଙ୍କ ସରକାର ଚତୁର୍ଥଥର ପାଇଁ ଆମ ରାଜ୍ୟକୁ କୃଷି କର୍ମଣ ପୁରସ୍କାର ମଧ୍ୟ ଦେଇଛନ୍ତି। ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଓଡ଼ିଶା ସରକାରଙ୍କ ଲୋକସଭା ଓ ବିଧାନସଭାରେ ମହିଳାଙ୍କ ପାଇଁ ୩୩% ସ୍ଥାନ ସଂରକ୍ଷଣ ପ୍ରସ୍ତାବକୁ ପୂର୍ଣ୍ଣ ସମର୍ଥନ କରିଛନ୍ତି ଉପରାଷ୍ଟ୍ରପତି ଭେଙ୍କୟା ନାଇଡୁ। ମହିଳା ସ୍ଥାନ ସଂରକ୍ଷଣ ବିଧେୟକୁ ପୂର୍ବରୁ ସମର୍ଥନ କରୁଥିଲି, ଏବେ ମଧ୍ୟ କରୁଛି ଏବଂ ଭବିଷ୍ୟତରେ ମଧ୍ୟ ସମର୍ଥନ ଜାରି ରଖିବି ବୋଲି କହିଛନ୍ତି ଶ୍ରୀ ନାଇଡୁ। ତେଣୁ ନବୀନ ବାବୁଙ୍କ ଏଭଳି ଉଦ୍ୟମ ଯେତେବେଳେ ପ୍ରଶଂସା ସାଉଁଟୁଛି ସେତେବେଳେ ବିଜେଡି ଶାସନ କ୍ଷମତାରୁ ହଟିବ କିପରି। ତେବେ ଦେଖିବାକୁ ବାକି ରହିଲା ଯେ, ଆଗାମୀ ନିର୍ବାଚନ ପୂର୍ବରୁ ବିଜେପି ଓଡ଼ିଶାରେ କେଉଁଭଳି ରଣନୀତି ପ୍ରସ୍ତୁତ କରି ବିଜେଡି ସରକାରକୁ ଗାଦିରୁ ହଟାଇ ପାରିବ। ପୂର୍ବରୁ ଆଲୋଚନା ହେଉଥିଲା ଯେ, ପ୍ରଧାନମନ୍ତ୍ରୀ ପୁରୀ ଲୋକସଭା ଆସନରୁ ପ୍ରାର୍ଥୀ ହେବେ। ଏଣୁ ରାଜ୍ୟ ବିଜେପିର ନେତା ଓ କର୍ମୀଙ୍କ ମନରେ କିଛି ମାତ୍ରାରେ ଉଲ୍ଲାସ ଭରି ଯାଇଛି। ଯେବେ ପ୍ରଧାନମନ୍ତ୍ରୀ ପୁରୀରୁ ପ୍ରାର୍ଥୀ ହୁଅନ୍ତି ତେବେ ଉପକୂଳ ଓଡ଼ିଶାରେ ବିଜେପିର ଆସନ ସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ରହିଛି। ହେଲେ ଏହା ଏ ପର୍ଯ୍ୟନ୍ତ ସ୍ଥିର ହୋଇଥିବା ଜଣାପଡିନାହିଁ। ଅତଏବ ଓଡ଼ିଶାରେ ବିଜେପି ଶାସନ କ୍ଷମତାକୁ ➤ ପୃ-୬

### ଚାଷୀଙ୍କୁ ସହାୟତା, ଆଗରେ ନବୀନ

# ଅଭିନବ ଯୋଜନା କାଳିଆ



**ଭୁବନେଶ୍ୱର :** ରାଜ୍ୟରେ କୃଷିକ୍ଷେତ୍ରରେ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଓ ଦାରିଦ୍ର୍ୟ ହ୍ରାସ କରିବା ପାଇଁ ରାଜ୍ୟ କ୍ୟାବିନେଟ ବୈଠକରେ ଐତିହାସିକ 'କାଳିଆ' ଯୋଜନାକୁ ଅନୁମୋଦନ କରାଯାଇଛି। ଏହି ଯୋଜନାରେ ଓଡ଼ିଶାର ୯୨ ପ୍ରତିଶତ ଉଭୟ ଋଣୀ, ଅଣଋଣୀ ଚାଷୀ, ଭାଗଚାଷୀ ଏବଂ ସମସ୍ତ ଭୂମିହୀନ କୃଷି ଶ୍ରମିକଙ୍କୁ ସାମିଲ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଗତ ଶୁକ୍ରବାର ସଚିବାଳୟଠାରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଚାଷ ଏବଂ ଚାଷୀ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା । ଏହି କାଳିଆ ଯୋଜନାରେ ୧୦ ହଜାର ୧୮୦ କୋଟି ଟଙ୍କା ବିନିଯୋଗ ହେବ । ୩ ବର୍ଷ (୨୦୧୮-୧୯ରୁ ୨୧-୨୨) ଭିତରେ ଏହି ଅର୍ଥ ବିନିଯୋଗ କରାଯିବ । ପାଞ୍ଚଗୋଟି ଫସଲ ଋତୁ ପାଇଁ ଲାଗୁ ହେବ। ସମ୍ପୃକ୍ତ ଯୋଜନା ପାଞ୍ଚଟି ବିଷୟ ଉପରେ ଏହା ପର୍ଯ୍ୟବେଶିତ ହୋଇଛି । ଚାଷ କାର୍ଯ୍ୟ ପାଇଁ ଚାଷୀଙ୍କୁ ସହାୟତା, ଭୂମିହୀନ ପରିବାର ପାଇଁ ଜୀବିକା ସହାୟତା, ଭୂମିହୀନ ଶ୍ରମିକ ଓ ସମ୍ଭାବ୍ୟ ଆପଦଗ୍ରସ୍ତ ଚାଷୀ ପରିବାରଙ୍କର ସ୍ୱାର୍ଥ ରକ୍ଷା, ବୀମା ସୁରକ୍ଷା ଓ ବିନା ସୁଧରେ ଫସଲ ଋଣ ଦେବା । ଆମ ରାଜ୍ୟରେ ୩୨ ଲକ୍ଷ ଚାଷୀ ପରିବାର ଅଛନ୍ତି । ସେମାନଙ୍କ ମଧ୍ୟରୁ ୨୦ ଲକ୍ଷ ପରିବାର ଫସଲ ଋଣ ନେଇଥାନ୍ତି। ୧୨ ଲକ୍ଷ ଚାଷୀ ପରିବାର ଋଣ ସୁବିଧା ନେଉନାହାନ୍ତି । ଫସଲ ଋଣ ନେଉଥିବା ୨୦ ଲକ୍ଷ ଚାଷୀଙ୍କ ମଧ୍ୟରୁ ପ୍ରାୟ ୬୦ ପ୍ରତିଶତ ନିୟମିତ ଭାବରେ ଋଣ ପରିଶୋଧ କରୁଛନ୍ତି। ➤ ପୃ-୬

### କେନ୍ଦ୍ର ସରକାରଙ୍କ ବଡ ନିଷ୍ପତ୍ତି

# କମ୍ପ୍ୟୁଟର ତନଖି କରିବେ ଏଜେନ୍ସି

**ନୂଆଦିଲ୍ଲୀ :** ବ୍ୟକ୍ତିଗତ କମ୍ପ୍ୟୁଟର ଉପରେ ଏବେ କେନ୍ଦ୍ର ସରକାରଙ୍କ ନଜର। କେନ୍ଦ୍ର ସରକାରଙ୍କ ପକ୍ଷରୁ ଏଭଳି ନିର୍ଦ୍ଦେଶନାମା ଆସିବା ପରେ ବିଭିନ୍ନ ମହଲରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଖିବାକୁ ମିଳିଛି। କେନ୍ଦ୍ରର ଏଭଳି ଆଭିମୁଖ୍ୟକୁ ନେଇ ସାରା ଦେଶରେ ଅଶାନ୍ତିର ବାତାବରଣ କୁହୁଳିବାରେ ଲାଗିଛି। ଏହି ଆଦେଶ ପ୍ରଜାତନ୍ତ୍ର ପ୍ରତି ବହୁତ ବଡ ବିପଦ ବୋଲି କିଛି ବିରୋଧୀ ଦଳ ନେତା କହିଛନ୍ତି। କାରଣ ଏହା ଜଣେ ବ୍ୟକ୍ତିର ମୌଳିକ ଅଧିକାର କ୍ଷୁର୍ଣ୍ଣ କରିବ। ଏପରିକି ମୌଳିକ ଅଧିକାରର ଏହା ଖୋଲା ଉଲ୍ଲଙ୍ଘନ ବୋଲି ପୂର୍ବରୁ ସୁପ୍ରିମ୍‌କୋର୍ଟ ଦେଇଥିବା ରାୟରେ ଏହା ପ୍ରକାଶ କରିଥିଲେ। କମ୍ପ୍ୟୁଟରରେ ଷ୍ଟୋର୍, ରିସିଭ୍ ଓ ଟ୍ରାନ୍ସମିଟ୍ ହେଉଥିବା ସୂଚନା ଓ ତଥ୍ୟଗୁଡ଼ିକୁ ଯାଞ୍ଚ



କରିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ୧୦ଟି କେନ୍ଦ୍ରୀୟ ଗୋଇନ୍ଦା ଏଜେନ୍ସିକୁ କ୍ଷମତା ପ୍ରଦାନ କରିଛି। ମନ୍ତ୍ରଣାଳୟ ପକ୍ଷରୁ ଜାରି ହୋଇଥିବା ନୋଟିସ୍‌ରେ କୁହାଯାଇଛି, ଏହି ଯାଞ୍ଚ ଏଜେନ୍ସିଗୁଡ଼ିକ ଯେକୌଣସି ବ୍ୟକ୍ତିଙ୍କ କମ୍ପ୍ୟୁଟରକୁ ବିଶେଷ ପରିସ୍ଥିତିରେ ଯାଞ୍ଚ କରି ପାରିବେ। ଏଥିସହ ସୋସିଆଲ ମିଡିଆ ଉପରେ କେନ୍ଦ୍ର ସରକାର ନଜର ରଖିବେ। ➤ ପୃ-୬

### ଷ୍ଟାର୍ଟ ଅପ୍ ମାନ୍ୟତା-୨୦୧୮ ପୁରସ୍କାର

# ଓଡ଼ିଶା ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ

**ଭୁବନେଶ୍ୱର :** କେନ୍ଦ୍ର ସରକାରଙ୍କ ଔଦ୍ୟୋଗିକ ନୀତି ଓ ସମ୍ବର୍ଦ୍ଧନା ବିଭାଗ ଦ୍ୱାରା ଓଡ଼ିଶାକୁ ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ ଭାବେ ଘୋଷଣା କରାଯାଇଛି। ଶ୍ରେଷ୍ଠ ସମ୍ମାନ ଭାବେ ରାଜ୍ୟ ଷ୍ଟାର୍ଟ ଅପ୍ ମାନ୍ୟତା-୨୦୧୮ ଓଡ଼ିଶାକୁ ମିଳିଛି। ଏନେଇ କେନ୍ଦ୍ର ସରକାରଙ୍କ ଡିଆଇପିପି ସଚିବ ଓଡ଼ିଶା ସରକାରଙ୍କ କାର୍ଯ୍ୟାନ୍ୱୟନକୁ ଭୂରି ଭୂରି ପ୍ରଶଂସା କରିଛନ୍ତି। ନୂଆଦିଲ୍ଲୀସ୍ଥିତ ପ୍ରବାସୀ ଭାରତୀୟ କେନ୍ଦ୍ରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ କେନ୍ଦ୍ର ଡିଆଇପିପିର ସଚିବ ରମେଶ ଅଭିଷେକଙ୍କଠାରୁ ଓଡ଼ିଶା ସରକାରଙ୍କର ଅଣୁ କ୍ଷୁଦ୍ର ଓ ମଧ୍ୟମ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏଲ ଏନ ଗୁପ୍ତା ସମ୍ମାନ ଗ୍ରହଣ କରିଛନ୍ତି। ୩୮ଟି କ୍ଷେତ୍ରରେ ଭଲ ପ୍ରଦର୍ଶନ କରିଥିବା ରାଜ୍ୟମାନଙ୍କ




ମଧ୍ୟରେ ଏହି ଚୟନ କରାଯାଇଥିଲା। ଷ୍ଟାଟ ଅପ୍ ନୀତି କାର୍ଯ୍ୟାନ୍ୱୟନ, ଇନ୍‌କ୍ୟୁବେସନ୍ ହବ୍, ସିଡିଙ୍ଗ ଇନ୍‌ଫୋଭେସନ୍, ରେଗୁଲେଟୋରୀ ଚେଞ୍ଜ ଫ୍ରେମ୍ ଓ୍ୱାର୍କ ଇତ୍ୟାଦି କ୍ଷେତ୍ରକୁ ନେଇ ➤ ପୃ-୬

### ହାତୀ ମୃତ୍ୟୁ ଘଟଣା

# ସେସୁକୁ ୪ କୋଟି ଜୋରିମାନା



**ଢେଙ୍କାନାଳ :** ଢେଙ୍କାନାଳ ବନଖଣ୍ଡ ସଦର ରେଞ୍ଜ ମେରାମଣ୍ଡଳୀ ଫରେଷ୍ଟ ସେକସନ ଅନ୍ତର୍ଗତ କମଳାଙ୍ଗ ମାଳିସାହିଠାରେ ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ୭ଟି ହାତୀ ପ୍ରାଣ ହରାଇଥିବା ଘଟଣାରେ ସେସୁକୁ ୪ କୋଟି ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନଜିଟି)। ସୂଚନାଥାଉ କି, ଅକ୍ଟୋବର ୨୬ ରାତିରେ ଏହି ଅଘଟଣ ଘଟିଥିଲା। ବିଭିନ୍ନ ଗଣମାଧ୍ୟମରେ ଏହି ଖବର ପ୍ରକାଶ ପାଇବା ପରେ ଏନ୍‌ଜିଟି ନିଜ ତରଫରୁ ମାମଲାକୁ ଗମ୍ଭୀରତାର ସହ ଗ୍ରହଣ କରି ସେସୁକୁ ପ୍ରଥମେ ୧ କୋଟି ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ସମୟରେ ନଭେମ୍ବର ୧୩ରେ ହାତୀ ମୃତ୍ୟୁ ଘଟଣାକୁ ନେଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲର ଏକ ୪ ଜଣିଆ ଟିମ ଡା. ବିକାଶ ପାଣ୍ଡବଙ୍କ ନେତୃତ୍ୱରେ କମଳାଙ୍ଗ ଗ୍ରାମ ନିକଟରେ ପହଞ୍ଚି ହାତୀ ମୃତ୍ୟୁ ଘଟଣାର ତଦନ୍ତ କରିଥିଲେ। ହାତୀ ମୃତ୍ୟୁ ଘଟଣାରେ ସେସୁ ଓ ବନବିଭାଗ ପରସ୍ପରକୁ ଦୋଷ ଦେଇଥିଲେ। ତଦନ୍ତକାରୀ ଦଳ ଗ୍ରାମବାସୀଙ୍କ ନିକଟରୁ ଖବର ସଂଗ୍ରହ କରୁଥିବା ବେଳେ ପିସିସିଏଫ ସନ୍ଦୀପ ତ୍ରିପାଠୀ ବାରମ୍ବାର ହସ୍ତକ୍ଷେପ କରୁଥିବାରୁ ଟିମର ସଦସ୍ୟମାନେ କ୍ଷୁବ୍ଧ ହେବା ସହିତ ➤ ପୃ-୬

# ନିଜ ପାଣ୍ଠିରୁ ଅଧିକ ଏମ୍‌ଏସ୍‌ପି ଦିଅନ୍ତୁ ରାଜ୍ୟ ସରକାର : ନିରଞ୍ଜନ

**ଭୁବନେଶ୍ୱର :** ଏମ୍‌ଏସପିକୁ ନେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ। କଂଗ୍ରେସ ଭବନରେ ସାମ୍ବାଦିକମାନଙ୍କୁ ସମ୍ବୋଧିତ କରିବା ଅବସରରେ ଓଡିଶାର ଚାଷୀ କିଭଳି ଭାବରେ ଏ ସରକାର ସମୟରେ ପ୍ରତାରିତ ହୋଇଛନ୍ତି ଏବଂ ଋଣ ଯନ୍ତାରେ ପଡି ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଛନ୍ତି, ତାର ଏକ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ଶ୍ରୀ ପଟ୍ଟନାୟକ କୃଷକର ଏହି ଦୟନୀୟ ସମସ୍ୟା ପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାର ଉଭୟ ଦାୟୀ ବୋଲି କହିଥିଲେ। ପୂର୍ବରୁ କଂଗ୍ରେସ ସରକାର ସମୟରେ ଏବଂ ଉପା ସରକାର ସମୟରେ କୃଷି ଋଣ ଛାଡ କରାଯାଇଥିଲା। ଶ୍ରୀ ପଟ୍ଟନାୟକ କହିଲେ ଯେ ଯଦି କଂଗ୍ରେସ ସରକାରକୁ ଆସେ ତେବେ କୃଷିଋଣ ଛାଡ କରିବା ସହିତ କୃଷକମାନଙ୍କୁ ସୋଲାର ପମ୍ପସେଟ୍ ପ୍ରଦାନ କରାଯିବ ଏବଂ କୃଷକମାନଙ୍କୁ ଆସନ୍ତା ୫ ବର୍ଷ ପର୍ଯ୍ୟନ୍ତ ସମସ୍ତ



କୃଷିକାର୍ଯ୍ୟ ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯିବ। ସୁତରାଂ କୃଷକଟି ବେଉସଣ ଠାରୁ ଆରମ୍ଭ କରି ଫସଲ ଆମଦାନୀ ପର୍ଯ୍ୟନ୍ତ ଯେଉଁ ପ୍ରକାରର ଆବଶ୍ୟକତା ରହିବ ତାହା ସରକାର ବହନ କରିବେ। ପଞ୍ଚାୟତମାନଙ୍କରେ ଏ.ଇ.ଓ (କୃଷି ଅଧିକାରୀ)ମାନଙ୍କୁ ନିଯୁକ୍ତି ଦିଆଯିବ ଏବଂ ସେମାନେ ପ୍ରତ୍ୟେକ ଅଂଚଳକୁ ଯାଇ ମାଟିର ନମୁନା ପରୀକ୍ଷା କରିବେ ଓ ସେ ଅଞ୍ଚଳର ଭୌଗୋଳିକ ପରିସ୍ଥିତିକୁ ନେଇ କି ପ୍ରକାର ଚାଷ କଲେ କୃଷକଟି କ୍ଷତି ସହିବ ନାହିଁ, ତାହା ମଧ୍ୟ କରାଯିବ। ଜିଲ୍ଲାପାଳମାନେ ଏ କାର୍ଯ୍ୟକୁ ବାଧ୍ୟତାମୂଳକ ମନିଟରିଂ କରିବେ। କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର କୃଷକମାନଙ୍କୁ ଦେଇଥିବା ପ୍ରତିଶ୍ରୁତି ଯଥା ବୋନସ୍ ଏବଂ ସହାୟକ ମୂଲ୍ୟର ବୃଦ୍ଧି ପାଳନ କରି ନାହାନ୍ତି। ଶ୍ରୀ ପଟ୍ଟନାୟକ ଧାନର ସହାୟକ ମୂଲ୍ୟ ୨୯୩୦ ଟଙ୍କା ପାଇଁ ଦାବି କରିଛନ୍ତି। ପଡୋଶୀ ରାଜ୍ୟ ଛତିଶଗଡର ନୂଆ ସରକାର ➤ ପୃ-୬

### ବକ୍ରବାଣୀ



କର୍ମୀ ପଚାରନ୍ତି ଆଜି ନେତାଙ୍କୁ
ଲାଜ ନାହିଁ କିବା ତୁମ ମୁହଁକୁ
ଗୋଷ୍ଠି ବିବାଦରେ କିଆଁ ମାତୁଛ
ନିଜ ଗୋଛି ତୁମେ ନିଜେ କାଟୁଛ
ଦଳ ପାଇଁ ଯଦି କାମ କରୁନ
ବିଷ ଖାଇ କିଆଁ ତୁମେ ମରୁନ
ହାରିଲା ପରେ ବି ଚେତା ପଶୁନି
ଦଳ ପାଇଁ ଟିକେ ଦୟା ଆସୁନି
ଗୋଟିଏ ଦଳକୁ ନେତା ଗୋଟିଏ
ତୁମେ ବନଉଛ ପୁରା କୋଟିଏ।

——— ଟୁଟୁ

# ଛାତ୍ରୀଙ୍କୁ ଦୁଷ୍କର୍ମ : ଇଏ ପୁଣି ଆଦର୍ଶ ଶିକ୍ଷକ

**ଭବାନୀପାଟଣା,(ଅନିଲ ପଟ୍ଟନାୟକ) :** ଆମ ଦେଶରେ ଗୁରୁ-ଶିଷ୍ୟର ପରମ୍ପରା ଅତି ପ୍ରଚୀନ। ଏଥିରେ କଳଙ୍କର ଚିହ୍ନବର୍ଣ୍ଣ ନଥାଏ। ହେଲେ ସମ୍ପ୍ରତି କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ସିରିମସ୍କା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାଳକୃଷ୍ଣ ମହାପାତ୍ର (ଆଦର୍ଶ ଶିକ୍ଷକ)ଙ୍କ ବିରୋଧରେ ନାବାଳିକା ଛାତ୍ରୀଙ୍କୁ ଦୁଷ୍କର୍ମ କରିଥିବା ଭଳି ସଙ୍ଗୀନ ଅଭିଯୋଗରେ ଥୁଆମୂଳ ରାମପୁର ଥାନାରେ କେସ୍ ନଂ. ୧୩୦/୧୭ ରେ ଏକ ଏତଲା ଦିଆଯାଇ ଅଛି। ଭବାନୀପାଟଣା ଏସଡିପିଓ ବିରଞ୍ଚି ନାରାୟଣ ଦେହୁରି ଏହି ମାମଲା ରୁଜୁ କରିଛନ୍ତି। ଅନୁସନ୍ଧାନରୁ ଜଣାପଡେ ଏହି ଶିକ୍ଷକ ଦିର୍ଘ ୧୮ ବର୍ଷ ହେଲା ଏହି ସ୍କୁଲରେ କାର୍ଯ୍ୟକରୁଥିଲେ। ଗତ ଗଣେଶ ପୂଜା ସମୟରେ ଜଣେ ନବମ



ଶ୍ରେଣୀ ଛାତ୍ରୀଙ୍କୁ (ନାମ ଗୋପନରେ) ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା ଏବଂ କୁହାଯାଇଥିଲା ଏ ବିଷୟରେ କାହାକୁ କିଛି କହିଲେ ତୁ ମାଟ୍ରିକ ପରୀକ୍ଷା ଦେଇପାରିବୁ ନାହିଁ। ଲଜ୍ଜା ଓ ଡରରେ ଝିଅଟି କାହାକୁ କିଛି କହିନଥିଲା। ଗତ ଡିସେମ୍ବର ମାସ ୧୫ ତାରିଖରେ କୌଣସି କାରଣରୁ ଝିଅଟି ଏକ ଲିଖିତ ଅଭିଯୋଗ ଜିଲ୍ଲାପଳଙ୍କ ପାଖରେ ପହଞ୍ଚାଇବା ପରେ ଘଟଣାଟି ଅନ୍ୟ ମୋଡ ନେଇଥିଲା। ଜିଲ୍ଲାପଳ ଡା. ଗାଭାଲି ପରାଗ ହର୍ଷଦଙ୍କ ନିର୍ଦ୍ଦେଶ କ୍ରମେ ବୁଦ୍ଧ ଦେବ ପଣ୍ଡା ଜିଲ୍ଲା ମଙ୍ଗଳ ଅଧିକାରୀ ଥୁ.ରାମପୁର ଥାନାରେ ଏତଲା ଦେଇଥିଲେ। ତାପରେ ପୋଲିସ ପକ୍ଷରୁ ଛାନଭିନ୍ ହୋଇ ଛାତ୍ରଙ୍କ ଡାକ୍ତରି ମାଇନା କରିବା ପରେ ବ୍ୟବହୃତ ହୋଇଥିବା ଲୁଗାପଟା ଜବତ କରି ୧୬୪ ଷ୍ଟେଟମେଣ୍ଟ ଓ ୧୬୧ ଷ୍ଟେଟମେଣ୍ଟ ତଥା ସିଡବ୍ଲ୍ୟୁସି ଓ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଉପସ୍ଥାପନ କରାଯାଇଥିଲା। ଇତିମଧ୍ୟରେ ଉକ୍ତ ଶିକ୍ଷକଙ୍କୁ ➤ ପୃ-୬



## କେମିତି କଟିବ ଏ ସପ୍ତାହ

**ମେଷ** ସପ୍ତାହଟି ଆପଣଙ୍କ ପାଇଁ ଅତ୍ୟନ୍ତ ଶୁଭକାରକ। ହତାସା ଓ ନୈରାଶ୍ୟରେ ସପ୍ତାହସାରା ଗତି କରିବାକୁ ପଡିବ। ତେଣୁ ଜଗିରଖି ବାଟ ନ ଚାଲିଲେ ବିପଦ ପଡିବାର ଆଶଙ୍କା ରହିଛି। ଗୃହିଣୀମାନେ ଗୃହ କାର୍ଯ୍ୟରେ ବ୍ୟସ୍ତ ରହିବେ।

**ବୃଷ** ସୋମବାର, ମଙ୍ଗଳବାର ସମସ୍ତ ପ୍ରକାର ଶୁଭଫଳ ପ୍ରାପ୍ତିଯୋଗ ରହିଛି। ବୁଧବାର, ଗୁରୁବାର ଓ ଶନିବାର ଅଶୁଭ ଫଳ ପ୍ରଦାନ କରିବ। କିନ୍ତୁ ଶୁକ୍ରବାର ଦିନ ଧନପ୍ରାପ୍ତିର ଯୋଗ ରହିଅଛି। ଛାତ୍ରଛାତ୍ରୀମାନେ ପାଠ ପଢ଼ାରେ ମନ ଦେବେ।

**ମିଥୁନ** ସୋମବାରରୁ ବୁଧବାର ପର୍ଯ୍ୟନ୍ତ ସମସ୍ତ ଶୁଭଫଳ ପ୍ରାପ୍ତ ସହ ଭଲ ଯୋଗ ରହିଛି। ଗୁରୁବାରରୁ ଶନିବାର ମଧ୍ୟରେ ମିଶ୍ରିତ ଫଳ ପାଇବାର ଆଶା ଦେଖାଯାଏ। ମୋଟାମୋଟି ସପ୍ତାହଟି ଭଲରେ କଟିବ।

**କର୍କଟ** ସାପ୍ତାହିକ ଗଣନା ଅନୁଯାୟୀ ଏ ସପ୍ତାହରେ ଆପଣ ସମସ୍ତ ପ୍ରକାର ଶୁଭଫଳ ଲାଭ କରିବେ। କିନ୍ତୁ ଶନିବାର ବନ୍ଧନ ଭୟ ଯୋଗ ରହିଥିବାରୁ ଏଥିପାଇଁ ସତର୍କତା ଅବଲମ୍ବନ ଜରୁରୀ।

**ସିଂହ** ଏ ସପ୍ତାହ ଆପଣଙ୍କ ପାଇଁ ଆଦୌ ଶୁଭପ୍ରଦ ନୁହେଁ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବାକୁ ହେବ। ଶୁଭଫଳ ଅପେକ୍ଷା ସପ୍ତାହ ସାରା ବିଶେଷ ଅଶୁଭ ଫଳ ପ୍ରଦାନ କରିବ।

**କନ୍ୟା** ସପ୍ତାହର ପ୍ରଥମ ଦିନରୁ ଶୁଭଫଳ ପ୍ରଦାନ କରିବା ଆରମ୍ଭ ହେବ। ପରିବାରରେ ଶାନ୍ତି ବିରାଜମାନ କରିବା ସହିତ ସର୍ବସମ୍ପଦ ଲାଭ ଯୋଗ ଦେଖାଦିଏ। ଏଣୁ ଏ ସପ୍ତାହ ଭଲରେ ବିତିବ।

**ତୁଳା** ସୋମବାର ପ୍ରଚୁର ଧନଲାଭ ହେବ। ମଙ୍ଗଳବାର ଚୋରି ଭୟ ରହିଛି। ବୁଧବାର ଦିନ ଯଶପ୍ରାପ୍ତି ହେବ। ଗୁରୁବାର ହାନୀକାରକ ଏବଂ ଶୁକ୍ରବାର ସାହାଯ୍ୟକାରୀ ଶନି ଅଶୁଭରେ ଥିବା ଜଣାଯାଏ।

**ବିଛା** ସୋମବାରରୁ ବୁଧବାର ଅତ୍ୟନ୍ତ ଅଶୁଭ ଫଳ ପ୍ରଦାନ କରିବ। କିନ୍ତୁ ସପ୍ତାହର ଶୁକ୍ରବାର ଏବଂ ଶନିବାର ଯଥେଷ୍ଟ ଶୁଭଫଳ ପ୍ରାପ୍ତିର ଯୋଗ ରହିଛି। ରବିବାର ଦିନଟି ଅଶୁଭ ଓ ଘାତଚନ୍ଦ୍ର ଯୋଗ ରହିଛି।

**ଧନୁ** ସପ୍ତାହର ଆରମ୍ଭରୁ ଗୁରୁବାର ପର୍ଯ୍ୟନ୍ତ ଅତ୍ୟନ୍ତ ଅଶୁଭଯୋଗ, ହତାଶାଭାବ ଏବଂ ଦ୍ରବ୍ୟ ହାନୀର ଆଶଙ୍କା ରହିଛି। ଶୁକ୍ରବାରଠାରୁ ରବିବାର ପର୍ଯ୍ୟନ୍ତ ପ୍ରେମ ସମ୍ପର୍କ ସୁଖମୟ ହେବାର ଜଣାପଡେ।

**ମକର** ସୋମବାର ଯଶପ୍ରାପ୍ତି ଓ ସମ୍ମାନିତ ହେବାର ଯୋଗ ରହିଛି। ଏହାବ୍ୟତୀତ ଏ ସପ୍ତାହର ସମସ୍ତ ବାର ଅଶୁଭ ଫଳ ପ୍ରଦାନ କରିବାର ଜଣାପଡେ। ତେଣୁ ଜଗିରଖି ଚଳିବାକୁ ହେବ।

**କୁମ୍ଭ** ସପ୍ତାହର ଆରମ୍ଭରୁ ପରିବାରରେ ହସଖୁସି ଲାଗି ରହିବ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ସଫଳତା ଲାଭ କରିବେ। ମାନସମ୍ମାନ ବୃଦ୍ଧି ସହ ଦ୍ରବ୍ୟଲାଭ, ଅର୍ଥଲାଭ ଏବଂ ସମସ୍ତ ପ୍ରାପ୍ତିର ସୁବର୍ଣ୍ଣଯୋଗ ରହିଛି। ଦୂର ଯାତ୍ରା କରିପାରିବେ।

**ମୀନ** ଏ ସପ୍ତାହରୁ ଆପଣଙ୍କର ଭାଗ୍ୟ ଉଦୟ ଆରମ୍ଭ ହେବ। ଉନ୍ନତି ପାଇଁ ପଥ ପରିଷ୍କାର ହେବା ସହିତ ଶତ୍ରୁମାନେ ଦୂରେଇ ଯିବେ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ଲାଭାବନ ହେବେ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ଆପୋଷ ଆଲୋଚନାରେ ରାମ ମନ୍ଦିର ନିର୍ମାଣ ସମ୍ଭବ : ଗଡକରୀ



**ନୂଆଦିଲ୍ଲୀ :** ଆପୋଷ ଆଲୋଚନା ମାଧ୍ୟମରେ ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ କରିବା ଉଚିତ୍ ହେବ ବୋଲି ମତବ୍ୟକ୍ତ କରିଛନ୍ତି କେନ୍ଦ୍ର ମନ୍ତ୍ରୀ ନୀତୀନ୍ ଗଡ଼କରୀ। ଭାରତର ମହାନ୍ ସଂସ୍କୃତି, ଗୌରବୋଜ୍ଜଳ ଐତିହ୍ୟ ସହ ରାମ ମନ୍ଦିର ଜଡ଼ିତ ଥିବାରୁ ଅଯୋଧ୍ୟା ମାମଲାକୁ ସାମ୍ପ୍ରଦାୟିକ ମନେକରିବା ଅନୁଚିତ୍। ପ୍ରଭୁ ରାମଚନ୍ଦ୍ର ଆମ ଇତିହାସ, ସଂସ୍କୃତି ଓ ପୂର୍ବପୁରୁଷଙ୍କ ପ୍ରତୀକ। ପୂର୍ବରୁ ବିବାଦୀୟ ସ୍ଥଳରେ ମନ୍ଦିର ଥିବାର ପ୍ରମାଣ ମିଳିଛି। ଯଦି ଭାରତରେ ରାମ ମନ୍ଦିର ନିର୍ମାଣ କରାଯିବନି ତେବେ କୋଉଠାରେ ନିର୍ମାଣ କରିବା ଉଚିତ୍ ହେବ। ରାମ ମନ୍ଦିର ସହ କୋଟିକୋଟି ଲୋକଙ୍କ ଭାବାବେଗ ଜଡ଼ିତ ଅଛି। ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ କରାଯାଉ ବୋଲି ଅଧିକାଂଶ ଦେଶବାସୀ ଚାହୁଁଛନ୍ତି ବୋଲି ଏକ ନ୍ୟୁଜ ଚାନେଲକୁ ସାକ୍ଷାତକାର ଦେଇ ଗଡକରୀ ଏହା କହିଛନ୍ତି। ସେ ଏ କଥା ମଧ୍ୟ ସ୍ୱୀକାର କରିଛନ୍ତି ଯେ, ରାମ ମନ୍ଦିର ନିର୍ମାଣ ବିଜେପି ଏଜେଣ୍ଡା ଥିଲା ଓ ଏବେ ମଧ୍ୟ ଅଛି। ରାମ ମନ୍ଦିର ନିର୍ମାଣ ପାଇଁ ତିନୋଟି ବାଟ ରହିଛି। ପ୍ରଥମ ରାସ୍ତାଟି କୋର୍ଟ, ଦ୍ୱିତୀୟରେ ଆପୋଷ ଆଲୋଚନା ଓ ତୃତୀୟଟି ହେଉଛି ସଂସଦରେ ଦୁଇ-ତୃତୀୟାଂଶ ମତ ଉପରେ ନିଷ୍ପତ୍ତି କରେ। ତେବେ ତିନୋଟି ଯାକ ରାସ୍ତାରୁ ଆପୋଷ ଆଲୋଚନା ହିଁ ଉଚିତ୍ ହେବ ବୋଲି ସେ ଆଶାବାଦୀ ଅଛନ୍ତି। ତାଙ୍କ ମତରେ ଭାରତରେ 'ସର୍ବଧର୍ମ ସମ୍ଭବ'। ଅଧିକାଂଶ ମୁସଲିମ ଲୋକମାନେ ମଧ୍ୟ ଏହି ବିବାଦର ଆଶୁ ସମାଧାନ କାମନା କରୁଛନ୍ତି। ରାଜନୈତିକ ସ୍ତରରେ ଅଯୋଧ୍ୟା ବିବାଦର ସରଳ ସମାଧାନ ନ ହେବାରୁ ତାହା ସୁପ୍ରିମକୋର୍ଟକୁ ଯାଇଛି। ନିକଟରେ ଶେଷ ହୋଇଥିବା ବିଧାନସଭା ନିର୍ବାଚନ ଉପରେ ଗଡ଼କରୀ କହିଥିଲେ, ନିର୍ବାଚନରେ ଜିତିବା ଓ ହାରିବା ଗଣତନ୍ତ୍ରର ଅଂଶ। ବିଧାନସଭା ନିର୍ବାଚନରେ କମ୍ ଭୋଟ ବ୍ୟବଧାନରେ ହାରିବା ରାଜ୍ୟରେ ବିରୋଧୀ ହାୱାର ପ୍ରଭାବ ଉପରେ ନିର୍ଭର କରେ। ଲୋକସଭା ନିର୍ବାଚନରେ ମୋଦୀ ସରକାରଙ୍କ ବିକାଶ ଏଜେଣ୍ଡା ପ୍ରଧାନ ଅସ୍ତ୍ର। ବିକାଶକୁ ଅସ୍ତ୍ର ରୂପେ ତୋଳି ସେ ବୁଝାଇ ଦେଇଥିଲେ ଯେ ଗତ ୫୦ ବର୍ଷରେ ଯେଉଁ କାମ ହୋଇପାରି ନଥିଲା ମୋଦୀ ସରକାର ଗତ ସାଢ଼େ ଚାରିବର୍ଷ ମଧ୍ୟରେ ତାହା କରି ଦେଖାଇଛନ୍ତି।

# ରେଳ ଷ୍ଟେସନର ବିକାଶ ଲାଗି ଏସ୍‌ବିଆଇ ଦେବ ଋଣ



**ନୂଆଦିଲ୍ଲୀ :** ଭାରତୀୟ ରେଳବାଇର ବିଭିନ୍ନ ଷ୍ଟେସନ୍‌କୁ ବିକଶିତ କରିବା ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ଋଣ ଯୋଗାଇ ଦେବ। ଏନେଇ ନୂଆଦିଲ୍ଲୀରେ ଭାରତୀୟ ରେଳବାଇ ଷ୍ଟେସନ୍ ବିକାଶ ନିଗମ (ଆଇଆର୍‌ଏସ୍‌ଡିସି), ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଓ ଏସ୍‌ବିଆଇ କ୍ୟାପିଟାଲ୍ ମାର୍କେଟ୍ସ ଲିମିଟେଡ୍ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷର ହୋଇଛି। ଏହି ଅବସରରେ ଏସ୍‌ବିଆଇ ଅଧ୍ୟକ୍ଷ ଅଜିତ୍ ବସୁ ଏବଂ ରେଲ୍‌ୱେ ବୋର୍ଡର ସଦସ୍ୟ (ଇଞ୍ଜିନିୟରିଂ) ଏବଂ ଆଇଆର୍‌ଏସ୍‌ଡିସିର ଅଧ୍ୟକ୍ଷ ବିଶ୍ୱେଷ ଚୌବେ ପ୍ରମୁଖ ଉପସ୍ଥିତ ଥିଲେ। ଚୌବେ କହିଛନ୍ତି ଯେ ପ୍ରାରମ୍ଭରେ ଦେଶର ୫୦ଟି ରେଳ ଷ୍ଟେସନ୍‌କୁ ମାଇକ୍ରୋ ସ୍ମାର୍ଟ ସିଟି ରୂପେ ବିକଶିତ କରିବା ଲାଗି ବ୍ୟାଙ୍କ ଓ ଏସ୍‌ବିଆଇ କ୍ୟାପିଟାଲ୍ ମାର୍କେଟ୍‌ରୁ ଋଣ ନିଆଯିବ ଏବଂ ଏହି ଋଣର କୌଣସି ସୀମା ରହିବନାହିଁ। ଏହି ଋଣ ଆସନ୍ତା ୧୫ରୁ ୨୦ ବର୍ଷ ମଧ୍ୟରେ ନିଆଯିବ। ପ୍ରାୟ ୫୦ଟି ଷ୍ଟେସନ୍‌ର ବିକାଶ ଲାଗି ବଛାଯାଇଛି ବୋଲି ଆଇଆର୍‌ଏସ୍‌ଡିସିର ପ୍ରବନ୍ଧ ନିର୍ଦ୍ଦେଶକ (ଏମ୍‌ଡି) ଏସ୍.କେ. ଲୋହିଆ ପ୍ରକାଶ କରିଛନ୍ତି। ଏଥିଲାଗି ଆରମ୍ଭରେ ୫୦ ହଜାର କୋଟି ଟଙ୍କା ଆବଶ୍ୟକ ହେବ ଏବଂ ଯଦି ଷ୍ଟେସନ୍‌ର ବାଣିଜ୍ୟିକ ବିକାଶ କରାଯିବ, ତେବେ ୧ଲକ୍ଷ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଅର୍ଥ ଆବଶ୍ୟକ ହେବ। ଏସ୍‌ବିଆଇ ଓ ନିଗମ ମଧ୍ୟରେ ଏହି ଚୁକ୍ତି ଦ୍ୱାରା ଷ୍ଟେସନ୍‌ର ବିକାଶ ତଥା ପୁନର୍ବିକାଶ ପାଇଁ ଭାଗ ନେବାକୁ ଥିବା ବେସରକାରୀ ଡେଭଲପର୍‌ମାନେ ମଧ୍ୟ ବ୍ୟାଙ୍କରୁ ସହଜରେ ଋଣ ନେଇପାରିବେ।

# ବିମୁଦ୍ରୀକରଣ: ନୋଟ୍ ଛପାରେ ଖର୍ଚ୍ଚ ୮ ହଜାର କୋଟି



**ନୂଆଦିଲ୍ଲୀ :** ବିମୁଦ୍ରାକରଣକୁ ଦୁଇବର୍ଷ ପୂରିବା ପରେ ମଧ୍ୟ ଏହା ଏକ ବୃହତ୍ ତଥା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଛି। କଳାଧନ ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ କେନ୍ଦ୍ର ସରକାର ବିମୁଦ୍ରାକରଣ ଘୋଷଣା କରିଥିଲେ। ଯାହା ଫଳରେ ସମସ୍ତ ୫୦୦ ଏବଂ ୧୦୦୦ ଟଙ୍କିଆ ନୋଟ୍‌ର ପ୍ରଚଳନକୁ ବନ୍ଦ କରିଦିଆଯାଇଥିଲା। ଏହା ପରଠାରୁ ବିମୁଦ୍ରାକରଣ ବା ନୋଟ୍‌ବନ୍ଦୀକୁ ନେଇ ପ୍ରତ୍ୟହ ବିଭିନ୍ନ ପ୍ରକାରର ତଥ୍ୟ ସାମ୍ନାକୁ ଆସୁଛି। ସଂସଦରେ ଶୀତକାଳୀନ ଅଧିବେଶନ ଚାଲିଥିବାବେଳେ ଏଥିରେ ବିମୁଦ୍ରାକରଣକୁ ନେଇ ଅନ୍ୟ ଏକ ଖବର ସାମ୍ନାକୁ ଆସିଛି। ବିମୁଦ୍ରାକରଣ ସମ୍ବନ୍ଧରେ ଘୋଷଣା ହୋଇଥିବା ବର୍ଷ ଅର୍ଥାତ୍ ଆର୍ଥିକ ବର୍ଷ ୨୦୧୬-୧୭ରେ ନୋଟ୍‌ଗୁଡ଼ିକର ପ୍ରିଣ୍ଟିଂ ଖର୍ଚ୍ଚ ବୃଦ୍ଧି ପାଇ ୭,୯୬୫ କୋଟି ଟଙ୍କାରେ ପହଞ୍ଚିଥିଲା ବୋଲି ସଂସଦରେ ଏହାକୁ ନେଇ ପଚରାଯାଇଥିବା ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ସରକାର ସଂସଦକୁ କହିଛନ୍ତି ଯେ, ଏହାର ପରବର୍ତ୍ତୀ ବର୍ଷ ଅର୍ଥାତ୍ ୨୦୧୭-୧୮ରେ ନୂଆନୋଟ୍‌ର ଛପା ଖର୍ଚ୍ଚ ୪,୯୧୨ କୋଟି ଟଙ୍କା ରହିଛି। ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ରାଜ୍ୟସଭାରେ ଲିଖିତ ଉତ୍ତର ଦେଇଛନ୍ତି ଯେ ବିମୁଦ୍ରାକରଣ ପୂର୍ବରୁ ୨୦୧୫-୧୬ରେ ନୋଟ୍‌ଗୁଡ଼ିକର ଛପାରେ ୩,୪୨୧ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା ଏବଂ ସେଗୁଡ଼ିକୁ ଦେଶବ୍ୟାପୀ ପଠାଇବା ଉପରେ ୨୦୧୫-୧୬, ୨୦୧୬-୧୭ ଓ ୨୦୧୭-୧୮ରେ ଯଥାକ୍ରମେ ୧୦୯ କୋଟି, ୧୪୭ କୋଟି ଓ ୧୧୫ କୋଟି ଟଙ୍କା ଖର୍ଚ୍ଚ ହୋଇଛି।ସରକାର ଏହା ମଧ୍ୟ ସ୍ୱୀକାର କରିଛନ୍ତି ଯେ ବିମୁଦ୍ରାକରଣ ସମୟରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)ର ତିନିଜଣ କର୍ମଚାରୀଙ୍କ ସମେତ ଲାଇନ୍‌ରେ ଛିଡ଼ା ହୋଇଥିବା ଜଣେ ଗ୍ରାହକଙ୍କ ଜୀବନ ଯାଇଛି। ଏଥିସହ ମୃତ୍ୟୁବରଣ କରିଥିବା ୩ଜଣ ବ୍ୟାଙ୍କ କର୍ମଚାରୀଙ୍କ ପରିବାରବର୍ଗଙ୍କୁ କ୍ଷତିପୂରଣ ବାବଦକୁ ୪୪.୦୬ ଲକ୍ଷ ଟଙ୍କା ଏବଂ ସମ୍ପୃକ୍ତ ଗ୍ରାହକଙ୍କ ପରିବାରବର୍ଗଙ୍କୁ ୩ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ସିପିଏମ୍‌ର ଇ. କରିମ୍ ବିମୁଦ୍ରାକରଣ ସମୟରେ ବ୍ୟାଙ୍କରେ ନୋଟ୍ ବଦଳାଇବା ଲାଗି ଲାଇନ୍‌ରେ ଛିଡ଼ା ହୋଇଥିବା ମୃତକଙ୍କ ତାଲିକା ମାଗିବାରୁ ଜେଟ୍‌ଲୀ ଏ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଅପରପକ୍ଷେ ବିମୁଦ୍ରାକରଣରୁ ଉଦ୍ୟୋଗ ଏବଂ ନିଯୁକ୍ତି ଉପରେ ପଡ଼ିଥିବା ପ୍ରଭାବର କୌଣସି ଅଧ୍ୟୟନ ହୋଇଛି କି ନାହିଁ, ସେ ସମ୍ପର୍କରେ ପଚରାଯାଇଥିବା ପ୍ରଶ୍ନରେ କୌଣସି ବିଶିଷ୍ଟ ଅଧ୍ୟୟନ ହୋଇନାହିଁ ବୋଲି ଜେଟ୍‌ଲୀ କହିଛନ୍ତି। କେନ୍ଦ୍ର ସରକାର କହିଛନ୍ତି ଯେ ନୋଟ୍‌ବନ୍ଦୀ ସମୟରେ ବ୍ୟାଙ୍କରେ ନୋଟ୍ ବଦଳାଇବା ଲାଗି ଲାଇନ୍‌ରେ ଛିଡ଼ା ହୋଇଥିବା ଲୋକଙ୍କର ମୃତ୍ୟୁ ତାଲିକା କେବଳ ଷ୍ଟେଟ୍ ବ୍ୟାଙ୍କ ପ୍ରଦାନ କରିଛି। ଉକ୍ତ ତାଲିକାରେ ଅଧିକ କାମର ଚାପ ଥିବାରୁ ସେମାନଙ୍କର ମୃତ୍ୟୁ ଘଟିଛି ବୋଲି ଏସ୍‌ବିଆଇ ଉଲ୍ଲେଖ କରିଛି। ଏସ୍‌ବିଆଇ ବ୍ୟତୀତ ଅନ୍ୟ କୌଣସି ବ୍ୟାଙ୍କ ତରଫରୁ ଏ ସମ୍ବନ୍ଧରେ କୌଣସି ପ୍ରକାର ସୂଚନା ହସ୍ତଗତ ହୋଇନାହିଁ ବୋଲି ଜେଟ୍‌ଲୀ ଉଲ୍ଲେଖ କରିଛନ୍ତି।

## '୨୦୧୯ରେ ପୁଣି ସରକାର ଗଢ଼ିବ ବିଜେପି'

**ମୁମ୍ବାଇ :** ବିରୋଧୀଙ୍କ ମହାଗଠବନ୍ଧନକୁ ଗୋଟିଏ ପ୍ରହେଳିକା ବୋଲି କହିଛନ୍ତି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହା। ଏଥିସହ ୨୦୧୯ ଲୋକସଭା ନିର୍ବାଚନରେ ତାଙ୍କ ଦଳ ପୁଣିଥରେ କ୍ଷମତାକୁ ଫେରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ମୁମ୍ବାଇରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଶାହା କହିଛନ୍ତି ଯେ, ଶିବସେନା-ବିଜେପି ଲୋକସଭା ନିର୍ବାଚନ ଲଢ଼ିବେ। ବିଜେପିକୁ କ୍ଷମତାଚ୍ୟୁତ କରିବାକୁ କଂଗ୍ରେସ ସମେତ ଅନ୍ୟାନ୍ୟ ବିରୋଧୀଙ୍କ ମହାଗଠବନ୍ଧନ ଗୋଟିଏ ଭ୍ରାନ୍ତି ଛଡ଼ା ଆଉ କିଛି ନୁହେଁ। ଦେଶରେ କୌଣସି ସ୍ଥାନରେ ମହାଗଠବନ୍ଧନର ଲେଶ ମାତ୍ର ଚିହ୍ନବର୍ଣ୍ଣ ନାହିଁ। ୨୦୧୪ରେ ବିଜେପି ସେମାନଙ୍କ ସହ ଲଢ଼ି ସରକାର ଗଠନ କରିଛି। ମହାଗଠବନ୍ଧନରେ ଯୋଗ ଦେବାକୁ ଯାଉଥିବା ଦଳଗୁଡ଼ିକୁ ଆଞ୍ଚଳିକ ଦଳ ବିବେଚନା କରି ଅମିତ କହିଥିଲେ ଯେ, ସେଗୁଡ଼ିକ ପରସ୍ପରକୁ ସାହାଯ୍ୟ କରିପାରିବେନି। ୨୦୧୯ରେ ବିଜେପି ପଶ୍ଚିମବଙ୍ଗ, ଉତ୍ତର-ପୂର୍ବ ଓ ଓଡ଼ିଶାରେ ଜିତିବ। ଏନ୍‌ଡିଏର ସଫଳତା ବିଷୟରେ ବର୍ଣ୍ଣନା କରି ଅମିତ କହିଥିଲେ ଯେ ଗତ ୫ ବର୍ଷରେ ମୋଦୀ ସରକାର ଜାତୀୟ ନିରାପତ୍ତାକୁ ସୁଦୃଢ଼ କରିବା ସହ ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ନିୟନ୍ତ୍ରଣ କରିପାରିଛନ୍ତି। ଦେଶରେ ୮ କୋଟି ଶୌଚାଳୟ ଓ ୨.୫ କୋଟି ଘରକୁ ବିଦ୍ୟୁତ୍ ସଂଯୋଗ କରାଯାଇଛି। ଅମିତଙ୍କ ମତରେ ଦେଶ ପାଇଁ ଶକ୍ତିଶାଳୀ ସରକାରର ଆବଶ୍ୟକତା ଅଛି। ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ ନିର୍ବାଚନରେ ବିଜେପିକୁ ସଫଳତା ମିଳିନି ସତ; କିନ୍ତୁ ସେଗୁଡ଼ିକର ଫଳାଫଳ ସହ ୨୦୧୯ ଲୋକସଭା ନିର୍ବାଚନକୁ ଯୋଡ଼ିବା ଉଚିତ୍ ହେବନି ବୋଲି ଅମିତ ସଫେଇ ଦେଇଛନ୍ତି। ତାଙ୍କ ମତରେ ରାଜ୍ୟ ବିଧାନସଭା ନିର୍ବାଚନ ସହ ଲୋକସଭା ନିର୍ବାଚନକୁ ତୁଳନା କରିବା ଯୁକ୍ତିଯୁକ୍ତ ନୁହେଁ। ଦୁଇଟି ଯାକ ନିର୍ବାଚନରେ ସମାନ ପ୍ରସଙ୍ଗ ନଥାଏ। ସେ ବୁଝାଇ ଦେଇଥିଲେ ଯେ ଲୋକଙ୍କ ପାଇଁ କାମ କରିବା ସେମାନଙ୍କର କର୍ତ୍ତବ୍ୟ। ନିର୍ବାଚନର ଫଳାଫଳ ସେମାନଙ୍କ ବିରୋଧରେ ଗଲେ ମଧ୍ୟ ତାହାକୁ ଗ୍ରହଣ କରିବେ। ୨୦୧୪ରେ ବିଜେପି ୬ଟି ରାଜ୍ୟରେ କ୍ଷମତାରେ ଥିଲା। ଏବେ ୧୬ଟି ରାଜ୍ୟରେ କ୍ଷମତାସୀନ ଅଛି। ସେହି ଦୃଷ୍ଟିରୁ ଦେଖିଲେ ୨୦୧୯ରେ ବିଜେପି ଜିତିବ।

## ଅଭିବୃଦ୍ଧି ହାରରେ ଭାରତ ଠାରୁ ଚୀନ୍ ଆଗୁଆ



**ନୂଆଦିଲ୍ଲୀ :** ବିଶ୍ୱର ଦୁଇ ପ୍ରମୁଖ ପ୍ରଗତୀଶୀଳ ଅର୍ଥନୈତିକ ରାଷ୍ଟ୍ର ଭାବେ ଭାରତ ଏବଂ ଚୀନ୍ ବିଗତ ବର୍ଷ ଗୁଡିକରେ ବିଭିନ୍ନ କ୍ଷେତ୍ରରେ ଦୃଷ୍ଟାନ୍ତମୂଳକ ପରିବର୍ତ୍ତନ ଆଣିଛନ୍ତି। ଦୁଇ ପଡୋଶୀ ରାଷ୍ଟ୍ର ଭାବେ ଅଧିକାଂଶ କ୍ଷେତ୍ରରେ ଉଭୟଙ୍କ ଆର୍ଥିକ ବ୍ୟବସ୍ଥାକୁ ନେଇ ବିଭିନ୍ନ ମହଲରେ ତର୍ଜମା କରାଯାଇଥିବା ବେଳେ ଅନେକ କ୍ଷେତ୍ରରେ ଚୀନ୍ ଭାରତ ଠାରୁ ଦ୍ରୁତ ଅଭିବୃଦ୍ଧି ହାସଲ କରିଥିବା ଦେଖାଯାଇଛି। ୪୦ ବର୍ଷ ତଳେ ଚୀନ୍‌ରେ ଆରମ୍ଭ ହୋଇଥିବା ଆର୍ଥିକ ସଂସ୍କାର ବ୍ୟବସ୍ଥାକୁ ନେଇ ଏବେ ଏହି ରାଷ୍ଟ୍ର ଅନେକ କ୍ଷେତ୍ରରେ ଭାରତ ଠାରୁ ଆଗୁଆ ରହିଛି। ସାମଗ୍ରିକ ଘରୋଇ ଉତ୍ପାଦନ(ଜିଡିପି)ରେ ଚୀନ୍ ଯଥେଷ୍ଟ ଆଗୁଆ ରହିଥିବା ବେଳେ ବିଶ୍ୱ ବାଣିଜ୍ୟ ବ୍ୟବସାୟରେ ଏହାର ସହଭାଗିତା ମଧ୍ୟ ଉଲ୍ଲେଖନୀୟ ରହିଛି। ବିଶେଷ କରି ମାନୁଫାକ୍‌ଚରିଂ କ୍ଷେତ୍ରରେ ଏହି ରାଷ୍ଟ୍ର ସର୍ବାଧିକ ଅଭିବୃଦ୍ଧି ହାସଲ କରି ଲକ୍ଷ ଲକ୍ଷ ଲୋକଙ୍କ ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଆଣିପାରିଛି। ଯାହାକି ବିଶ୍ୱ ସ୍ତରରେ ଶକ୍ତି ଉପଯୋଗ କ୍ଷେତ୍ରରେ ଚୀନ୍ ନିଜକୁ ପ୍ରମାଣିତ କରିଛି। ୧୯୮୦ ମସିହାରେ ବିଶ୍ୱ ଶକ୍ତି ଉପଯୋଗ ତାଲିକାରେ ଚୀନ୍‌ର ଭାଗ ୨.୩ ପ୍ରତିଶତ ରହିଥିବା ବେଳେ ୨୦୧୭ ବର୍ଷରେ ଏହା ୧୮.୨ ପ୍ରତିଶତରେ ପହଞ୍ଚିଛି। ହେଲେ ଭାରତରେ ଏହି କ୍ଷେତ୍ରରେ ଅବନତି ଘଟିଛି। ୧୯୮୪ ମସିହାରେ ଶକ୍ତି ଉପଯୋଗ କ୍ଷେତ୍ରରେ ଭାରତ ଚୀନ୍ ଠାରୁ ଆଗୁଆ ରହିଥିବାଳ ବେଳେ ବର୍ତ୍ତମାନ ଏହି ସ୍ଥିତିରେ ଅବନତି ଘଟିଥିବା କୁହାଯାଇଛି। ମାନୁଫାକ୍‌ଚରିଂ କ୍ଷେତ୍ର ଚୀନ୍‌କୁ ବିଶ୍ୱସ୍ତରରେ ସବୁଠାରୁ ଆଗୁଆ କରିପାରିଛି ବୋଲି କୁହାଯାଇଛି।

# ୫୦ ଲକ୍ଷ ନିଯୁକ୍ତି ପାଇଁ ମୋଦି ସରକାରଙ୍କ ମେଗା ଯୋଜନା



**ନୂଆଦିଲ୍ଲୀ :** ପର୍ଯ୍ୟପ୍ତ ନିଯୁକ୍ତି ସୃଷ୍ଟି କ୍ଷେତ୍ରରେ ମୋଦି ସରକାର ଫେଲ୍ ମାରିଛନ୍ତି ବୋଲି ବିରୋଧୀଦଳଗୁଡିକ ପକ୍ଷରୁ ବାରମ୍ବାର ଅଭିଯୋଗ କରାଯିବା ପରେ ଏଥିନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଚିନ୍ତା ପ୍ରକଟ କରାଯିବା ସହ ନିଯୁକ୍ତି ସଂଖ୍ୟା ବୃଦ୍ଧି ପାଇଁ ଏକ ମେଗା ଯୋଜନା ପ୍ରସ୍ତୁତ କରାଯାଇଛି। ଅଣ ବୈଷୟିକ ଏବଂ କଳା ବିଭାଗରେ ପାସ୍ କରିଥିବା ଯୁବକ ଯୁବତୀମାନଙ୍କୁ ନିଯୁକ୍ତି ଦେବା ଲକ୍ଷ୍ୟରେ ସେମାନଙ୍କୁ ଶିଳ୍ପଭିତ୍ତିକ ତାଲିମ ଦେବା ନେଇ ଏହି ଯୋଜନା ପ୍ରସ୍ତୁତ କରାଯାଇଛି। କେନ୍ଦ୍ର ମାନବସମ୍ବଳ ବିକାଶ, ଦକ୍ଷତା ବିକାଶ ଏବଂ ଶ୍ରମ ବିଭାଗ ପକ୍ଷରୁ ମିଳିତ ଭାବେ ଅଣ୍ଡର ଗ୍ରାଜୁଏଟମାନଙ୍କୁ ଆସନ୍ତା ବର୍ଷ ଠାରୁ ଉଭୟ ସରକାରୀ ଏବଂ ବେସରକାରୀ ଶିକ୍ଷାନୁଷ୍ଠାନରେ ଏହି ପ୍ରଶିକ୍ଷଣ ଦିଆଯିବ। ପ୍ରଥମ ପର୍ଯ୍ୟାୟରେ ୨୦୧୯-୨୦ ଆର୍ଥିକ ବର୍ଷରେ ୧୦ ଲକ୍ଷ ଛାତ୍ରଛାତ୍ରୀଙ୍କୁ ଏହି ପ୍ରଶିକ୍ଷଣ ଦିଆଯିବା ସହ ୨୦୨୨ ସୁଦ୍ଧା ଏହି ସଂଖ୍ୟାକୁ ୫୦ ଲକ୍ଷରେ ପହଞ୍ଚାଯିବ ବୋଲି କୁହାଯାଇଛି। ନ୍ୟାସନାଲ ଆପ୍ରେଣ୍ଟିସିପ୍ ପ୍ରମୋସନ ସ୍କିମ୍(ଏନଏପିଏସ) ପାଣ୍ଠିରୁ ୧୦, ୦୦୦ କୋଟି ଟଙ୍କା ଆଣି ଏଥିପାଇଁ ବ୍ୟୟବରାଦ କରାଯାଇ ଛାତ୍ରଛାତ୍ରୀମାନଙ୍କୁ ଷ୍ଟାଇପେଣ୍ଡ ପ୍ରଦାନ କରାଯିବ ବୋଲି କୁହାଯାଇଛି। ଏହାଛଡା ସରକାରୀ ଭାବେ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ୨୫ ପ୍ରତିଶତ ହାରରେ ମାସିକ ୧୫୦୦ ଟଙ୍କାର ଭତ୍ତା ଦିଆଯିବ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ଶେଷ ବର୍ଷ ଗ୍ରାଜୁଏଟ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ସହ ସେମାନଙ୍କୁ ତୁରନ୍ତ ନିଯୁକ୍ତି ଯୋଗାଇ ଦେବା ପାଇଁ ୬ ରୁ ୧୦ ମାସ ପର୍ଯ୍ୟନ୍ତ ପ୍ରଶିକ୍ଷଣ ଦିଆଯିବ ଏବଂ ଉପଯୁକ୍ତ ସଂସ୍ଥାରେ ଚାକିରି ଯୋଗାଇ ଦିଆଯିବ ବୋଲି ଯୋଜନା କରାଯାଇଛି। ନିକଟରେ ୩ଟି ରାଜ୍ୟରେ ଶେଷ ହୋଇଥିବା ବିଧାନସଭା ନିର୍ବାଚନରେ ନିଯୁକ୍ତି ପ୍ରସଙ୍ଗକୁ ବିରୋଧୀ କଂଗ୍ରେସ ଦଳ ମୁଖ୍ୟ ଆୟୁଧ କରି ସଫଳତା ହାସଲ କରିଥିବା ବେଳେ ଏବେ ଏହା ମୋଦୀ ସରକାରଙ୍କ ପାଇଁ ବହୁ ଗୁରୁତ୍ୱ ବହନ କରୁଛି। ସେହି ଲକ୍ଷ୍ୟରେ ଖୁବ୍‌ଶୀଘ୍ର ଏହି ଯୋଜନା କାର୍ଯ୍ୟକାରୀ କରାଯିବ ବୋଲି ସରକାରୀ ସ୍ତରରେ କୁହାଯାଇଛି। ଏହା ଛଡା ଆସନ୍ତା ୧୦ ବର୍ଷ ମଧ୍ୟରେ ଭାରତରେ ପ୍ରାୟ ୯.୯୪ କୋଟି ଅତିରିକ୍ତ ନିଯୁକ୍ତିର ଆବଶ୍ୟକତା ପଡିବ ବୋଲି ଗ୍ଲୋବାଲ ଷ୍ଟ୍ରାଟେଜି କନ୍‌ସଲଟିଂ ସଂସ୍ଥା ପିଡବ୍ଲୁସି ପକ୍ଷରୁ ଆକଳନ କରାଯାଇଥିବାରୁ କେନ୍ଦ୍ର ସରକାର ଏନେଇ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି ବୋଲି କୁହାଯାଇଛି।

# ରାସନକାର୍ଡଧାରୀଙ୍କୁ ମାଗଣାରେ ଏଲ୍‌ପିଜି କନେକ୍ସନ !



**ନୂଆଦିଲ୍ଲୀ :** ନବବର୍ଷରେ ପ୍ରତ୍ୟେକ ରାସନ୍ କାର୍ଡଧାରକଙ୍କୁ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା (ପିଏମ୍‌ୟୁୱାଇ) ଅନ୍ତର୍ଗତ ମାଗଣାରେ ଏଲ୍‌ପିଜି ଗ୍ୟାସ୍ କନେକ୍ସନ ଯୋଗାଇ ଦିଆଯିବ ବୋଲି ଜଣାପଡ଼ିଛି। ବର୍ତ୍ତମାନ ସୁଦ୍ଧା ଉଜ୍ଜ୍ୱଳା ଯୋଜନାର ଲାଭ କେବଳ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି (ଏସ୍‌ସି-ଏସ୍‌ଟି) ଏବଂ ଓବିସି ବର୍ଗକୁ ପ୍ରଦାନ କରାଯାଉଥିଲା। ମାତ୍ର କେନ୍ଦ୍ର ସରକାର ନବବର୍ଷଠାରୁ ପ୍ରତ୍ୟେକ ରାସନ୍‌କାର୍ଡଧାରକଙ୍କୁ ମାଗଣାରେ ଏଲ୍‌ପିଜି କନେକ୍ସନ ଯୋଗାଇଦେବା ଲାଗି ପ୍ରସ୍ତୁତି ଚଳାଇଛନ୍ତି। ଚଳିତ ସପ୍ତାହରେ ଏ ସମ୍ପର୍କରେ ଘୋଷଣା କରାଯିବାର ସମ୍ଭାବନା ରହିଛି ବୋଲି ଉଲ୍ଲେଖ କରାଯାଇଛି। ଯେଉଁମାନଙ୍କ ନିକଟରେ ରାସନ୍‌କାର୍ଡ ଓ ଆଧାରକାର୍ଡ ଥିବ ଏବଂ ସେମାନେ ନିଜକୁ ଗରିବ ଶ୍ରେଣୀର ବୋଲି ପରିଚୟ ଦେଇଥିବେ, ସେମାନେ ହିଁ ଏହି ନୂତନ ଯୋଜନାର ଫାଇଦା ଉଠାଇପାରିବେ। ରାସନ୍ କାର୍ଡରେ ପରିବାରର ମୁଖ୍ୟ ମହିଳାଙ୍କ ନାଁରେ ଏହି ଯୋଜନାର ଲାଭ ଉପଲବ୍ଧ ହେବ। ଏନେଇ ମୁଖ୍ୟାଳୟକୁ ଜିଲ୍ଲା ଯୋଗାଣ ବିଭାଗ ଡାଟା ପଠାଇବା ପ୍ରସ୍ତୁତିରେ ରହିଥିବାବେଳେ ହିନ୍ଦୁସ୍ତାନ ପେଟ୍ରୋଲିୟମ୍ ତରଫରୁ ସମସ୍ତ ଏଜେନ୍ସି ପାଇଁ ସର୍କୁଲାର ଜାରି କରାଯାଇଛି। କେନ୍ଦ୍ରରେ ଭାଜପା ସରକାରଙ୍କ ଶାସନ ଚାଲିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପରିବେଶକୁ ପ୍ରଦୂଷଣମୁକ୍ତ ଏବଂ ଗ୍ରାମୀଣ ତଥା ଗରିବ ମହିଳାଙ୍କୁ ଚୂଲା ନିକଟରୁ ଦୂରେଇ ରଖିବା ଉଦ୍ଦେଶ୍ୟରେ ଉଜ୍ଜ୍ୱଳା ଗ୍ୟାସ୍ କନେକ୍ସନ୍ ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନା ଅନ୍ତର୍ଗତ ସମଗ୍ର ଦେଶରେ ଏସ୍‌ସି-ଏସ୍‌ଟି ବର୍ଗର ଲୋକଙ୍କୁ ମାଗଣାରେ ରନ୍ଧନ ଗ୍ୟାସ୍ କନେକ୍ସନ ବିତରଣ କରାଗଲା। ଉଜ୍ଜ୍ୱଳା ଅନ୍ତର୍ଗତ ବର୍ତ୍ତମାନ ସୁଦ୍ଧା ପ୍ରାୟ ୧.୬୧ ଲକ୍ଷ ଲୋକଙ୍କୁ କନେକ୍ସନ୍ ଦିଆଯାଇସାରିଛି। ଏହି ଯୋଜନାର ସଫଳତାକୁ ଦୃଷ୍ଟିରେ ରଖି ସରକାର ଏହାର ପରିସରକୁ ବଢ଼ାଇ ଓବିସି ବର୍ଗର ଲୋକମାନଙ୍କୁ ବି ମାଗଣା ରନ୍ଧନ ଗ୍ୟାସ୍ ଯୋଗାଇଲେ। ବର୍ତ୍ତମାନ ସମସ୍ତ ଆବଶ୍ୟକୀୟ ବର୍ଗର ଲୋକମାନଙ୍କୁ ଏହି ଯୋଜନା ଯୋଗାଇଦେବା ଲାଗି ସରକାର ପ୍ରସ୍ତୁତି ଚଳାଇଛନ୍ତି। ଏହା ଅନ୍ତର୍ଗତ ପ୍ରତି ରାସନ୍‌କାର୍ଡଧାରକଙ୍କୁ ମାଗଣାରେ ଏଲ୍‌ପିଜି ଗ୍ୟାସ୍ ବଣ୍ଟାଯିବ। ଯୋଜନାର ସଫଳତାକୁ ଦୃଷ୍ଟିରେ ରଖି ଗତ ବଜେଟ୍‌ରେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଏଥିଲାଗି ୪,୮୦୦ କୋଟି ଟଙ୍କାର ଅତିରିକ୍ତ ରାସନ୍‌କାର୍ଡ ଆବଣ୍ଟନ ସମ୍ପର୍କରେ ଘୋଷଣା କରିବା ସହ ଏହି ଲକ୍ଷ୍ୟକୁ ବୃଦ୍ଧି କରାଯାଇ ଆସନ୍ତା ୨୦୨୦ ସୁଦ୍ଧା ପ୍ରାୟ ୮କୋଟି ପରିବାରକୁ ରାସନ୍ କାର୍ଡର ଲାଭ ପହଞ୍ଚାଯିବ ବୋଲି ସୁନିଶ୍ଚିତ କଲେ। ବର୍ତ୍ତମାନ ସୁଦ୍ଧା ଏହି ଯୋଜନା ଅନ୍ତର୍ଗତ ପ୍ରାୟ ୫.୮ କୋଟି ପରିବାର ଲାଭ ପାଇଛନ୍ତି, ଯାହା ଧାର୍ଯ୍ୟ ହୋଇଥିବା ଲକ୍ଷ୍ୟ ଅନୁସାରେ ଖୁବ୍ କମ୍। ଆସନ୍ତା ୨୦୨୦ ମସିହା ମାର୍ଚ୍ଚ ସୁଦ୍ଧା ପ୍ରତ୍ୟେକ ଗରିବଙ୍କୁ ପ୍ରାୟ ୩କୋଟି ଅତିରିକ୍ତ ମାଗଣା ଏଲ୍‌ପିଜି ଗ୍ୟାସ୍ କନେକ୍ସନ୍ ଯୋଗାଇ ଦିଆଯିବ ବୋଲି ଉଲ୍ଲେଖ କରାଯାଇଛି। ଏହି ଯୋଜନା ଅନ୍ତର୍ଗତ ସରକାର ପ୍ରତ୍ୟେକ ମାଗଣା ଏଲ୍‌ପିଜି ଗ୍ୟାସ୍ କନେକ୍ସନ ପାଇଁ ରାଜ୍ୟର ତୈଳ ରିଟେଲରମାନଙ୍କୁ ୧୬୦୦ ଟଙ୍କାର ସବ୍‌ସିଡି ପ୍ରଦାନ କରିବେ। ଏହାଦ୍ୱାରା ରିଟେଲରମାନେ ଗରିବ ପରିବାରରେ ଏହି କନେକ୍ସନକୁ ଇନ୍‌ଷ୍ଟଲ୍ କରିପାରିବେ। ତେବେ ସିଲିଣ୍ଡରର ସିକ୍ୟୁରିଟି ଫି' ଏବଂ ଫିଟିଂ ଚାର୍ଜ୍ ଲାଗି ଏହି ସବ୍‌ସିଡି ଦିଆଯିବ। ଏହାକୁ ଦୃଷ୍ଟିରେ ରଖି ସରକାର ଏହି ନୂତନ ଯୋଜନାକୁ ସମସ୍ତ ଗରିବଙ୍କ ନିକଟରେ ପହଞ୍ଚାଇବା ଲାଗି ନିଷ୍ପତ୍ତି ନେଇଛନ୍ତି। ପ୍ରକାଶଯୋଗ୍ୟ, ବର୍ତ୍ତମାନ ସୁଦ୍ଧା ସମଗ୍ର ଦେଶରେ ପ୍ରାୟ ୯.୨୭ କୋଟି ରାସନ୍‌କାର୍ଡଧାରକ ରହିଛନ୍ତି। ତେବେ ଏହି ନୂତନ ପରିବର୍ତ୍ତନ ପରେ କୋଟିକୋଟି ଲୋକଙ୍କୁ ଏହି ଯୋଜନାର ଫାଇଦା ମିଳିବ।

### କୋଣାର୍କ ସୂର୍ଯ୍ୟମନ୍ଦିର ସୁରକ୍ଷା ପ୍ରସଙ୍ଗ

# ଜାନୁଆରୀ ୨୧ରେ ପରବର୍ତ୍ତୀ ଶୁଣାଣି

**କଟକ :** କୋଣାର୍କର ବିଶ୍ୱପ୍ରସିଦ୍ଧ ସୂର୍ଯ୍ୟ ମନ୍ଦିରର ମରାମତି ଓ ସୁରକ୍ଷା ପ୍ରସଙ୍ଗରେ ମଙ୍ଗଳବାର ପ୍ରତ୍ନତତ୍ତ୍ୱ ବିଭାଗ (ଏଏସ୍ଆଇ) ମହାନିର୍ଦ୍ଦେଶକଙ୍କ ପକ୍ଷରୁ ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଛି। ମୁଖ୍ୟ ବିଚାରପତି କେଏସ୍ ଜାଭେରୀ ଓ ବିଚାରପତି କେଆର୍ ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଦାଖଲ ଏହି ସତ୍ୟପାଠରେ କୋଣାର୍କ ମନ୍ଦିର ପ୍ରତି ବିପଦ ନଥିବା କୁହାଯାଇଛି। ମରାମତି ଉନ୍ନତ ଜ୍ଞାନ କୌଶଳରେ କରାଯିବା ସହ ଏହି ଅନ୍ତର୍ଜାତୀୟ ସ୍ତରର ସ୍ଥାପତ୍ୟ ପ୍ରତି ବିପଦ ନଥିବା କୁହାଯାଇଛି। ହାଇକୋର୍ଟ ମାମଲାର ଶୁଣାଣି କରି କେତେଦିନ ମଧ୍ୟରେ ପ୍ରତ୍ନତତ୍ତ୍ୱ ବିଭାଗ ଏ ସମ୍ପର୍କିତ ଆକ୍ସନ୍ ପ୍ଲାନ୍ ଦାଖଲ କରିବ ସେନେଇ ଅଦାଲତଙ୍କୁ ଅବଗତ କରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୯ ଜାନୁଆରୀ ୨୧ରେ ମାମଲାର



ପରବର୍ତ୍ତୀ ଶୁଣାଣି ହେବ ବୋଲି ହାଇକୋର୍ଟ କହିଛନ୍ତି। ଗତ ୧୦ ତାରିଖରେ କୋଣାର୍କ ମନ୍ଦିର ସୁରକ୍ଷା ପ୍ରସଙ୍ଗରେ ପ୍ରତ୍ନତତ୍ତ୍ୱ ବିଭାଗ ତରଫରୁ ଦାଖଲ ସତ୍ୟପାଠରେ ଠିକ୍ ତଥ୍ୟ ଉପସ୍ଥାପନ ହୋଇ ନଥିବାରୁ କୋର୍ଟ ବିରକ୍ତି ପ୍ରକାଶ କରିଥିଲେ। ଏନେଇ ସାନି ସତ୍ୟପାଠ ଦାଖଲ କରିବାକୁ କୋର୍ଟ ପ୍ରତ୍ନତତ୍ତ୍ୱ ବିଭାଗ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅର୍କ କ୍ଷେତ୍ର କୋଣାର୍କ ମନ୍ଦିର ପରିସରରେ ବର୍ଷାଜଳ ଜମିବାରୁ ଏହାର ରକ୍ଷଣାବେକ୍ଷଣା ନେଇ ବ୍ୟାପକ ଅବ୍ୟବସ୍ଥା କରାଯାଉଥିବା ଆବେଦନକାରୀ ଦିଲୀପ ମହାପାତ୍ର ଦର୍ଶାଇଥିଲେ। ଏ ସମ୍ପର୍କରେ ୧୯୯୩ରୁ ୨୦୧୦ ମଧ୍ୟରେ ବିଭିନ୍ନ କମିଟି ଦେଇଥିବା ରିପୋର୍ଟକୁ କାର୍ଯ୍ୟକାରୀ କରାଯାଇ ନାହିଁ ବୋଲି ସେ ଦର୍ଶାଇଥିଲେ। ତେବେ କେନ୍ଦ୍ର ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ କୋଣାର୍କ ମନ୍ଦିରର ରକ୍ଷଣାବେକ୍ଷଣା ନିମନ୍ତେ ଦେଢ଼ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ କରିବା ପାଇଁ ପ୍ରସ୍ତାବ ରହିଥିବା ଦର୍ଶାଯାଇଥିଲା। ପରେ ବିଭାଗ ପକ୍ଷରୁ ଏ ବାବଦରେ ଗ୍ରହଣ କରାଯାଇଥିବା ପଦକ୍ଷେପ ଓ ମନ୍ଦିରର ସ୍ଥିତି ସମ୍ପର୍କରେ ସବିଶେଷ ତଥ୍ୟ ଦାଖଲ କରାଯାଇଥିଲା। ଏସବୁ ସତ୍ତ୍ୱେ ସୂର୍ଯ୍ୟ ମନ୍ଦିରର ସୁରକ୍ଷା ଓ ରକ୍ଷଣାବେକ୍ଷଣା ଠିକ୍ ହେଉ ନଥିବା ଦର୍ଶାଇ ପୁଣି ଥରେ ଆବେଦନକାରୀଙ୍କ ପକ୍ଷରୁ ଏକ ମିସ୍କେସ୍ ଦାଖଲ ହୋଇଥିଲା। ଏଥିରେ ମନ୍ଦିର ସୁରକ୍ଷାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଫଳ ହୋଇଥିବା କୁହାଯାଇଥିଲା। ଭବିଷ୍ୟତରେ ମନ୍ଦିରର ଉପଯୁକ୍ତ ସୁରକ୍ଷା ନିଆ ନଗଲେ ଏହି ଐତିହାସିକ କୀର୍ତ୍ତୀରାଜିର ବିଲୋପ ଘଟିବ ବୋଲି ଦର୍ଶାଇ କେନ୍ଦ୍ର ପ୍ରତ୍ନତତ୍ତ୍ୱ ବିଭାଗ, ରାଜ୍ୟ ସରକାର ପ୍ରମୁଖଙ୍କୁ ଆବେଦନକାରୀ ପକ୍ଷଭୁକ୍ତ କରିଥିଲେ। ଅନ୍ୟପକ୍ଷରେ କୋଣାର୍କ ମନ୍ଦିର ସୁରକ୍ଷା ପ୍ରସଙ୍ଗକୁ ନେଇ ହାଇକୋର୍ଟରେ ଆଉ ଏକ ଜନସ୍ୱାର୍ଥ ମାମଲା ଦକ୍ଷିଣ ଏକଟାଳ ଧର୍ମଶାଳା ଅଞ୍ଚଳର କାଶୀନାଥ ସାହୁଙ୍କ ପୁଅ ସୁଶାନ୍ତଙ୍କ ପକ୍ଷରୁ ରୁଜୁ ହୋଇଛି। ଆଇନଜୀବୀ ସିଦ୍ଧାର୍ଥ ପ୍ରସାଦ ଦାସଙ୍କ ଜରିଆରେ ରୁଜୁ ଏହି ମାମଲାରେ ଆବେଦନକାରୀ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ତ୍ରୟୋଦଶ ଶତାବ୍ଦୀରେ ନିର୍ମିତି ସପ୍ତାଶ୍ଚର୍ଯ୍ୟ ସୂର୍ଯ୍ୟମନ୍ଦିର ସୁରକ୍ଷାରେ ବିଫଳ ବୋଲି ଦର୍ଶାଇଛନ୍ତି।

# ଆୟୁଷ ହସ୍ପିଟାଲ ପ୍ରତିଷ୍ଠାରେ ବିଳମ୍ବ ଦାୟୀ ରାଜ୍ୟ ସରକାର : କେନ୍ଦ୍ରମନ୍ତ୍ରୀ

**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ ଅବହେଳା କାରଣରୁ ବାଲେଶ୍ୱରରେ ୫୦ ଶଯ୍ୟା ବିଶିଷ୍ଟ ଆୟୁଷ ହସ୍ପିଟାଲ ପ୍ରତିଷ୍ଠାରେ ସମସ୍ୟା ଉପୁଜିଛି ବୋଲି କେନ୍ଦ୍ର ଆୟୁଷ ମନ୍ତ୍ରୀ ଶ୍ରୀପଦ ନାଏକ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପତ୍ର ଲେଖି ଜଣାଇଛନ୍ତି। ପୂର୍ବରୁ ଢେଙ୍କାନାଳ ଓ ବ୍ରହ୍ମପୁରରେ ପ୍ରସ୍ତାବିତ ହସ୍ପିଟାଲ ପାଇଁ ରାଜ୍ୟ ସରକାର ସ୍ଥିତିର ଅଗ୍ରଗତି କିମ୍ବା ଅର୍ଥନୈତିକ ଅଗ୍ରଗତି ଉପରେ ଅବଗତି କରି ନଥିବା କାରଣରୁ ବାଲେଶ୍ୱରରେ ହେବାକୁ ଥିବା ପ୍ରକଳ୍ପ ଅନୁମୋଦନ ପାଇଁ ପ୍ରଶାସନିକ ସମସ୍ୟା ରହିଛି ବୋଲି ଶ୍ରୀ ନାଏକ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ଚିଠି ଲେଖି ଜଣାଇଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରେମୁଣାର ବିଧାୟକ ଗୋବିନ୍ଦ ଦାସ ତାଙ୍କ ନିକଟକୁ ପଠାଇଥିବା ଚିଠିକୁ ଉଦ୍ଧୃତ କରି ଗତ ନଭେମ୍ବର ୧୨ ତାରିଖରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ନାଏକଙ୍କୁ ଚିଠି ଲେଖିଥିବା ବେଳେ ମନ୍ତ୍ରୀ ଶ୍ରୀ ନାଏକ ଏହାର ଉତ୍ତର ଦେଇ ଏହି ଚିଠି ଲେଖିଛନ୍ତି। କେନ୍ଦ୍ର ଆୟୁଷମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ୨୦୧୬-୧୭ ଆର୍ଥିକ ବର୍ଷରେ କେନ୍ଦ୍ର ଆୟୁଷ ମନ୍ତ୍ରଣାଳୟ ୫୦୦ ଲକ୍ଷ ଓ୨୦୧୭-୧୮ ଆର୍ଥିକ ବର୍ଷରେ ୩୦୦ ଲକ୍ଷ ଟଙ୍କା ଯଥାକ୍ରମେ ଢେଙ୍କାନାଳ ଓ ବ୍ରହ୍ମପୁରରେ ୫୦ ଶଯ୍ୟା ବିଶିଷ୍ଟ ଆୟୁଷ ହସ୍ପିଟାଲ ନିର୍ମାଣ ପାଇଁ ଅର୍ଥ ଅନୁମୋଦନ କରିଥିଲେ । ତେବେ ରାଜ୍ୟ ସରକାର ବିଗତ ଦିନର ଅନୁମୋଦନ ରାଶି ଉପରେ ବିନିଯୋଗ ନେଇ କୌଣସି ରିପୋର୍ଟ ଦେଇନଥିବା ହେତୁ ବାଲେଶ୍ୱରରେ ପ୍ରସ୍ତାବିତ ଆୟୁଷ ହସପିଟାଲ ଅନୁମୋଦନ କରାଯାଇ ପାରୁନାହିଁ ବୋଲି ସେ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି । ରାଜ୍ୟ ସରକାର ପୁରୁଣା ଦୁଇ ପ୍ରକଳ୍ପର ବିନିଯୋଗ ପ୍ରମାଣପତ୍ର ଦେବାସହ ବାଲେଶ୍ୱରରେ ଏହି ଡାକ୍ତରଖାନା ନିର୍ମାଣ ପାଇଁ ବାର୍ଷିକ ଯୋଜନାରେ ସାମିଲ କରି ପ୍ରସ୍ତାବ ପଠାଇବା ପାଇଁ ପରାମର୍ଶ ଦେଇଛନ୍ତି।

## ଜାନୁଆରୀରେ ପୁଣି ଆସିବେ ମୋଦି

**ଭୁବନେଶ୍ୱର :** ୨୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦିନିକିଆ ଓଡ଼ିଶା ଗସ୍ତରେ ଆସିବେ। ଏହି ଅବସରରେ ୧୪ହଜାର ୫୨୩ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବେ। ଏହି ଗସ୍ତ ପରେ ପୁଣି ଜାନୁଆରୀରେ ପ୍ରଧାନମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସିବେ ବୋଲି ସୂଚନା ମିଳିଛି। ଜାନୁଆରୀ ୫ରେ ପ୍ରଧାନମନ୍ତ୍ରୀ ବାରିପଦା ଗସ୍ତରେ ଯିବେ ଏବଂ ୧୬ରେ ପଶ୍ଚିମ ଓଡ଼ିଶା ଗସ୍ତରେ ଯିବାର ସମ୍ଭାବନା ରହିଛି। ତେବେ ଏହା ସରକାରୀ କାର୍ଯ୍ୟକ୍ରମ ହେବ କି ସାଂଗଠନିକ କାର୍ଯ୍ୟକ୍ରମ ହେବ, ସେନେଇ ଜଣାପଡ଼ିନାହିଁ। ବିଜେପି ଫୋକସ୍ରେ ଓଡ଼ିଶା ରହିଛି। ଏଥିପାଇଁ ପ୍ରଧାନମନ୍ତ୍ରୀ ଓ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଘନଘନ ଓଡ଼ିଶା ଗସ୍ତ କରୁଛନ୍ତି। ଗୁରୁବାର ଶ୍ରୀ ଶାହ ମୁମ୍ବାଇରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେପି ଫୋକସ୍ରେ ଓଡ଼ିଶା ରହିଛି ବୋଲି ସୂଚନା ଦେଇଥିଲେ।

## ରାଜ୍ୟ ମାନବାଧିକାର କମିଶନ ନିଯୁକ୍ତି ଖୁବ୍ଶୀଘ୍ର

**ଭୁବନେଶ୍ୱର :** ରାଜ୍ୟ ମାନବାଧିକାର ଆୟୋଗର ପଦବୀ ପୂରଣ ନେଇ ଉଚ୍ଚସ୍ତରୀୟ ଚୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଖୁବଶୀଘ୍ର ରାଜ୍ୟ ମାନବାଧିକାର କମିଶନ ନିଯୁକ୍ତି ହେବେ। ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା ଏହି ବୈଠକରେ କମିଶନ ଏବଂ ଦୁଇଜଣ ସଦସ୍ୟଙ୍କ ନାମ ଅନୁମୋଦନ ପାଇଁ ରାଜ୍ୟପାଳଙ୍କ ନିକଟକୁ ପଠାଯାଇଛି। ବୈଠକ ପରେ ବିରୋଧୀ ଦଳ ନେତା ନରସିଂହ ମିଶ୍ର ଏନେଇ ସୂଚନା ଦେଇଛନ୍ତି। ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତି ରାଜ୍ୟ ମାନବାଧିକାର କମିଶନ ହେବେ। ଅନ୍ୟ ଦୁଇଜଣ ସଦସ୍ୟ ମଧ୍ୟ ବିଚାରପତି ର୍ୟାଙ୍କର ରହିବେ ବୋଲି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି। ୬ ବର୍ଷ ଧରି ଅଧ୍ୟକ୍ଷ ପଦ ଖାଲି ପଡ଼ିଥିଲା। ୨୦୧୮ ଅଗଷ୍ଟ ମାସରେ ରାଜ୍ୟ ମାନବାଧିକାର କମିଶନ୍ର କାର୍ଯ୍ୟକାରୀ କମିଶନର୍ ଜଷ୍ଟିସ୍ ବୀରକିଶୋର ମିଶ୍ର ଅବସର ଗ୍ରହଣ କରିଥିଲେ। ସେ ଦୀର୍ଘ ୨ ବର୍ଷ ଧରି କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇଥିଲେ। ମାନବାଧିକାର କମିଶନର ଅଧ୍ୟକ୍ଷ ପଦ ୨୦୧୩ ମସିହାରୁ ଖାଲି ପଡିଛି। ଦୀର୍ଘ ୬ ବର୍ଷ ଧରି କମିଶନ ନିଜ ପକ୍ଷରୁ ମାମଲା ରୁଜୁ କରିପାରୁ ନାହିଁ। ଅନେକ ସମ୍ବେଦନଶୀଳ ଓ ସ୍ପର୍ଶକାତର ଘଟଣାରେ କମିଶନର ହାତବାନ୍ଧି ବସୁଛି। ଅନ୍ୟ କେହି ପିଟିସନ ଦାଖଲ କରିବା ଯାଏ ଅପେକ୍ଷା କରିବାକୁ ପଡୁଛି।

## ୬ରୁ ଓଜେଇଇ ପ୍ରବେଶିକା

**ଭୁବନେଶ୍ୱର :** ସର୍ବଭାରତୀୟ ଯୁଗ୍ମ ପ୍ରବେଶିକା ପରୀକ୍ଷା ବା ଜେଇଇ-ମେନ୍ ପରୀକ୍ଷା ସହିତ ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା ଏକାଠି କରିବା ଲାଗି ଯୋଜନା ଆରମ୍ଭ ହୋଇଛି। ଏହି ପରୀକ୍ଷାକୁ ୨ଟି ପର୍ଯ୍ୟାୟରେ କରାଯିବ ବୋଲି ଓଜେଇଇ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ତେବେ ପ୍ରଥମ ପର୍ଯ୍ୟାୟ ପରୀକ୍ଷା ଆସନ୍ତା ଜାନୁଆରୀ ୬ରୁ ଆରମ୍ଭ ହୋଇ ୨୦ତାରିଖ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ଏପ୍ରିଲ ୬ରୁ ୨୦ ପର୍ଯ୍ୟନ୍ତ କରାଯିବ। ପ୍ରଥମ ପର୍ଯ୍ୟାୟରେ ଯେଉଁ ଛାତ୍ରଛାତ୍ରୀ ଅସଫଳ ହେବେ ସମ୍ପୃକ୍ତ ଛାତ୍ରଛାତ୍ରୀ ମଧ୍ୟ ଦ୍ୱିତୀୟ ପର୍ଯ୍ୟାୟରେ ପରୀକ୍ଷା ଦେଇପାରିବେ। ଇଣ୍ଟିଗ୍ରେଟେଡ୍ ଏମ୍.ଏସ୍ସି ଲାଗି ଜେଇଇ ମେନ୍ ପରୀକ୍ଷା ମଧ୍ୟ ବାଧ୍ୟତାମୂଳକ କରାଯାଇଛି। ପ୍ରଥମଥର ଲାଗି ଏନ୍ଟିଏ (ନ୍ୟାସ୍ନାଲ ଟେଷ୍ଟିଂ ଏଜେନ୍ସି) ଏହି ପରୀକ୍ଷାକୁ ପରିଚାଳନା କରିବ।

## ଏଣିକି ଅନ୍ଲାଇନ୍ରେ ମିଳିବ ପାଠ ପଢ଼ିବାର ସୁଯୋଗ

**ଭୁବନେଶ୍ୱର :** ଏଣିକି ଆପଣଙ୍କୁ ଆଉ କଲେଜ ଯିବାକୁ ପଡିବନି। ଅନ୍ଲାଇନ୍ରେ ପାଠ ପଢ଼ିପାରିବେ। ତାହା ପୁଣି ଅଭିଜ୍ଞ ଅଧ୍ୟାପକଙ୍କଠାରୁ। ଉଚ୍ଚଶିକ୍ଷାର ପ୍ରଚାର ଓ ପ୍ରସାର ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆରମ୍ଭ ହେବାକୁ ଯାଉଛି ଏଭଳି ଅଭିନବ ବ୍ୟବସ୍ଥା। ଉତ୍କଳ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଆସନ୍ତା ଶିକ୍ଷାବର୍ଷଠାରୁ ଏଠାରେ ଛାତ୍ରଛାତ୍ରୀମାନେ ଅନ୍ଲାଇନ୍ ମାଧ୍ୟମରେ ପାଠପଢ଼ି ପାରିବେ। ଏଥିପାଇଁ ଏକ ଷ୍ଟୁଡିଓ ପ୍ରତିଷ୍ଠା କରାଯାଇଛି। ସ୍ମାର୍ଟ ଫୋନ୍ର ବହୁଳତାକୁ ଦୃଷ୍ଟିରେ ରଖି ଫୋନ୍ ମାଧ୍ୟମରେ ଶିକ୍ଷାଦାନ ପାଇଁ ପ୍ରଥମ ପର୍ଯ୍ୟାୟରେ ଛାତ୍ରଛାତ୍ରୀମାନଙ୍କୁ ଅଭିଜ୍ଞ ଶିକ୍ଷକମାନଙ୍କ ଦ୍ୱାରା ପ୍ରସ୍ତୁତ ପାଠ୍ୟ ଉପକରଣକୁ ମେମୋରୀ ଚିପ୍ ମାଧ୍ୟମରେ ଦିଆଯିବ। ଦ୍ୱିତୀୟ ପର୍ଯ୍ୟାୟରେ ଶିକ୍ଷକମାନଙ୍କ ଶିକ୍ଷାଦାନର ଭିଡ଼ିଓ କ୍ଲିପିଂକୁ ଛାତ୍ରଛାତ୍ରୀମାନେ ନେଇପାରିବେ। ପାଠପଢ଼ାରେ ଆଗ୍ରହ ସୃଷ୍ଟି କରିବା ପାଇଁ ଏଥିରେ ଆନିମେସନ୍, ଗ୍ରାଫ୍ ଟେବୁଲ, ଫଟୋଗ୍ରାଫ୍କୁ ସ୍ଥାନିତ କରାଯିବ। ପରେ ଫ୍ରିକ୍ୱେଣ୍ଟ୍ଲି ଆସ୍କଡ କ୍ୱେଶ୍ଚନ(ଏଫ୍ଏକ୍ୟୁ) ଯୋଜନାରେ ଛାତ୍ରଛାତ୍ରୀ ଭିଡିଓ କଲିଂ କିମ୍ବା ଭିଡିଓ କନ୍ଫରେନ୍ସିଂ ଜରିଆରେ ପ୍ରଶ୍ନ ପଚାରିପାରିବେ। ଏହି ଯୋଜନା ଖୁବ୍ଶୀଘ୍ର ଆରମ୍ଭ ହେବ। ଏନେଇ ବୁଧବାର ଏକ ବୈଠକ କ୍ୟାମ୍ପସ୍ରେ ଅନୁଷ୍ଠିତ ହୋଇଛି। ଏବେ ସିବିଏସ୍ସି ଢାଞ୍ଚାରେ ପାଠ୍ୟକ୍ରମ ପ୍ରଚଳନ ଓ ଚଏସ୍ ବେସ୍ଡ କ୍ରେଡିଟ୍ ସିଷ୍ଟମ୍(ସିବିସିଏସ୍) ଲାଗୁ କରାଯାଇଛି। ଫଳରେ ଛାତ୍ରଛାତ୍ରୀ ନିୟମିତ ଭାବେ ପାଠପଢ଼ି ପାରିବେ ଓ ଗୁଣାତ୍ମକ ଶିକ୍ଷା ଆହରଣ କରିପାରିବେ। ସବୁ ଛାତ୍ରଛାତ୍ରୀଙ୍କ ସ୍ମାର୍ଟଫୋନ୍ ଆସେସ୍ ରହିଛି। ସେମାନେ ଡିଡିସିଇରୁ ବିଭିନ୍ନ ପାଠ୍ୟକ୍ରମ ବିଷୟବସ୍ତୁ ମେମୋରି ଚିପ୍ରେ ନେଇ ପାରିବେ। ବର୍ଷସାରା ପାଠପଢ଼ା ପାଇଁ ଏହା ସହାୟକ ହେବ। ଏପରିକି ପରୀକ୍ଷାରେ କିଭଳି ପ୍ରଶ୍ନ ଆସିବ ଓ ତା'ର ଉତ୍ତର ଉପସ୍ଥାପନା ବିଷୟରେ ମଧ୍ୟ ଏଫ୍ଏକ୍ୟୁରେ ଦର୍ଶାଯାଇଛି। ସେମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବାକୁ ଆନିମେସନ୍ ବ୍ୟବହାର ମଧ୍ୟ କରାଯାଇଛି। ପ୍ରତ୍ୟେକ ବିଷୟରେ ଛାତ୍ରଛାତ୍ରୀମାନେ ଯେପରି ଅନ୍ଲାଇନ୍ ମୋଡରେ ଶିକ୍ଷାଗ୍ରହଣ କରିପାରିବେ ସେଥିପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଛି ବୋଲି ସେ କହିଛନ୍ତି। ତେବେ ଏହି ବ୍ୟବସ୍ଥା ୨୦୧୭ରୁ ଆରମ୍ଭ ହୋଇ ଅଧାରେ ବନ୍ଦ ହୋଇ ରହିଛି। ବିଶେଷକରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏହାକୁ ପୁଣି କାର୍ଯ୍ୟକାରି କରିବାକୁ ପ୍ରୟାସ ଆରମ୍ଭ ହୋଇଥିବା ଶୁଣିବାକୁ ମିଳୁଛି।

# 'ବରିଷ୍ଠ ନାଗରିକ ସମାଜର ମେରୁଦଣ୍ଡ'

**ଭୁବନେଶ୍ୱର :** ରାଜ୍ୟର ସବୁ ଜିଲ୍ଲାରେ ୨୦୦ ଶଯ୍ୟା ବିଶିଷ୍ଟ ଜରାଶ୍ରମ ପ୍ରତିଷ୍ଠା ହେବ ବୋଲି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏଥିସହ ବିଭିନ୍ନ ଯୋଜନା ମାଧ୍ୟମରେ ରାଜ୍ୟର ୨୭ ଲକ୍ଷ ବରିଷ୍ଠ ନାଗରିକମାନଙ୍କୁ ସାମିଲ କରାଯିବ। ଭୁବନେଶ୍ୱରସ୍ଥିତ ରବୀନ୍ଦ୍ରମଣ୍ଡପଠାରେ ଅନୁଷ୍ଠିତ ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘର ଅଷ୍ଟମ ବାର୍ଷିକ ଅଧିବେଶନକୁ ଉଦ୍ଘାଟନ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବରିଷ୍ଠ ନାଗରିକ ହେଉଛନ୍ତି ସମାଜର ମେରୁଦଣ୍ଡ ସଦୃଶ। ସମାଜରେ ସଂସ୍କାର ଓ ଦ୍ରୁତ ଉନ୍ନତି ଲାଗି ଏମାନଙ୍କ ପରାମର୍ଶ ଗୁରୁତ୍ୱପୂର୍ଣ୍ଣ। ଯୁବପିଢ଼ି ସର୍ବଦା ବରିଷ୍ଠ ନାଗରିକଙ୍କୁ ସମ୍ମାନ କରିବା ସହିତ ସେମାନଙ୍କ ପାଖରେ ଥିବା ଜୀବନର ବ୍ୟାପକ ଅଭିଜ୍ଞତାକୁ ନିଜ ଜୀବନରେ ବ୍ୟବହାର କରିବା ଉଚିତ। ଏହାଦ୍ୱାରା ସମାଜର ବିକାଶ ତ୍ୱରାନ୍ୱିତ ହୋଇପାରିବ। ରାଜ୍ୟ ସରକାର ୨୦୧୬ ମସିହାରୁ ବରିଷ୍ଠ ନାଗରିକ ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାରେ ପର୍ଯ୍ୟାୟକ୍ରମେ ପ୍ରତି



ଜିଲ୍ଲାରେ ଦୁଇ ଶହ ଶଯ୍ୟା ବିଶିଷ୍ଟ ବୃଦ୍ଧାଶ୍ରମ ନିର୍ମାଣ ହେବ। ଏହା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବରିଷ୍ଠ ନାଗରିକଙ୍କ ଚିକିତ୍ସା ଲାଗି ସବ୍ସେଣ୍ଟର ଓ କାଉନ୍ସେଲିଂ ସେଣ୍ଟର ନିର୍ମାଣ କରାଯାଉଛି। ସାମାଜିକ ନିରାପତ୍ତା ଯୋଗାଇବା ଲାଗି ସରକାର ପ୍ରତି ଥାନାରେ ସିନିୟର ସିଟିଜେନ୍ ସିକ୍ୟୁରିଟି ସେଲ୍ ଗଠନ କରିବା ସହ ରାଜ୍ୟରେ ୨୭ ଲକ୍ଷ ବୃଦ୍ଧ ଓ ବୃଦ୍ଧାଙ୍କୁ ମାସିକ ପେନ୍ସନ୍ ଯୋଜନାରେ ସାମିଲ କରିଛନ୍ତି। ବୟସର ଅପରାହ୍ନରେ ତୀର୍ଥ କରିବାର ସ୍ୱପ୍ନ ସବୁ ବରିଷ୍ଠ ନାଗରିକଙ୍କର ଥାଏ। କିନ୍ତୁ ଅଭାବ ଅନାଟନ କାରଣରୁ ଯେଉଁମାନେ ପ୍ରଭୁକୃପା ଲାଭ କରିବାରୁ ବଞ୍ଚିତ ହେଉଛନ୍ତି ସେମାନଙ୍କ ଲାଗି ୨୦୧୬ଠାରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା କରାଯାଇଛି। ଯାହାଦ୍ୱାରା ପ୍ରତି ବର୍ଷ ବହୁ ବୃଦ୍ଧବୃଦ୍ଧା ବିଭିନ୍ନ ସ୍ଥାନ ପରିଦର୍ଶନକୁ ଯାଇପାରୁଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସବୁ ବରିଷ୍ଠ ନାଗରିକଙ୍କର ଦୀର୍ଘାୟୁ କାମନା କରିଥିଲେ।

# ଯାଞ୍ଚ୍ ହେବ ଘରୋଇ ସ୍କୁଲ ଜମି

**ଭୁବନେଶ୍ୱର :** କିଛି ଘରୋଇ ସ୍କୁଲ ସରକାରଙ୍କ ଶିକ୍ଷା ଅଧିକାର ଆଇନ୍କୁ ସିଧା ସଳଖ ଅବମାନା କରିଛନ୍ତି। ତେବେ ଏଭଳି ସ୍କୁଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ରାଜ୍ୟ ସରକାରଙ୍କଠାରୁ ଶସ୍ତାରେ ଜମି ହାସଲ କରିବା ସହ ସ୍ୱୀକୃତି ସମୟରେ ଯେଉଁ ସବୁ ପ୍ରତିଶ୍ରୁତି ଘରୋଇ ସ୍କୁଲ କର୍ତ୍ତୃପକ୍ଷ ଦେଇଥାନ୍ତି ତାହା ପରବର୍ତ୍ତୀ ସମୟରେ ପୂରଣ କରନ୍ତି ନାହିଁ ବୋଲି ଅଭିଯୋଗ ହେଉଛି। ଏପରିକି କିଛି ଘରୋଇ ସ୍କୁଲ ପୁନର୍ବାର ମଧ୍ୟ ଅଧିକ ଜମି ଲାଗି ରାଜ୍ୟ ସରକାରଙ୍କୁ ପୂର୍ବରୁ ଆବେଦନ କରିଛନ୍ତି। ତେବେ ରାଜଧାନୀର କେଉଁ ଘରୋଇ ସ୍କୁଲ କେତେ ଜମି ନେଇଛି ତା'ର ଯାଞ୍ଚ ହେବ। ଏବର୍ଷ ଶିକ୍ଷା ଅଧିକାର ଆଇନ୍କୁ କଡ଼ାକଡ଼ି ଭାବେ କାର୍ଯ୍ୟକାରି କରିବାକୁ ନିଷ୍ପତ୍ତି ହୋଇଛି। ଗରିବ ପିଲାଙ୍କୁ ମାଗଣାରେ ପଢ଼ାଇବା ଲାଗି ଧାର୍ଯ୍ୟ ହୋଇଥିବା ୨୫ପ୍ରତିଶତ ସିଟ୍ ଯଦି ପୂରଣ ନହୁଏ ତେବେ ଘରୋଇ ସ୍କୁଲ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜଣାପଡ଼ିଛି। ଏହାବ୍ୟତୀତ ରାଜ୍ୟର ଘରୋଇ ସ୍କୁଲଗୁଡ଼ିକରେ ଯଦି ସଂରକ୍ଷିତ ୨୫% ସିଟ୍ରେ ଗରିବ ପିଲାଙ୍କୁ ପଢ଼ିବାର ସୁଯୋଗ ଦିଆଯାଇ ନଥିବ ତେବେ ସମ୍ପୃକ୍ତ ସ୍କୁଲ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏହି ପ୍ରକ୍ରିୟା ଆସନ୍ତା ମାସ ପ୍ରଥମ ସପ୍ତାହରୁ ଆରମ୍ଭ ହେବ। ଘରୋଇ ସ୍କୁଲ ଲାଗି ଗତ କିଛିମାସ ପୂର୍ବରୁ ଯେଉଁଭଳି ଏନ୍ଓସି ପ୍ରଦାନ ବ୍ୟବସ୍ଥାକୁ ନେଇ ଚର୍ଚ୍ଚା ଉଠିଥିଲା ସମ୍ପୃକ୍ତ ସ୍କୁଲ ବିରୋଧରେ କଟକଣା ଲାଗିବାର ବ୍ୟବସ୍ଥା ହେବ ବୋଲି ନିଷ୍ପତ୍ତି ହୋଇଥିଲା। ଶିକ୍ଷା ଅଧିକାର ଆଇନ୍-୨୦୦୯ ଅନୁଯାୟୀ ଘରୋଇ ସ୍କୁଲର ଶିକ୍ଷା ଦାନ ବ୍ୟବସ୍ଥା, ଭିତ୍ତିଭୂମି, ରୋଷେଇଘର, ଖେଳପଡ଼ିଆ, ଅଭିଜ୍ଞ ଶିକ୍ଷକ ଆଦି ଶୈକ୍ଷିକ ପରିବେଶ ସମ୍ପର୍କରେ ୨୦୧୬-୧୭ ଶିକ୍ଷାବର୍ଷ ପାଇଁ ଯାଞ୍ଚକରାଯିବାକୁ ସରକାର ନିର୍ଦ୍ଦେଶ ଦେଇଥିଲେ। ୮୦% ସ୍କୁଲରେ ତାଲିମ୍ପ୍ରାପ୍ତ ଶିକ୍ଷକ ନଥିବା ଯାଞ୍ଚ ସମୟରେ ଧରାପଡ଼ିଥିଲା। ରାଜଧାନୀରେ ଥିବା ସମସ୍ତ ଘରୋଇ ସ୍କୁଲଗୁଡ଼ିକର ଜମି ଓ ନାମଲେଖା ସମୟରେ କେତେ ଫି' ଆଦାୟ ହେଉଛି ତା'ର ଯାଞ୍ଚ କରାଯିବ। ଘରୋଇ ସ୍କୁଲଗୁଡ଼ିକ ବିରୋଧରେ ଅଭିଭାବକ ମହାସଂଘ ପକ୍ଷରୁ ସ୍ୱର ଉତ୍ତୋଳନ କରାଯାଇଥିବାବେଳେ ଏ ଦିଗରେ ସରକାର କିଭଳି କଡ଼ା ପଦକ୍ଷେପ ଗ୍ରହଣ କରିବେ ସେନେଇ ସରକାରଙ୍କୁ ସ୍ମାରକପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। ପୂର୍ବରୁ ଘରୋଇ ସ୍କୁଲଗୁଡ଼ିକର ଏନ୍ଓସି ସମସ୍ୟା ସମାଧାନ ହୋଇନଥିବାବେଳେ ବର୍ତ୍ତମାନ ଯେଉଁ ଯାଞ୍ଚ ପ୍ରକ୍ରିୟା କରାଯିବ ଏହାକୁ ନଜର ଦେଇ ଏନ୍ଓସି ମିଳିବ ବୋଲି ସ୍କୁଲ ଓ ଗଣଶିକ୍ଷା ବିଭାଗର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

## ସହରାଞ୍ଚଳ ଆବାସ ଯୋଜନା ପ୍ରକଳ୍ପକୁ ଅନୁମୋଦନ

**ଭୁବନେଶ୍ୱର :** ୮୮ଟି ସହରାଞ୍ଚଳରେ ବାସକରୁଥିବା ୨୧ ହଜାର ୮୯୪ ପରିବାର ପାଇଁ ଓଡ଼ିଶା ସହରାଞ୍ଚଳ ଆବାସ ଯୋଜନା ପ୍ରକଳ୍ପକୁ ଅନୁମୋଦନ ମିଳିଛି। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସହରାଞ୍ଚଳ ହାଉସିଂ ମିଶନର ମଞ୍ଜୁରୀ କମିଟି ବୈଠକରେ ଏନେଇ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ଗୃହ ଓ ନଗର ଉନ୍ନୟନ ବିଭାଗର ଶାସନ ସଚିବ ଜି ମାଥିଭାଥାନନ୍ ୮୮ଟି ସହରରୁ ଆସିଥିବା ୧୨୬ଟି ଗୃହ ନିର୍ମାଣ ପ୍ରକଳ୍ପ ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନା କରିଥିଲେ। ଶ୍ରୀ ପାଢ଼ୀ ବର୍ତ୍ତମାନ ସୁଦ୍ଧା ମଞ୍ଜୁରୀ ପ୍ରାପ୍ତ ପ୍ରକଳ୍ପ ଗୁଡ଼ିକର ସମୀକ୍ଷା କରି ସହରବାସୀଙ୍କ ପାଇଁ ଗୃହ ଯୋଗାଣ ନିମନ୍ତେ ନିର୍ଦ୍ଦିଷ୍ଟ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସୂଚନା ଯୋଗ୍ୟ ଏହି ପ୍ରକଳ୍ପ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପାଣ୍ଠି ଯୋଗାଇଥାନ୍ତି। ଏଥିରେ ହିତାଧିକାରୀ ମଧ୍ୟ କିଛି ଅର୍ଥ ଦେଇଥାନ୍ତି। ପ୍ରତି ଘର ପିଛା କେନ୍ଦ୍ର ସରକାର ୧.୫ ଲକ୍ଷ ଏବଂ ରାଜ୍ୟ ସରକାର ୫୦ ହଜାର ଟଙ୍କା ସହାୟତା ଦେଇଥାନ୍ତି। ଏହା ବ୍ୟତୀତ ପ୍ରତି ହିତାଧିକାରୀ ପରିବାରକୁ ସ୍ୱଚ୍ଛ ଭାରତ ମିଶନରୁ ୮ ହଜାର ଟଙ୍କା ଯୋଗାଇ ଦିଆଯାଇଥାଏ। ପୂର୍ବରୁ ସହରାଞ୍ଚଳରେ ବାସକରୁଥିବା ୭୨ ହଜାର ୫୪୨ ପରିବାରଙ୍କ ପାଇଁ ପକ୍କା ଘର ମଞ୍ଜୁର ହୋଇଥିଲା। ସେଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୬ ହଜାର ଗୃହ ନିର୍ମାଣ ସରିଛି। ଆଉ ୨୦ ହଜାର ଘର ନିର୍ମାଣାଧୀନ ଅବସ୍ଥାରେ ଅଛି। ଏହି ମଞ୍ଜୁରୀ ସହ ରାଜ୍ୟର ୧୧୨ଟି ସହରାଞ୍ଚଳର ସମୁଦାୟ ୯୪ ହଜାର ୪୩୬ ପରିବାର ଏଥିରେ ସାମିଲ୍ ହୋଇଛନ୍ତି। ଏହି ବୈଠକରେ ଉନ୍ନୟନ କମିଶନର ଅସିତ ତ୍ରିପାଠୀ, ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗ ପ୍ରମୁଖ ଶାସନ ସଚିବ ଡ. ଚନ୍ଦ୍ରଶେଖର କୁମାରଙ୍କ ସମେତ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୨୫ ଲକ୍ଷ ବିଦ୍ୟୁତ ଗ୍ରାହକଙ୍କ ସହ ଖେଳ ଖେଳୁଛନ୍ତି ରାଜ୍ୟ ସରକାର : ବିଜେପି

**ଭୁବନେଶ୍ୱର :** ରାଜ୍ୟରେ ବିଜୁଳି ବିତରଣ ପାଇଁ ଘରୋଇ କମ୍ପାନୀଙ୍କୁ ଠିକା ଦେବାରେ ହୋଇଥିବା ବିଡିଙ୍ଗ ପ୍ରକ୍ରିୟାରେ ରାଜ୍ୟ ସରକାର ଜାଣିଶୁଣି କୋହଳତା କରି ଏକ ନିର୍ଦ୍ଦିଷ୍ଟ କମ୍ପାନୀକୁ ସୁହାଇଲାଭଳି ନିୟମ କରିଛନ୍ତି । ବିଜୁଳି ବିତରଣ ଭଳି ଗୁରୁତ୍ୱପୂର୍ଣ୍ଣ ସେବା କ୍ଷେତ୍ରରେ ଏକ ଅନାମଧେୟ କମ୍ପାନୀ ହାତରେ ବିଜୁଳି ବିତରଣକୁ ଟେକି ଦିଆଯାଇଛି। ସେସୁର ଚେୟାରମ୍ୟାନ ବିଜୁଳି ବିତରଣ କମ୍ପାନୀ ପରିଚାଳନାର ଭାର ଏକ ନିଦିଷ୍ଟ କମ୍ପାନୀକୁ ଦେଇ ସେହି ଦୁର୍ନିତିର ଷଡଯନ୍ତ୍ରର ଅଙ୍ଗ ଭାବେ ୧୦୦୦ କୋଟିର ଡିଲ କରିଛନ୍ତି ବୋଲି ରାଜ୍ୟ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ଏହି ଡିଲ ଅର୍ଥ ଶାସକ ବିଜୁ ଜନତା ଦଳର ନିର୍ବାଚନୀ ପାଣ୍ଠି ଭାବରେ ଖର୍ଚ୍ଚ ହେବ ବୋଲି ଡ. ସାମନ୍ତସିଂହାର କହିଛନ୍ତି। ସାମନ୍ତସିଂହାର କହିଛନ୍ତି ଯେ ଏଭଳି ଭାବେ ନିୟମ କରାଯାଇଛି ଯେପରି ଭାବେ ଦେଶର ବଛା ବଛା ଶକ୍ତି ବିତରକ କମ୍ପାନୀମାନେ ସେହି ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇପାରିବେନି। ଭାରତରେ ଟାଟା ପାୱାର, ରିଲାଏନ୍ସ, ଆଦାନୀ, ଟୋରେଟଂ, ସିଇଏସସିଙ୍କ ସହ ଅନେକ ବଡ ବଡ ଏବଂ ଅଭିଜ୍ଞତା ସଂପନ୍ନ କଂପାନୀ ଥିବାବେଳେ ରାଜ୍ୟସରକାର କାହିଁକି ଯେଉଁ କପାଂନୀର ଅଭିଜ୍ଞତା ନାହିଁ ଏବଂ ପାଷ୍ଟ ହିଷ୍ଟୋରି ଭଲ ନାହିଁ, ସେହିଭଳି ଏକ କମ୍ପାନୀକୁ ବାଛିବାକୁ ଯାଉଛନ୍ତି ତାହା ଏକ ସାଙ୍ଘାତିକ କଥା। ରାଜ୍ୟରେ ବିଜୁଳି ବିତରଣ ପାଇଁ ଘରୋଇ କମ୍ପାନୀଙ୍କୁ ଠିକା ଦେବାପାଇଁ ହୋଇଥିବ ଟେଣ୍ଡରରେ କନ୍ସୋସିୟମ୍ ବିଡିଙ୍ଗ, ଯାହା ଏକ ସଂନ୍ଦିଗ୍ଧ ପ୍ରକିୟା ଭଳି ମନେହେଉଛି ସେହି ପ୍ରକିୟାରେ ଇଣ୍ଡିଆ ପାଓାର କମ୍ପାନୀ କିଭଳି ଜାଣିଶୁଣି ଠକି ଚାଲିଯିବ ସେହିଭଳି ବାଟ



ଦେଖାଇଲା ଭଳି ନିୟମ କରିଛନ୍ତି ରାଜ୍ୟସରକାର। ଯେଉଁ କମ୍ପାନୀ ୧୦୦୦ରୁ ଊର୍ଦ୍ଧ୍ୱ ଗ୍ରାହକଙ୍କୁ ବିଜୁଳି ଯୋଗାଇବାର ଯୋଗ୍ୟତା ନାହିଁ ସେହି ସଂସ୍ଥାମାନଙ୍କୁ କେମିତି ସେସୁକୁ ବିକ୍ରି କରିଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ସାମନ୍ତ ସିଂହାର କହିଛନ୍ତି। ଯେତେବେଳେ ରାଜ୍ୟ ସରକାର ବିଜୁଳି ବିତରଣର ଫ୍ରାଚାଇଜଂ ପାଇଁ ଟେଣ୍ଡର ଆହ୍ୱାନ କରିଥିଲେ ସେତେବେଳେ ନିୟମ ଥିଲା କି ଯେଉଁ କପାଂନୀର ସର୍ବନିମ୍ନ ୪୦% ଗ୍ରାହକଙ୍କୁ ବିଦ୍ୟୁତ ବିତରଣ କରିବାର କ୍ଷମତା ଥିବ ସେହି କମ୍ପାନୀକୁ କେବଳ ପ୍ରାଚଂାଇଜ୍କୁ ମିଳିପାରିବ। ଏବେ ଯେତେବଳେ ରାଜ୍ୟ ସରକାର ଏହାକୁ ବିକ୍ରି କରୁଛନ୍ତି ଏହାର ମାନଦଣ୍ଡକୁ ଆହୁରି କଡାକଡି କରିବା କଥା। କିନ୍ତୁ ରାଜ୍ୟ ସରକାର ଆଶ୍ଚର୍ଯ୍ୟ ଜନକ ଭାବେ "ସର୍ବନିମ୍ନ ୪୦ ପ୍ରତିଶତ ଗ୍ରାହକ" ନିୟମକୁ ଉଠାଇଦେଇ କେବଳ ଲାଇସେନ୍ସ ଥିବା ଲୋକ ହିଁ ଆବେଦନ କରିପାରିବ ସେପରି ନିୟମ କରିଛନ୍ତି ଯାହା ଅତ୍ୟନ୍ତ ଆଶ୍ଚର୍ଯ୍ୟ ଜନକ। ଏପରିକି ରାଜ୍ୟସରକାର ସେସୁକୁ ବିକ୍ରି କରିବାର ପ୍ରକ୍ରିୟାକୁ ମଧ୍ୟ ସ୍ପଷ୍ଟ କରିନଥିବାବେଳେ ଏହା ଖୋଲା ଟେଣ୍ଡର କାହିଁକି କରିନଥିଲେ ତାହା ମଧ୍ୟ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ରାଜ୍ୟ ସରକାର ସେସୁର ୧୦୦ ପ୍ରତିଶତ ବିକିବେ କି ୫୧ ପ୍ରତିଶତ ବିକିବେ ତାହା ସ୍ପଷ୍ଟ କରିନଥାଇ ବିକ୍ରି ପାଇଁ ଚୁଡାନ୍ତ କରିବା ଏକ ହାସ୍ୟାସ୍ପଦ ଘଟଣା ବୋଲି ଡ.ସାମନ୍ତସିଂହାର କହିଛନ୍ତି।



ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୪ - ୩୦ ଡିସେମ୍ବର, ୨୦୧୮


# ହୁଏତ ଆଉ କାମ ଦେବନି

ସମ୍ପାଦକୀୟ

ତାରକ ମହାନ୍ତି



**ଦେ**ଶରେ କୃଷକମାନଙ୍କ ଆର୍ଥିକ ବିକାଶ ଦିଗରେ ଗୁରୁତ୍ୱ ନ ଦେଇ ରାଜନୈତିକ ଦଳମାନେ କୃଷିଋଣ ଛାଡ ପ୍ରସଙ୍ଗକୁ ନେଇ ରାଜନୀତି ଆରମ୍ଭ କରିଦେଇଛନ୍ତି। ଯେଉଁଥିପାଇଁ କଂଗ୍ରେସ ଓ ବିଜେପି କୃଷକମାନଙ୍କୁ ଆଳ କରି ଭୋଟ ରାଜନୀତିରେ ଦ୍ୱନ୍ଦ୍ୱ ସୃଷ୍ଟି କରୁଛନ୍ତି। ତିନି ରାଜ୍ୟରେ କଂଗ୍ରେସ ଶାସନ କ୍ଷମତାକୁ ଫେରିବା ପରେ ଏହି ପ୍ରସଙ୍ଗ ଏଭଳି ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି ଯେ, ଯାହାକୁ ନେଇ ରାଜ୍ୟଠୁ କେନ୍ଦ୍ର ପର୍ଯ୍ୟନ୍ତ ସବୁ ନେତା ଅଚାନକ ତତ୍ପର ହୋଇ ଉଠୁଛନ୍ତି। ତେବେ କୃଷି ଓ କୃଷକର ସମସ୍ୟା ଏହି ଦେଶରେ ନୂଆ କି? ସ୍ୱାଧୀନତା ପୂର୍ବରୁ ଭାରତରେ କୃଷକ ମାନଙ୍କର ବହୁବିଧ ସମସ୍ୟା ରହିଥିଲା ଏବଂ ଏହାକୁ ନେଇ ବାରମ୍ବାର ବିଦ୍ରୋହର ସ୍ୱର ମଧ୍ୟ ଉଠିଥିଲା। ସେତେବେଳେ ମଧ୍ୟ ଏହାର ସ୍ଥାୟୀ ସମାଧାନ ହୋଇପାରି ନଥିଲା କିମ୍ବା ବର୍ତ୍ତମାନର ସରକାରମାନେ ଯେଉଁ କୃଷିଋଣ ଛାଡ କରି ଦେଶକୁ ଆଗେଇ ନେବାକୁ ବସିଛନ୍ତି ଏହା ରାଜନୀତି ବ୍ୟତୀତ ଆଉକିଛି ନୁହେଁ। କାରଣ କେବଳ କୃଷିଋଣ ଛାଡ କରିଦେଲେ କୃଷି କ୍ଷେତ୍ରର ବିକାଶ ହୋଇନଥାଏ କିମ୍ବା କୃଷକର ଆତ୍ମମର୍ଯ୍ୟାଦା ବଢ଼ିପାରେନି। ବିଜ୍ଞାନ ସମ୍ମତ କୃଷିର ଆବଶ୍ୟକତା ସମୟରେ ପ୍ରାଚୀନ ପଦ୍ଧତିରେ କୃଷି କାର୍ଯ୍ୟ କରି କେହି କେବେ ଲାଭାବନ ହୋଇପାରିବେ ନାହିଁ। ଏହା ହେଉଛି ଗୋଟିଏ ପ୍ରସଙ୍ଗ। ଅନ୍ୟ ପ୍ରସଙ୍ଗଟି ହେଉଛି ପ୍ରାକୃତିକ ବନ୍ୟା, ବାତ୍ୟା ଓ ମରୁଡି ସମୟରେ ଫସଲକୁ ସୁରକ୍ଷା ଦେବା ପାଇଁ ଆମ ଦେଶରେ ଏଭଳି କିଛି ନୂତନ ବ୍ୟବସ୍ଥା କରାଯାଇପାରିନି ଯଦ୍ୱାରା ଫସଲ ନଷ୍ଟ ହେବାର ଆଶଙ୍କା ଦେଖାଦେବନି। ତେଣୁ ଆଗରୁ କୃଷକମାନେ ଯେଉଁ ପରିବେଶ ପରିସ୍ଥିତିରେ କୃଷି କାର୍ଯ୍ୟ କରୁଥିଲେ ସେଥିରେ ସାମାନ୍ୟ ପରିବର୍ତ୍ତନ ଏଇଆ ଆସିଛି ଯେ, ହଳ ଲଙ୍ଗଳ ପରିବର୍ତ୍ତେ ଯନ୍ତ୍ର ମାଧ୍ୟମରେ କିଛି କିଛି କୃଷି କାର୍ଯ୍ୟ କରାଯାଉଛି। ହେଲେ ଶସ୍ୟ କ୍ଷେତ୍ର ଉର୍ବରତା ବଢ଼ାଇବା ପାଇଁ ଯେଉଁଳି ରାସାୟନିକ ସାରର ପ୍ରୟୋଗ କରାଯାଉଛି ସେଥିରେ ଜୀବଜଗତ ପାଇଁ ବହୁ ହାନିକାରକ ପରିସ୍ଥିତି ଦେଖାଦେଉଛି। ସାର, ଔଷଧ ବ୍ୟବହାର ଦ୍ୱାରା ଅମଳ ବଢ଼ାଇହେବ ସିନା କିନ୍ତୁ କ୍ଷେତ ନିଜର ବଳୁଆ ସ୍ଥିତିକୁ ବଜାୟ ରଖିପାରିବ ନାହିଁ। କୃଷି କ୍ଷେତ୍ରର ଉନ୍ନତି ପାଇଁ ଚିନ୍ତା କଲା ବେଳେ କ୍ଷେତକୁ ଜଳ, ଉପଯୁକ୍ତ ବିହନ, ଜୈବ ସାର ଓ ପ୍ରାକୃତିକ ଉପାଦାନର ବୃଦ୍ଧି ପାଇଁ ସେଭଳି କିଛି ପଦକ୍ଷେପ ନିଆଯାଇନାହିଁ। ଯେଉଁଥିପାଇଁ ଦୁର୍ବିପାକ ବେଳେ ଫସଲହାନୀ ହେବା ସହିତ ଚାଷୀ ଆତ୍ମହତ୍ୟା କରିବା ଭଳି ଘଟଣାମାନ ବଢ଼ି ଚାଲୁଛି। କଂଗ୍ରେସ ସରକାର କେନ୍ଦ୍ରରେ ଦୀର୍ଘବର୍ଷ ଧରି ଶାସନ କ୍ଷମତାରେ ଥିଲେ ବି ଆଗରୁ ଏଥିପାଇଁ ଯଥେଷ୍ଟ ପଦକ୍ଷେପ ନେଇଥିଲେ ସାମ୍ପ୍ରତିକ ସମୟରେ କୃଷିଋଣ ଛାଡ ପ୍ରସଙ୍ଗ ସାମ୍ନାକୁ ଆସନ୍ତା ନାହିଁ। ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରିବା ଅବସରରେ ଯେଉଁ ଯେଉଁ ରାଜ୍ୟରେ କଂଗ୍ରେସ ଏଭଳି ଘୋଷଣା କରୁଛି ତାହା ବାସ୍ତବିକ ହାସ୍ୟାସ୍ପଦ। କୃଷିଋଣ ଛାଡ – ଏହା ରାଜନୈତିକ ମୁଦ୍ଦା ନା କୃଷକଙ୍କ ପାଇଁ ବାସ୍ତବ ଆନ୍ତରିକତା। ଏହାକୁ ନେଇ ସନ୍ଦେହ ଉପୁଜିଛି। ଆମ ଦେଶରେ ପ୍ରକୃତ ଚାଷୀ କିଏ ଏହା ଏଯାଏ ସଠିକ୍ ଭାବେ ନିର୍ଦ୍ଧାରଣ କରାଯାଇପାରିନାହିଁ। ମୂଳ ଜମି ମାଲିକ ମାନେ ଆଦୌ ଚାଷ କରନ୍ତି ନାହିଁ ଏକଥା ସମସ୍ତେ ଜାଣନ୍ତି। ତେବେ ଯେଉଁମାନେ ଚାଷ କାର୍ଯ୍ୟ କରନ୍ତି ସେମାନଙ୍କୁ ସୁବିଧା ଦେବାକୁ ସରକାରୀ ସ୍ତରରେ ସେ ପ୍ରକାର ଅଧିକ କିଛି ବ୍ୟବସ୍ଥା ମଧ୍ୟ ନାହିଁ। ତେଣୁ କୃଷିଋଣ ଛାଡ ହେଲେ ଏ ବାବଦୀୟ ଅର୍ଥ କାହା ପକେଟକୁ ଯିବ? ପ୍ରକୃତ କୃଷକ ଏହାର ସୁବିଧା ପାଇବେ ନା' ମୂଳ ଜମି ମାଲିକଙ୍କ ପାଖକୁ ଏହି ଟଙ୍କା ଚାଲିଯିବ। ଯେବେ ଦ୍ୱିତୀୟ କଥାଟି ସତ ହୁଏ ତେବେ ଅସଲ କୃଷକ କେତେ ଲାଭବାନ୍ ହେବେ ତାହା ମଧ୍ୟ ପ୍ରଶ୍ନବାଚୀ।

କୃଷିଋଣ ଛାଡ କରିଦେଲେ ଚାଷ କାର୍ଯ୍ୟ କରୁଥିବା ବ୍ୟକ୍ତି ହୁଏତ ଆର୍ଥିକ ଦୃଷ୍ଟିକୋଣରୁ ଆଂଶିକ ଲାଭ ପାଇପାରେ। ମାତ୍ର କୃଷି କ୍ଷେତ୍ରର ବିକାଶ ହେଲା ବୋଲି ଆମେ କହିପାରିବା କି? ଶିଳ୍ପ ବିକାଶର କଥା ଉଠିଲେ କେନ୍ଦ୍ର ହୁଅନ୍ତୁ କି ରାଜ୍ୟ ସରକାର ଯେଉଁଳି ତତ୍ପରତା ଦେଖାନ୍ତି, ବୈଠକ ଡକାନ୍ତି ଓ ଏମ୍ଓୟୁ ସ୍ୱାକ୍ଷର କରିବା ପାଇଁ ବ୍ୟସ୍ତ ହୋଇପଡନ୍ତି କୃଷି ପାଇଁ ସେଭଳି କିଛି ହୁଏନି କାହିଁକି? ଯଦିଓ ଭାରତ ଏକ କୃଷି ପ୍ରଧାନ ଦେଶ ଏବଂ ଦେଶର ମାତ୍ରାଧିକ ଲୋକ କୃଷି ଉପରେ ନିର୍ଭର କରନ୍ତି ସେ କ୍ଷେତ୍ର ଆଜି ପଛୁଆ କାହିଁକି? ଯେଉଁମାନେ ବର୍ତ୍ତମାନ କୃଷିଋଣ ଛାଡକୁ ନେଇ ରାଜନୀତି ମଇଦାନରେ ନିଜର ପରାକାଷ୍ଠା ଦେଖାଇବାକୁ ଅଣ୍ଟା ଭିଡିଛନ୍ତି ସେମାନେ ଆଗରୁ କରୁଥିଲେ କ'ଣ? ତାଙ୍କ ରାଜନୀତିକ ଏଜେଣ୍ଡାରେ ଏ ବିଷୟଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଥିଲେ ହୁଏତ କୃଷକ ବା କୃଷିର କୌଣସି ସମସ୍ୟା ସାମ୍ନାକୁ ଆସନ୍ତା ନାହିଁ। ଯେହେତୁ ୨୦୧୯ ନିର୍ବାଚନ ପାଖେଇ ଆସୁଛି କୃଷକ ମାନଙ୍କୁ ବହୁବିଧ ସୁବିଧା ସୁଯୋଗ ପ୍ରଦାନ ନାଁରେ ରାଜନୀତି କରିବା ପାଇଁ ଅପୂର୍ବ ସୁଯୋଗଟିଏ ଜୁଟିଥିବାରୁ ବୋଧହୁଏ ସମସ୍ତେ ଏହାକୁ ପ୍ରାଧାନ୍ୟ ଦେଉଥିବା ଭଳି ମନେହୁଏ। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କଟାକ୍ଷ କରି ଯେଉଁଳି କହୁଛନ୍ତି କୃଷିଋଣ ଛାଡ ନକଲେ ତାଙ୍କୁ ଶୁଆଇ ଦେବେନାହିଁ ଏହାର ଯଥାର୍ଥତା କେତେ ତାହା ସାଧାରଣ ଲୋକ ହୃଦୟଙ୍ଗମ କରିବା ଉଚିତ୍। ଦୀର୍ଘବର୍ଷର ବଂଶବାଦ ଶାସନରେ ଥାଇ ରାହୁଲ ଯେ ମୋଦିଙ୍କ ସାଢ଼େ ଚାରିବର୍ଷର ଶାସନର ହିସାବ ନିକାଶକୁ ଏତେ ଗୁରୁତ୍ୱ ଦେଉଛନ୍ତି ତାହା ବି ହାସ୍ୟାସ୍ପଦ। ଏଯାବତ୍ କେନ୍ଦ୍ର ହେଉ କି ରାଜ୍ୟ ନିର୍ବାଚନ ସମୟରେ ସାଧାରଣ ଭୋଟରଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ କରିବା କ୍ଷେତ୍ରରେ ଶତ ପ୍ରତିଶତ ସଫଳ ହୋଇନାହାନ୍ତି। ତେବେ ମୋଦି କିଭଳି ଏତେ କମ ଦିନରେ ଏହା କରି ଦେଖାଇପାରିବେ। କଂଗ୍ରେସ ସମୟରେ ଦେଶରେ ଯେଉଁଳି ଦୁର୍ନୀତି ହୋଇଥିଲା ତାହା ଦେଶବାସୀ ଜାଣିଛନ୍ତି ଓ ମନେ ରଖିଛନ୍ତି। ବୋଫର୍ସ ଦୁର୍ନୀତିରୁ କଂଗ୍ରେସକୁ ମୁକାଳିବା ପାଇଁ ରାହୁଲ ରାଫେଲ ଦୁର୍ନୀତି ପ୍ରସଙ୍ଗ ସାମ୍ନାକୁ ଆଣି ଲୋକ ଲୋଚନରେ ନିଜର ଭାବମୂର୍ତ୍ତିକୁ ସଜାଡିବା ବେଳେ କୃଷିଋଣ ଛାଡ ପ୍ରସଙ୍ଗକୁ ଆୟୁଧ କରି ଆଗାମୀ ନିର୍ବାଚନ ବୈତରଣୀ କିଭଳି ପାର କରିବେ ସେହି ଚିନ୍ତାରେ ହୁଏତ ଅଛନ୍ତି। କାରଣ ଆଗାମୀ ଦିନରେ କେନ୍ଦ୍ରରେ ଯେବେ କଂଗ୍ରେସ ନିଜର ଶାସନ କ୍ଷମତାକୁ ବଜାୟ ନ ରଖିବେ ହୁଏତ ଆଗାମୀ ଦିନରେ କଂଗ୍ରେସର ଛବି ଧିରେ ଧିରେ ମଳିନ ପଡିଯିବ। କଂଗ୍ରେସ ଦେଖାଦେଖି ବିଜେପି ମଧ୍ୟ ଆସାରେ କୃଷିଋଣ ଛାଡ କରିଛି। ତେବେ ଯେଉଁମାନେ ଶାସନ କ୍ଷମତାରେ ରହି ଗାଦି ଅକ୍ତିଆର କରିବା ଚିନ୍ତାରୁ ଦୂରରେ ରହି ବାସ୍ତବରେ କୃଷକମାନଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେବେ ସେମାନେ ହିଁ ପ୍ରକୃତ ଜନନାୟକ। ସମ୍ପ୍ରତି ଆମ ଦେଶରେ ବେକାରୀ, ଉନ୍ନତ ସ୍ୱାସ୍ଥ୍ୟ ସେବା, ଅନ୍ତର୍ଜାତୀୟ ମାନର ଶିକ୍ଷା, ମହିଳାମାନଙ୍କ ସୁରକ୍ଷା, କନ୍ୟା ଭ୍ରୁଣହତ୍ୟା ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ରହିଛି। କେବଳ କୃଷିଋଣ ଛାଡ ପ୍ରସଙ୍ଗ ଉଠାଇ ଦେଶର ଅଭାବ ଅସୁବିଧାକୁ ଦୂର କରିବା ଦିଗରେ କଂଗ୍ରେସ ମୁଖିଆ କେତେ ଯୁକ୍ତିଯୁକ୍ତ କଥା କହୁଛନ୍ତି ତାହା ସାଧାରଣ ଲୋକ ବିଚାର କରିବା ଉଚିତ୍। ଗଣତାନ୍ତ୍ରିକ ବ୍ୟବସ୍ଥାରେ ସମସ୍ତଙ୍କୁ ସମାନ ଅଧିକାର ଦେବାର ଯେଉଁ ପ୍ରକ୍ରିୟାଟି ରହିଛି ସେହି ଧାରା ଅନୁସାରେ ସାଧାରଣ ଲୋକଙ୍କର ବିକାଶ ନ କରି କେବଳ କଥା ଛଳରେ ଲୋକଙ୍କ ପାଇଁ ସବୁ ସୁବିଧା ପ୍ରଦାନ କରାଯିବ ଭଳି କଥା ହୁଏତ ଆଉ କାମ ଦେବନାହିଁ।


### ଯୋଗାଯୋଗ ଠିକଣା

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭


# ଆତ୍ମଚିନ୍ତନରେ ରାଜ୍ୟ ଭାଜପା : ମୋଦିଙ୍କୁ ଛାଡ଼ିବାକୁ ହେବ କଅଁଳ ବିଜେଡ଼ି ନୀତି



ବାଦଲ ଭୂୟାଁ

ସେମିଫାଇନାଲ କୁହାଯାଉଥିବା ପାଞ୍ଚଟି ରାଜ୍ୟର ବିଧାନସଭା ନିର୍ବାଚନରେ ବିଜେପି ନିଜର ଗଡ଼ କହୁଥିବା ତିନୋଟି ରାଜ୍ୟରେ ଅକ୍ସକେ ପରାଜୟ ପାଇଛି। ଲଗାତର ନିଜ ଗଡ଼ ଦଖଲ କରି ଭାରତୀୟ ରାଜନୀତିରେ ଅପରାଜୟ ହେଉଥିବା ବିଜେପି ପାଇଁ ଏହି ତିନୋଟି ରାଜ୍ୟର ପରାଜୟ ନିଶ୍ଚିନ୍ତ ଭାବରେ ଅନେକ ଆତ୍ମଚିନ୍ତନ ଓ ଆତ୍ମ ସମୀକ୍ଷାର ସମୟରେ ପହଞ୍ଚାଇଛି। ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ବିଜେପି ଏହାକୁ ନିଶ୍ଚିନ୍ତ ଭାବରେ ଜବରଦସ୍ତ ଝଟକା ଭାବେ ବିଚାର କରି ନିଜକୁ ପ୍ରସ୍ତୁତ କରିବା ପାଇଁ ରଣନୀତି ବି ତିଆର କରିସାରିଲାଣି। ଓଡ଼ିଶା ରାଜନୀତିର ତଥ୍ୟରୁ ଯାହା ଜାଣିଥିଲୁ ଏହି ଲେଖକ ତାର ଗତ ସ୍ତମ୍ଭରେ ଡିସେମ୍ବରରେ ମୋଦି ଓ ରାହୁଲଙ୍କ ଓଡ଼ିଶା ଗସ୍ତ ସମ୍ପର୍କରେ ଉଲ୍ଲେଖ କରିଥିଲା। ଭାଜପାର ତିନୋଟି ରାଜ୍ୟର ପରାଜୟ ପରେ ବିଜେଡ଼ି ସୁପ୍ରିମୋ କୃଷକଙ୍କ ପାଇଁ ବିଜେପି ପରାଜୟର ମୁହଁ ଦେଖାଇଲା ବୋଲି ମନ୍ତବ୍ୟ ଦେଇଥିଲେ। ଭାଜପାର ଲୋକପ୍ରିୟ ଓ ଶକ୍ତିଶାଳୀ ଲମ୍ବା ସମୟର ସରକାର ଥିବା ରାଜ୍ୟରେ ଗଡ଼ ଯଦି ଭୁଷୁଡ଼ି ପାରୁଛି ତେବେ ଓଡ଼ିଶାରେ ନବୀନ ଦୁର୍ଗକୁ ଭାଙ୍ଗିବା ପାଇଁ ବିଜେପି ଉଦ୍ୟମ କରିବ ନିଶ୍ଚୟ। ତେବେ ନରେନ୍ଦ୍ର ମୋଦିଙ୍କୁ ତାଙ୍କର କଅଁଳ ନବୀନ ପ୍ରୀତି ଛାଡ଼ିବାକୁ ପଡ଼ିବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦିଅନ୍ତି। ଓଡ଼ିଶାରେ ୧୯ ବର୍ଷର ବିଜେଡ଼ି ସରକାର ଭିତରେ ୮ ବର୍ଷ ବିଜେପି ସହ ମେଣ୍ଟ ସରକାର ଥିଲା। ଦିନେ ନରେନ୍ଦ୍ର ମୋଦିଙ୍କୁ ସାମ୍ପ୍ରଦାୟିକବାଦୀ ଓ ଅଯୋଗ୍ୟ କହୁଥିବା ବିଜେଡ଼ି ସୁପ୍ରିମୋ ପରବର୍ତ୍ତୀ ସମୟରେ ବିଜେପି ସହ ଭଲ ସମ୍ପର୍କ ରଖିବା ପାଇଁ ଉଦ୍ୟମ କଲେ ଓ ଏହାର ସୁଫଳ ପାଇଲେ ମଧ୍ୟ। ନବୀନ ବାବୁଙ୍କ ରାଜ୍ୟ ଶାସନର ବଡ଼ ସଫଳତା ହେଉଛି ଦୁର୍ନୀତି ବିରୋଧୀ କିନ୍ତୁ ମୁଣ୍ଡ ଉପରେ ସାଧାରଣ ନିର୍ବାଚନ ଓ ରାଜ୍ୟ ବିଧାନସଭା ନିର୍ବାଚନ ଥିବାରୁ ଦୁର୍ନୀତିକୁ ଉଭୟେ ବିଜେପି ଓ ବିଜେଡ଼ି ମୁଖ୍ୟ ପ୍ରସଙ୍ଗ ନିଶ୍ଚିନ୍ତ କରିବେ। ଭାରତୀୟ ରାଜନୀତି ଓ ଜନସାଧାରଣଙ୍କୁ ଚର୍ଚ୍ଚିତ କରିଥିବା ରାଫେଲ ଡିଲ୍‌ରେ ସୁପ୍ରିମକୋର୍ଟ ବିଜେପିକୁ କ୍ଲିନ୍ ଚିଟ ଦେବାପରେ ଏହା କଂଗ୍ରେସକୁ ବଡ଼ ଧକ୍କା ଦେଇଛି। ଚୌକିଦାରକୁ ଚୋର କହୁଥିବା ରାହୁଲ ନିଶ୍ଚିନ୍ତ ଭାବେ ସୁପ୍ରିମକୋର୍ଟର ଛାଟ ପରେ ଯଦିଓ ଜେପିସି ତଦନ୍ତ ଦାବୀର ମୁହଁ ଟାଣ ଦେଖାଉଛନ୍ତି ତଥାପି ବିଜେପି ଦୁର୍ନୀତି ବିରୁଦ୍ଧରେ ନିଜର ଉଜ୍ଜ୍ୱଳ ଚେହେରା ଦେଖାଇବାରେ ସଫଳ ହୋଇଛି। ଏହା ସାଧାରଣ ନିର୍ବାଚନରେ ବିଜେପି ପାଇଁ ଶକ୍ତିଶାଳୀ ରାଜନୈତିକ ଅସ୍ତ୍ର ହେବ ନିଶ୍ଚୟ।

ତିନୋଟି ରାଜ୍ୟର ପରାଜୟ ପରେ ଓଡ଼ିଶା ବିଜେପି କିଛି ଦିନ ଅସମ୍ଭବ ନୀରବ ପାଲଟି ଯାଇଥିଲା ଏହା ଅତ୍ୟନ୍ତ ସ୍ୱାଭାବିକ କଥା। ମୋଦି-ଶାହାଙ୍କ ଅନୁଗତ କୁହାଯାଉଥିବା ବିଜେପିର ଓଡ଼ିଶା ଚେହେରା ଧର୍ମେନ୍ଦ୍ର ବାବୁଙ୍କୁ ସାମ୍ନାରେ ରଖି ବିଜେପି ଆଗାମୀ ଦିନରେ ବିଜେଡ଼ିକୁ ବଡ଼ ଟକ୍କର ଦେବ ନିଶ୍ଚୟ। ତେବେ ଅମିତ ଶାହା ହୁଅନ୍ତୁ ବା ନରେନ୍ଦ୍ର ମୋଦି ଯେତେଥର ଓଡ଼ିଶା ଗସ୍ତ କରିଛନ୍ତି ସବୁ ପରିସଂଖ୍ୟାନ ଓ ତଥ୍ୟକୁ ମିଶାଇଲେ ନବୀନ ବାବୁଙ୍କ ବିରୁଦ୍ଧରେ ସେପରି ଟାଣ ଟାଣ ମନ୍ତବ୍ୟ ଦେଇଥିବାର ମନେହୁଏନା। ଅମିତ ଶାହା କଡ଼ା ମନ୍ତବ୍ୟ ଦେଉଥିଲେ ବି ମୋଦି କିନ୍ତୁ ନବୀନଙ୍କ ପ୍ରତି ତାଙ୍କ କଅଁଳ ଭଲ ପାଇବା ଦେଖାଇଛନ୍ତି। ଓଡ଼ିଶାରେ ଚିଟ୍‌ଫଣ୍ଡ ଦୁର୍ନୀତି, ଖଣି ଦୁର୍ନୀତି କୁହନ୍ତୁ ବା ବ୍ଲାକରୋଜ ଘଟଣା, ମନରେଗା ଯୋଜନା ଠାରୁ ଅନେକ ଦୁର୍ନୀତିକୁ ନେଇ ହେଭିୱେଟ୍ ନେତା ଦାମୋଦର ରାଉତ ରାଜ୍ୟ ତମାମ ଯାତ୍ରା କରି ବିଜେଡ଼ି ବିରୁଦ୍ଧରେ ଅଭିଯୋଗର ଫର୍ଦ୍ଦ ଓଡ଼ିଶାବାସୀଙ୍କ ସାମ୍ନାରେ ରଖୁଛନ୍ତି। ଓଡ଼ିଶା କଂଗ୍ରେସ ତିନୋଟି ରାଜ୍ୟର ବିଜୟକୁ ନେଇ ଉଲ୍ଲସିତ ହେଉଥିଲେ ମଧ୍ୟ ତାଙ୍କ ଭିତରେ ଅନ୍ତକନ୍ଦଳ ସମସ୍ତଙ୍କୁ ଜଣା। ଛତିଶଗଡ଼ର ଅତ୍ୟନ୍ତ ଲୋକପ୍ରିୟ ରମଣ ସରକାର ଗାଦିଚ୍ୟୁତ ହେବାପରେ କେନ୍ଦ୍ର ବିଜେପି ଏବେ ଓଡ଼ିଶାକୁ ବଡ଼ ଫୋକସ କରୁଛନ୍ତି। ଓଡ଼ିଶାରେ ପରିବର୍ତ୍ତନର ବାତାବରଣ ରହିଛି ନିଶ୍ଚୟ କିନ୍ତୁ ଏହାପାଇଁ ଏକ ଶକ୍ତିଶାଳୀ ବିକଳ୍ପ ଦରକାର। ରାଜ୍ୟରେ ଭାଜପା ଲଗାତାର ଭାବେ ନିଜ ସମର୍ଥନ ରାଜ୍ୟବାସୀଙ୍କ ଠାରୁ ପାଇବା ସହ ଓଡ଼ିଶାରେ ଏକ ବିକଳ୍ପ ସରକାର ପାଇଁ ଚିନ୍ତା କରୁଛି। କିନ୍ତୁ ଗତ ସାଢ଼େ ଚାରିବର୍ଷ ଭିତରେ ଦେଖାରେ ହେଉ ବା ଅଦେଖାରେ ନରେନ୍ଦ୍ର ମୋଦି ଓ ନବୀନ ବାବୁଙ୍କ ଯେତେଥର ଭେଟଘାଟ ହୋଇସାରିଲାଣି ପରବର୍ତ୍ତୀ ସମୟରେ ଏହା ଗଣମାଧ୍ୟମରେ ଚର୍ଚ୍ଚିତ ଖବର ହେଉଥିଲେ ବି ରାଜ୍ୟ ବିଜେପି ଅଡୁଆରେ ପଡୁଛି। କୁହାଯାଉଛି ବିଜେଡ଼ିକୁ ପ୍ରଧାନମନ୍ତ୍ରୀ ଅଘୋଷିତ ସମର୍ଥନ ଓ ଭରଷା ଦେଉଛନ୍ତି। ପ୍ରତିବଦଳରେ ସଂସଦରେ ଅଘୋଷିତ ସହଯୋଗୀ ଦଳର ଭୂମିକା ବିଜୁ ଜନତା ଦଳ ନେଉଛି। ଓଡ଼ିଶାରେ କେନ୍ଦ୍ର ଅବହେଳା କହୁଥିବା ନବୀନ ବାବୁଙ୍କ ସରକାର ଏକ ପ୍ରକାର ଆମେ ମୋଦିଙ୍କ ସହ ଅଛୁ ବୋଲି ଏକ ସଙ୍କେତ ଦେଇ ଆସୁଛନ୍ତି। କଂଗ୍ରେସ ଓ ବିଜେପି ଠାରୁ ସମଦୂରତ୍ୱ କହୁଥିବା ବିଜେଡ଼ି କିନ୍ତୁ କାହା ସହ କେତେ ଦୂର ଓ କେତେ ପାଖରେ ରହିଛି ତାହା ସମସ୍ତଙ୍କୁ ଜଣା। ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଉଛି ଆଗାମୀ ନିର୍ବାଚନରେ ଝୁଲା ଫଳାଫଳ ହେଲେ କେନ୍ଦ୍ରର ମୋଦି ସରକାର ବିଜେଡ଼ି ପରି ଏକ ବିଶ୍ୱସ୍ତ ଓ ଅନୁଗତ ବନ୍ଧୁ ଉପରେ ଅଧିକ ଭରଷା କରିବ ଯାହାପାଇଁ ସମ୍ଭବତଃ ନରେନ୍ଦ୍ର ମୋଦିଙ୍କ ସରକାର ବିଜେଡ଼ି ସରକାର ବିରୁଦ୍ଧରେ ଠିକ୍ ଭାବେ ମୋର୍ଚ୍ଚା ଖୋଲି ପାରୁନାହାଁନ୍ତି। କୁହାଯାଉଛି ଓଡ଼ିଶାରେ ବିଧାନସଭା ଫଳକୁ ନବୀନ ବାବୁ ଗୁରୁତ୍ୱ ଦେଉଥିବାବେଳେ ଓଡ଼ିଶାରୁ ଅଧିକ ଲୋକସଭା ପ୍ରାର୍ଥୀ ଆଣିବା ପାଇଁ କେନ୍ଦ୍ର ବିଜେପି ଚାହୁଁଛି। ଯାହାକୁ ବିଜେଡ଼ି ବିରୋଧ କରିବା ପାଇଁ ଇଚ୍ଛା କରୁନାହିଁ। ଉଭୟେ ବିଧାନସଭା ଓ ଲୋକସଭା ନିର୍ବାଚନ ଗୋଟିଏ ସମୟରେ ହୋଇଥିବାରୁ କେନ୍ଦ୍ର ସରକାରଙ୍କ କଠୋର ଆଭିମୁଖ୍ୟ ରାଜ୍ୟ ଭାଜପାକୁ ବଡ଼ ସୁଯୋଗ ଦେଇଥାନ୍ତା ଖୋଦି ମୋଦି ମଧ୍ୟ ଲାଭବାନ ହୋଇଥାନ୍ତେ। ରାଜ୍ୟ ଭାଜପା ଯେଉଁ ବଡ଼ ପରିବର୍ତ୍ତନର ଆଶାରେ ରହିଛନ୍ତି ଏହା କେବଳ ମୋଦିଙ୍କ ଦ୍ୱାରା ହିଁ ସମ୍ଭବ। ମୋଦି ନବୀନ ବାବୁଙ୍କ ପ୍ରତି ତାଙ୍କ କୋମଳ ନୀତି ନଛାଡ଼ିବା ପର୍ଯ୍ୟନ୍ତ ଓଡ଼ିଶାରେ ଭାଜପା ପାଇଁ କ୍ଷମତା ପରିବର୍ତ୍ତନର ବାଟ ଫିଟି ପାରିବନାହିଁ। ଓଡ଼ିଶାରେ ମୋଦି ହାୱା ଅପେକ୍ଷା ବିଜେଡ଼ିର ଯେଉଁପରି ସଙ୍ଗଠନ ଓ ନବୀନ ବାବୁଙ୍କ ଲୋକପ୍ରିୟତାର ହାୱା ରହିଛି ଏହାକୁ କାଟିବା ବିଜେପି ପାଇଁ କଷ୍ଟକର କଥା। ଅମିତଶାହାଙ୍କ ୧୨୦ପ୍ଲସ କେବଳ ଏକ ପୋଷ୍ଟରର ସ୍ଲୋଗାନ ବୋଲି ପ୍ରତୀୟମାନ ହୋଇ ରହିଯିବ। ଓଡ଼ିଶାରେ ବିଜେଡ଼ି ସରକାର ଯେଉଁପରି ଲଗାତର ଭାବେ ବିଭିନ୍ନ ଯୋଜନା ଓ ଲୋକପ୍ରିୟ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି ଏବଂ ନବୀନ ବାବୁଙ୍କ ପରି ଦକ୍ଷ ନିଷ୍କଳଙ୍କ, ନିର୍ବିବାଦୀୟ ଓ ଲୋକପ୍ରିୟ ନେତାଙ୍କ ବିକଳ୍ପ ନ ମିଳିଛି ସେ ପର୍ଯ୍ୟନ୍ତ ଓଡ଼ିଶାରେ ବିଜେଡ଼ି ଅପରାଜୟ ହୋଇ ନିଶ୍ଚୟ ରହିବ। ତେବେ ଏସବୁ ଅଙ୍କ କଷାର ଗାଣିତିକ ଉତ୍ତର ପାଇବାକୁ ଆମକୁ ନିର୍ବାଚନର ଫଳ ପର୍ଯ୍ୟନ୍ତ ଧୈର୍ଯ୍ୟ ଧରିବାକୁ ପଡ଼ିବ।


*୪ଜି ପ୍ରତାପ ଆପାର୍ଟମେଣ୍ଟ, ପୁରୁଣା ସୋନାରୀ, ଜାମସେଦପୁର*
*ମୋ : ୭୪୮୮୯୯୮୫୩୨*


# ଲେଖା, ଲେଖକ ଓ ସରକାର



ଅମିନୀଲୁ ରାୟ

**ଲେ**ଖକଟିଏ ହେଉଛି ଏଇ ବିଶାଳ ସଂସାରର ଦ୍ୱିତୀୟ ବିଧାତା। ଏହାକୁ ଅସ୍ୱୀକାର କରାଯାଇ ନପାରେ। କାରଣ ସେ କଳ୍ପନାରେ ଏକ ସୁନ୍ଦର ଜଗତ ସୃଷ୍ଟି କରିଥାଏ । ତା ମତରେ ଜଗତ ଅତ୍ୟନ୍ତ ସରସ, ସୁନ୍ଦର ଏବଂ ମନମୁଗ୍ଧକର ଅଟେ। ସାମାଜିକ ବାସ୍ତବତା ଓ ଜୀବନର ବାସ୍ତବ ଅନୁଭୂତିକୁ ସେ ଲେଖନୀ ମୁନରେ ଅତ୍ୟନ୍ତ କଳାତ୍ମକ ଭାବେ ରୂପାୟିତ କରି ପାଠକମାନଙ୍କ ନିକଟରେ ପରିବେଷଣ କରିଥାଏ। ଯାହା ଫଳରେ ବାସ୍ତବତାର ପ୍ରଚ୍ଛଦ ଉପରେ କଳ୍ପନାର ଏକ କମନୀୟ ଛବି ଦେଖି ପାଠକମାନେ ଆତ୍ମହରା ହୋଇଉଠନ୍ତି । ସେତିକିବେଳେ ଲେଖକଟିର ଅନ୍ତରାତ୍ମା ସହିତ ପାଠକର ପ୍ରାଣ ଏକାକାର ହୋଇଯାଏ । ପାଠକଟିଏ ସେହି ସମୟରେ ହିଁ ଲେଖକକୁ ଆପଣାର ସର୍ବୋତମ ବନ୍ଧୁ ଭାବରେ ଗ୍ରହଣ କରିନିଏ। ଦୃଷ୍ଟାନ୍ତସ୍ୱରୂପ – ସେକ୍ସପିୟର୍, ବାଲ୍ମୀକି, କାଳି ଦାସ, ବ୍ୟାସ, ମନୋଜ ଦାସ, ପ୍ରତିଭା ରାୟ, ମନୋରମା ମହାପାତ୍ର ଇତ୍ୟାଦି ମହାନ୍ ଲେଖକ/ଲେଖିକା ଆଜି ନିଜର ସୃଷ୍ଟି ପାଇଁ ପାଠକମାନଙ୍କ ହୃଦୟରେ ଚିରସ୍ମରଣୀୟ/ ଚିରସ୍ମରଣୀୟା ହୋଇ ରହିଛନ୍ତି ଓ ରହିଥିବେ ମଧ୍ୟ । ଓଡିଆ ସାହିତ୍ୟର ଆଦିକାଳରୁ ଏଯାବତ୍ ଲେଖକଟିଏ ନିଜର ଲେଖନୀ ସାହାଯ୍ୟରେ ମାତୃଭାଷାର ଗୌରବ ବର୍ଦ୍ଧନ କରିଆସିଛି । କାରଣ କାବ୍ୟ କବିତାଗୁଡିକ ଅଧିକ କଳ୍ପନାଶ୍ରୟୀ ହୋଇଥିବା ସ୍ଥଳେ ଗଳ୍ପ, ଉପନ୍ୟାସଗୁଡିକ ବାସ୍ତବାନୁଭୂତିକୁ ନେଇ ଲିଖିତ ହୋଇଥାଏ । ଯେମିତି ସୁଦୂର ଆକାଶରେ ଅଙ୍କିତ ହୋଇଥିବା କମନୀୟ ଇନ୍ଦ୍ରଧନୁଟି ଯେତେ ବଡ ହେଲେ ମଧ୍ୟ ତା ଅପେକ୍ଷା ଧରଣୀ ବୁକୁରେ ଉଡିବୁଲୁଥିବା କ୍ଷୁଦ୍ର ପ୍ରଜାପତିଟିର ରଙ୍ଗିନ୍ ଡେଣା ଅଧିକ ଭଲଲାଗିଥାଏ। କାରଣ ବିଚାରରେ ଗୋଟିଏ ହେଉଛି ସୁଦୂରର ସ୍ୱପ୍ନ ଓ ଅପରଟି ହେଉଛି ନିକଟତମ, ଯାହା ଏକାନ୍ତ ଭାବେ ସତ୍ୟ ଆଉ ବାସ୍ତବ। ତେଣୁ ଉକ୍ତ କାରଣରୁ ଲେଖକଟିଏ ବାସ୍ତବବାଦୀ । ଭାରତ ଏକ ଗରିବ ଦେଶ ହୋଇଥିବା ସ୍ଥଳେ ଓଡିଶା ଏକ ଛୋଟ ରାଜ୍ୟ ହେଲେ ବି ସେ ଏଥିରୁ ବାଦ୍‌ଯାଇ ନାହିଁ । କାରଣ ଏବେ ବି ଦାରିଦ୍ର୍ୟର ସୀମାରେଖା ତଳେ ଥିବା ଲୋକେ ଟଙ୍କିକିଆ ଚାଉଳ ଓ ଗହମ ପାଉଛନ୍ତି । ଆହାର କେନ୍ଦ୍ରମାନ ଖୋଲାଯାଇ ଲୋକମାନଙ୍କୁ ମାତ୍ର ୫ ଟଙ୍କାରେ ଭାତ ଡାଲମା ଦିଆଯାଉଛି । ତେଣୁ ଯେତେ ଯିଏ ଯାହା କହିଲେ ବି ଓଡିଶା ଏକ ଗରିବ ରାଜ୍ୟ ନୁହେଁ ତ ଆଉ କ'ଣ ? ଏହାଠୁ ବଳି ବଡ ପ୍ରମାଣ/ଉଦାହରଣ ଆଉ କ'ଣ ହେଇପାରେ ? ଏହା ଅତ୍ୟନ୍ତ ଦୁଃଖର ବିଷୟ । ଏବେ ବି ଓଡିଶାର କୋଣଅନୁକୋଣରେ ଅନେକ ଲେଖକ ଅଛନ୍ତି, ଯେଉଁମାନଙ୍କ ଜୀବନ ଅତ୍ୟନ୍ତ ଦୁଃଖ ଓ ସଂଘର୍ଷ ମଧ୍ୟରେ ଅତିବାହିତ ହେଉଛି । ତଥାପି ସେମାନେ ଲେଖନୀକୁ ଛାଡିପାରି ନାହାନ୍ତି। ଲେଖକଟିଏ ମାନସିକ କିମ୍ବା ଶାରୀରିକ କାରଣରୁ ରୁଗ୍ଣ ହୋଇଥାଇପାରେ, ତଥାପି ସେ ଅସାଧାରଣ ଧୀଶକ୍ତିସମ୍ପନ୍ନ । ସଂସାରରେ ଯେତେ ଝଡଝଞ୍ଜା ଆସିଲେ ପଛେ ସେ ସେସବୁକୁ ଖାତିର ନକରି, ପେଟରେ ଗଣ୍ଡାଏ ଭଲ କରି ଦାନା ନଥିଲେ ବି ସେ ସେଥିପ୍ରତି ଧ୍ୟାନ ନଦେଇ, ଆର୍ଥିକ ଅଭାବରୁ ଦେହରେ ଖଣ୍ଡିଏ ରୁଚିପୂର୍ଣ୍ଣ ପୋଷାକଟିଏ ନଥିଲେ ମଧ୍ୟ ସେ ସେସବୁକୁ ପଛରେ ପକାଇ ଦିନ ନାହିଁ ରାତି ନାହିଁ ଲେଖି ଚାଲିଥାଏ ଅନବରତ କାବ୍ୟ, କବିତା, ଗଳ୍ପ, ଉପନ୍ୟାସ ଇତ୍ୟାଦି । ଓଡିଆ ଭାଷା ସୁରକ୍ଷା ଆନ୍ଦୋଳନଠାରୁ ଏଯାବତ୍ ସେ ନିଜକୁ ଜଣେ ସଂଗ୍ରାମୀ ଯୋଦ୍ଧା ଭାବରେ ଲେଖନୀ ଧାରଣ କରି ଓଡିଆ ଭାଷାର ସ୍ୱାତନ୍ତ୍ର୍ୟ ରକ୍ଷା ନିମନ୍ତେ ଆଗେଇ ଆସେ । ପୁନଶ୍ଚ ସେଥିପାଇଁ ସେ ଜାତୀୟ ସ୍ୱାଭିମାନର ସୁରକ୍ଷା କବଚ ସାଜି ଭାଷା ଓ ସାହିତ୍ୟର ବଳିଷ୍ଠ ପ୍ରତିଷ୍ଠା କରିଥିବାରୁ ଓଡିଶାବାସୀଙ୍କର ନମସ୍ୟ ହୋଇଥାଏ । ସାଧାରଣତଃ ଲେଖକଟିଏ ସ୍ୱାଧୀନଚେତା ଓ ସ୍ୱାଭିମାନୀ । ସେ ପୁଣି ଜାତୀୟବାଦୀ ବୀର । କଥିତ ଅଛି – ଇଂରେଜ ଶାସନ ସମୟରେ ସେ ନିଜର ଜୀବନକୁ ବାଜି ଲଗାଇ କେତେ କେତେ ଗଳ୍ପ, ଉପନ୍ୟାସ ଓ କବିତା ମାଧ୍ୟମରେ ଇଂରାଜୀ ଶିକ୍ଷା ଓ ଶାସନକୁ ସମାଲୋଚନା କରିବାକୁ ପଶ୍ଚାତ୍‌ପଦ ହୋଇ ନାହିଁ । ସେ ନିଜର ପରାକାଷ୍ଠା ବଳରେ ଇଂରେଜମାନଙ୍କୁ ବିତାଡିତ ହେବାକୁ ଆହ୍ୱାନ କରିଛି । ତେଣୁ ଲେଖକଟିଏ ଜାତି ପ୍ରେମୀ, ଭାଷା ପ୍ରେମୀ, ସାହିତ୍ୟ ପ୍ରେମୀ ଓ ସ୍ୱାଭିମାନୀ । ତା'ର ସାଧନା ଓ ନିଷ୍ଠା ଯୋଗୁଁ ଆଜି ମାତୃଭୂମି ଓ ମାତୃଭାଷାର ମାନ, ସମ୍ମାନ, ଏପରିକି ସ୍ୱାଭିମାନ ମଧ୍ୟ ବଜାୟ ରହିଛି ।

ଏହା ସତ୍ୟ ଯେ – ଆଜିର ଏଇ ଓଡିଶା ମାଟିରେ ଅନେକ ଲେଖକ ଜନ୍ମ ନେଇଛନ୍ତି । ସେମାନଙ୍କ ମଧ୍ୟରୁ ହାତ ଗଣତି କେତେ ଜଣ ଧନୀ ପରିବାରରେ ଜନ୍ମ ନେଇଥାଇପାରନ୍ତି ଓ ସୁଖ ସ୍ୱାଚ୍ଛନ୍ଦ୍ୟରେ ଜୀବନ ଅତିବାହିତ କରୁଥାଇପାରନ୍ତି, ବାକି ଅଧିକାଂଶ ଲେଖକଙ୍କ ପାରିବାରିକ ଅବସ୍ଥା ଏତେ ସ୍ୱଚ୍ଛଳ ନୁହେଁ । ମୁଖ୍ୟତଃ ଏଇ କାରଣରୁ ସେମାନେ ସେମାନଙ୍କ ପିଲାଙ୍କୁ ମନ ପସନ୍ଦର ସ୍କୁଲରେ ପଢାଇବାକୁ ଚାହୁଁଥିଲାବେଳେ ଅର୍ଥ ଅଭାବରୁ ପଢାଇପାରୁ ନାହାନ୍ତି । ସେମାନଙ୍କର ପିଲାଏ ଟିକେ ଭଲ ଖାଇବାକୁ ଚାହୁଁଥିଲାବେଳେ ବା ଦେହରେ ଭଲ ପୋଷାକଟିଏ ପିନ୍ଧିବାକୁ ଇଚ୍ଛା କରୁଥିଲେ ବି ଏହା ସମ୍ଭବ ହୁଏନି। ବଜାର ଦ'ର ହୁ ହୁ ହୋଇ ବଢି ଚାଲିଥିବାବେଳେ ନିଜର ପରିବାରଟିକୁ ଚଳାଇବା ଦିନକୁ ଦିନ କଷ୍ଟକର ହେଇପଡୁଛି । କାହିଁକି କେଜାଣି ଦୁଃଖ ଦୁର୍ଦ୍ଦଶା ଭିତରେ ଦିନ କାଟୁଥିବା ଲେଖକମାନେ କାହାରି ଆଗରେ ନିଜର ମନ କଥା ପଦେ ଖୋଲି କହିବାକୁ ଉଚିତ୍ ମଣନ୍ତିନି। ସମାଜ ପ୍ରତି ନିରନ୍ତର ସେବା କରୁଥିବା, ନିଜେ ଦୀପଶୀଖାଟିଏ ପରି ଜଳି ଜଳି ସମାଜକୁ ଆଲୋକ ପ୍ରଦାନ କରୁଥିବା ଲେଖକଟିଏ ତା ଛାତି ତଳର ଦୁଃଖକୁ ଦୁନିଆର ପ୍ରତିଟି କୋଣଅନୁକୋଣରେ ଜଣାଇବାକୁ ଚାହୁଁଥିଲେ ବି କୌଣସି କାରଣ ବଶତଃ ସେ ମୁହଁ ଖୋଲି କାହାକୁ କହି ପାରେନି। ସରକାର ହେଉଛନ୍ତି ଦେଶ / ରାଜ୍ୟର ମାନ ଦଣ୍ଡ । ଯେତେବେଳେ ଯେଉଁ ସରକାର କ୍ଷମତାକୁ ଆସିଛି, ସେତେବେଳେ ସେ କିଛି ନା କିଛି ନୂଆ ନୀତି ଓ ନୀୟମ ପ୍ରଣୟନ କରିଛି । ଚାକିରିଆଠାରୁ ଆରମ୍ଭ କରି ମୂଲିଆଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ କିଛି କିଛି ମୌଳିକ ସୁବିଧା ସୁଯୋଗ ଦେବାକୁ ପଛାଇ ନାହିଁ। କିନ୍ତୁ ଆଜି ଦେଖିବାକୁ ଗଲେ ଲେଖକଟିଏ କ'ଣ ପାଇଛି ? ଲେଖନୀ ଚାଳନାରେ ଦିନ ରାତି ବ୍ୟସ୍ତ ରହି ଜନସାଧାରଣଙ୍କୁ ଜୀବନରେ ବାସ୍ତବ ଘଟଣାବଳୀର ଚିତ୍ର ପ୍ରଦାନ କରୁଥିଲାବେଳେ ସେ କାହିଁକି ଆଜି ଉପେକ୍ଷିତ ? ସେ କାହିଁକି ସୁବିଧା ସୁଯୋଗରୁ ବଂଚିତ ? ସରକାର ସବୁ ଦେଖି, ସବୁ ଜାଣି ସୁଦ୍ଧା କ'ଣ ପାଇଁ ଚୁପ୍ ରହୁଛନ୍ତି ? ଲେଖକଟିଏ ପାରିବାରିକ ସମସ୍ୟା ଭିତରେ ଜଡିତ ରହି ମାନସିକ ଦୁଶ୍ଚିନ୍ତା ଭିତରେ ଦିନ କାଟୁ ଥିଲେ ବି ସେ ତା'ର ଲେଖନୀ ଚାଳନା କେବେ ବନ୍ଦ କରିନି କି କେବେ କରିବନି। କାରଣ ଏହା ହେଉଛି ତା'ର ଗୋଟେ ଏକ ପ୍ରକାର ନିଶା । ମନରେ ପ୍ରଶ୍ନ ଉଠୁଛି – ଏହା କ'ଣ କେବେ ତା'ର ପେଷାରେ ପରିଣତ ହୋଇ ପାରିବନି ? କିନ୍ତୁ ସରକାର ଚାହିଁଲେ ଏହା ସମ୍ଭବ ହୋଇପାରିବ । ଯଦି ସରକାର ଲେଖକମାନଙ୍କୁ କିଛି କିଛି ଆର୍ଥିକ ସାହାଯ୍ୟ କିମ୍ବା ଅନ୍ୟ କୌଣସି ପ୍ରକାରେ ସାହାଯ୍ୟ କରିପାରନ୍ତେ, ତେବେ ଲେଖକମାନେ ନିଜକୁ କେବେ ଅସହାୟ ମନେ ନକରି ସାହିତ୍ୟ ସେବା ତଥା ଦେଶ ଓ ଜାତିର ଉନ୍ନତି ନିମନ୍ତେ ନିଜକୁ ସର୍ବଦା ସେବା କାର୍ଯ୍ୟରେ ଆହୁରି ମନୋନିବେଶ କରିପାରନ୍ତେ। ପ୍ରକାଶ ଥାଉ କି – ଏଇ କିଛି ମାସ ହେବ ଓଡିଶା ସରକାର ବହୁ ବର୍ଷ ପରେ ଚତୁର୍ଥ ସ୍ତମ୍ଭ ଭାବେ ପରିଚିତ ସାମ୍ବାଦିକମାନଙ୍କ ମୌଳିକ ସମସ୍ୟାକୁ ଉପଲବ୍ଧି କରି ଯତ୍ କିଂଚିତ୍ ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେଇ ଶେଷରେ ପ୍ରତିଶ୍ରୁତି ମଧ୍ୟ ରକ୍ଷା କଲେ । ସେଥିପାଇଁ ତାଙ୍କୁ ଅଶେଷ ଅଶେଷ ଧନ୍ୟବାଦ। ଠିକ୍ ସେମିତି ସ୍ତମ୍ଭକାର ବା ଲେଖକମାନଙ୍କ ମୌଳିକ ସମସ୍ୟା ପ୍ରତି ସେ ଟିକେ ଧ୍ୟାନ ଦିଅନ୍ତେ ଓ ତାହାର ପ୍ରତିକାର ପାଇଁ ସୁଚିନ୍ତିତ ପଦକ୍ଷେପ ନେଇପାରନ୍ତେ , ତେବେ ଏ ଲେଖକକୁଳ ଆହୁରି ମଧ୍ୟ ସାହିତ୍ୟ ସେବା କରିବାର ପ୍ରଧାନ ଅଭିଳାଷ ମନ ମଧ୍ୟରେ ସର୍ବଦା ପୋଷଣ କରି ନିଜର ନିଷ୍ଠା ଓ ଆଦର୍ଶ ବଳରେ ମାତୃଭୂମି ପାଇଁ ନିଜକୁ ଉତ୍ସର୍ଗ କରିପାରନ୍ତା ବୋଲି ଆଶା ତଥା ବିଶ୍ୱାସ ।


*ଜଗତ୍‌ସିଂହପୁର*
*ମୋ : ୯୯୩୭୪୧୨୫୧୫*


# ମୋକ୍ଷ ପଥ

ଯୋଗୀ ଗଣେଶ୍ୱର

ଭାଗ-୩୬

*"ପ୍ରତ୍ୟକ୍ଷ ଜାଣିଲି ଅନାଦି ଈଶ୍ୱର*
*ଅଟଇ କି ଅବା ଏହି।*
*ଯୁବା ବୟସରେ କାହିଁ କେଉଁଜନ*
*ସିଦ୍ଧଯୋଗୀ ଅଛି ହୋଇ ॥"*

**ହା**ଡ଼ିପାଙ୍କ ପଦଧ୍ୟାୟୀ ଗୋବିନ୍ଦ ଧନୀସାହୁ ଘରେ ବୋଲକରା କର୍ମରେ ନିଯୁକ୍ତ ରହିଥିଲେ। ଧନୀସାହୁଙ୍କ ନିର୍ଦ୍ଦେଶରେ ନିତିନିତି ମଦ୍ୟକିଣି ବିକ୍ରି କରୁଥିଲେ। ଦିନକୁ ଦିନ ମଦ୍ୟବେପାର ବୃଦ୍ଧି ପାଇବାକୁ ଲାଗିଲା। ଗୋବିନ୍ଦ ରାତ୍ରରେ ଦୋକାନ ବନ୍ଦକରି କିଣାବିକା ଅର୍ଥ ଧନୀସାହୁଙ୍କ ନିକଟରେ ପୈଠ କରୁଥିଲେ। ପୂର୍ବାପେକ୍ଷା ଅଧିକ ବେପାର ଓ ତହିଁରୁ ଉପାର୍ଜିତଲାଭ ଦେଖି ଧନୀସାହୁ ବହୁତ ଆନନ୍ଦିତ ହେଉଥିଲେ। ଧନୀସାହୁଙ୍କ ପତ୍ନୀ ନିଜର ଭୁଲ ବୁଝି ପ୍ରତ୍ୟେହ ସ୍ନାନସାରି ଗୋବିନ୍ଦଙ୍କ ଚରଣଧୂଳି ନେଇ ମଥାରେ ବୋଳୁଥିଲେ। ଉଭୟେ ପତିପତ୍ନୀ ଗୋବିନ୍ଦଙ୍କୁ ନିଜର ପୁତ୍ରଭଳି ବ୍ୟବହାର କରୁଥିଲେ। ଏପରି ଭାବରେ ଅନେକ ଦିନ ବିତିଗଲା। ସହସା ଦିନେ ଗୁରୁହାଡ଼ିପା ଆସି ପହଞ୍ଚିଲେ। ହାଡ଼ିପାଙ୍କୁ ଦେଖି ଗୋବିନ୍ଦ ପାଦତଳେ ପଡ଼ି ସାଷ୍ଟାଙ୍ଗେ ପ୍ରଣିପାତ କଲେ। ଧନୀସାହୁ ପତ୍ନୀଙ୍କ ସହିତେ ହାଡ଼ିପାଙ୍କୁ ପ୍ରଣାମ ଜଣାଇ କଲ୍ୟାଣ ମାଗିଲେ। ହାଡ଼ିପା ଗଲାବେଳେ ମାଗି ନେଇଥିବା ଖର୍ଚ୍ଚା ବାବଦ ପାଞ୍ଚଟଙ୍କା ଫେରାଇ ଧନୀସାହୁଙ୍କୁ ପୁଚ୍ଛା କଲେ-ହେ'ସାହୁକାରେ,ଏଇ ବାଳକ ତୁମମାନଙ୍କୁ କି ପ୍ରକାର ସନ୍ତୋଷ ପ୍ରଦାନ କରିଛି ଅଥବା କ୍ଷତିଗ୍ରସ୍ତ କରାଇଛି,ହୃଦୟଖୋଲି କୁହ। ଯଦି ଏଇ ଅଜ୍ଞାନ ବାଳକ ତୁମକୁ ଦୁଃଖ ଦେଇଛି ସେଥିପାଇଁ ଆମେ କ୍ଷମାମାଗିବୁ। ପୁତ୍ର ଯଦି ଦୋଷ କରେ ପିତା ନିଜଗୁଣରେ କ୍ଷମା କରିଥାନ୍ତି। ସେହିପରି ଗୋବିନ୍ଦର ସବୁଦୋଷକୁ କ୍ଷମା କରିଦେବା ଉଚିତ ହେବ। ହାଡ଼ିପାଙ୍କ ନମ୍ରବଚନ ଶ୍ରବଣକରି ଧନୀସାହୁ କରଯୋଡ଼ି କହିଲେ ହେ'ମହାଭାଗ,ତୁମେ ଏତେବଡ଼ ସାଧକହୋଇ କ୍ଷମା ମାଗିବା କଥା କହିବାରୁ ଆମ ମନର କଳୁଷତା ଉଭାଇ ଯାଇଛି। ତୁମ ଦର୍ଶନ ପାଇ ଆମେ ପତିପତ୍ନୀ କୃତାର୍ଥେ ହୋଇପଡ଼ିଛୁ। ତୁମର ଏଇ ଶିଷ୍ୟ ଜଣେ ସିଦ୍ଧଯୋଗୀ ଭଳି ଆଚରଣ ପ୍ରଦର୍ଶନ କରିଛନ୍ତି। କର୍ମରେ ଉଚନୀଚ ନ ଭାଳି ସବୁକର୍ମ ଧ୍ୟାନର ସହିତ କରିଛନ୍ତି। ସେ ଆମର ବ୍ୟବସାୟକୁ ଏପରିମାର୍ଗରେ ବଢ଼ାଇଦେଲେ ଯେ ଅଳ୍ପଦିନ ମଧ୍ୟରେ ମୋର ଧନ ଦ୍ୱିଗୁଣ ହୋଇଯାଇଛି। ଏହାଙ୍କ ଭିତରେ ଛନ୍ଦ ମାୟା କପଟ ଆଉ ନାହିଁ। ଏପରି ମନୁଷ୍ୟ ବାସ୍ତବରେ ଯୋଗଜନ୍ମା! ତୁମେ ଯେପରି ଗୁରୁ ସେହିପରି ଶିଷ୍ୟ ପାଇଛ। ଧନ୍ୟ ତୁମର ସାଧନା,ଧନ୍ୟ ତୁମ ଗୁରୁପଣ!

ଧନୀସାହୁଙ୍କ ପତ୍ନୀ ହାଡ଼ିପାଙ୍କ ପାଦତଳେ ବସି ବିନୟ ବଚନରେ କହିଲେ- ହେ'ମହାରାଜ,ତୁମର ଏଇ ଶିଷ୍ୟ ସାଧାରଣ ମନୁଷ୍ୟ ନୁହଁନ୍ତି ସାକ୍ଷାତଈଶ୍ୱର ପରି ବୋଧହେଉଛନ୍ତି! ମୋ ଜୀବନର ସବୁଦୁଃଖ ଏହାଙ୍କ କରୁଣାରରୁ ଅପସରି ଯାଇଛି। ଏହାଙ୍କ ମନରେ ମହାଦେବ ବାସକରି ସବୁ କରାଉଛନ୍ତି! ମନକୁ ଏପରି ଭାବେ ବାନ୍ଧି ରଖିଛନ୍ତି ଯେ ଶିବଙ୍କବିନୁ ଅନ୍ୟକାହାର ପ୍ରବେଶ ନାହିଁ। ଏପରି ସୁନ୍ଦର ଟହଟହ ଯୁବାବୟସରେ କିଏ ବା କେଉଁଠି ଯୋଗୀ ହୋଇପାରିଛି! ଆମେ ପତିପତ୍ନୀ ମାୟାଜଗତରେ ବାସ କରୁଥିଲୁ। ଏଇ ଶିଷ୍ୟ ଆମକୁ ନିର୍ମାୟାଭାବ ଶିଖାଇଛନ୍ତି। ଏହାଙ୍କର ଗୁଣ ଅପାର! ଆମେ ସତ୍ୟେ କରି କହୁଛୁ ତୁମରି ଭଳି ତୁମ ଶିଷ୍ୟ ଅଳ୍ପଦିନରେ ଉର୍ଦ୍ଧ୍ୱଗାମୀ ହେବେ! ଧନୀସାହୁ ଓ ତାଙ୍କ ପତ୍ନୀଙ୍କ ମୁଖରୁ ଶୁଭସମ୍ବାଦ ଶ୍ରବଣକରି ହାଡ଼ିପା କୃତକୃତ୍ୟ ହେଲେ। ଯେଉଁ ଉଦ୍ଦେଶ୍ୟରେ ଗୋବିନ୍ଦଙ୍କୁ ଛାଡ଼ି ଯାଇଥିଲେ,ସେଇ ଲକ୍ଷ୍ୟପୂରଣ ହୋଇଥିବାରୁ ହାଡ଼ିପା ମହାଦେବଙ୍କୁ ସ୍ମରଣ କରି ପ୍ରଣାମ ଜଣାଇଲେ। ଦମ୍ପତିଙ୍କୁ ଚାହିଁ କହିଲେ,ଏହି ବାଳକର ମାତା ଜଣେ ସିଦ୍ଧବାୟାଣୀ। ପୁତ୍ରକୁ ସିଦ୍ଧଯୋଗୀ କରାଇବା ଉଦ୍ଦେଶ୍ୟରେ ମୋ ନିକଟରେ ସମର୍ପି ଦେଇଛନ୍ତି। ଜୀବାତ୍ମା ଭଗବତଦର୍ଶନର ସୁଯୋଗ ପାଇବା ପରେ ପରମାତ୍ମା ଶ୍ରୀହରିଙ୍କ ପୟରରେ ବାସ କରିଥାନ୍ତି। ତାହା ହିଁ ଜୀବର ସର୍ବୋତ୍ତମ ଆଶ୍ରୟସ୍ଥଳ। ସେଇ ଅନ୍ତିମ ଆଶ୍ରମରେ ପହଞ୍ଚିବାର ଶ୍ରେଷ୍ଠ ଉପାୟ ହେଉଛି ଯୋଗ। ଭୋଗ ତ୍ୟାଗକରି ଯୋଗରେ ମନ ଲଗାଇଥିବା ମନୁଷ୍ୟ ଦିନେ ନା ଦିନେ ଈଶ୍ୱରଙ୍କ କୃପାଲାଭ କରିଥାନ୍ତି। ଜନ୍ମଜନ୍ମ ଧରି ମାୟାଜଗତର ଯନ୍ତ୍ରଣାକୁ ବିଷଭଳି ପିଇବା ଅପେକ୍ଷା ଯୋଗପଥରେ ରହି ଅମୃତରସନ୍ଧାନ କରିବା ମନୁଷ୍ୟର ପରମଲକ୍ଷ୍ୟ। ଜୀବନ କାଚପାତ୍ର ପରି କ୍ଷଣଭଙ୍ଗୁର। ପ୍ରତିମୁହୂର୍ତ୍ତରେ ତୁଟିଯିବାର ଆଶଙ୍କା ମନକୁ ଆନ୍ଦୋଳିତ କରିଥାଏ। ମାତ୍ର ଏଥିରୁ ବର୍ତ୍ତିବାର ଉପାୟ ସ୍ୱଳ୍ପଲୋକଙ୍କ ଭାଗ୍ୟରେ ଘଟିଥାଏ। ସ୍ଥୂଳଶରୀର ପାଇଁ ଏଇ ଜଗତରେ ଅନେକ କିଛି ଦାନା ରହିଛି। ମାତ୍ର ଆତ୍ମାପାଇଁ ସେଇ ଏକଇ ଈଶ୍ୱର,ଯାହାଙ୍କୁ ପାଇବା ନିମନ୍ତେ ଆତ୍ମା ସଚରାଚର ଭ୍ରମଣ କରିଥାଏ! ଦୟାସାଗରଙ୍କ ସାମାନ୍ୟକୃପା ମିଳିଗଲେ ଜୀବ ହୋଇଯାଏ ଶିବ! ହସ୍ତ, ପଦ, ପଞ୍ଚଇନ୍ଦ୍ରିୟ, ପଚିଶମନ ସବୁ ଈଶ୍ୱରଙ୍କ ଦାନ। ତାଙ୍କରି ଇଚ୍ଛାରପୂର୍ଣ୍ଣତା ପାଇଁ ଉଦ୍ଦିଷ୍ଟ। ଧନୀର ଧନ,ମାନିର ମାନ,ଜ୍ଞାନୀର ତପ, ଅଜ୍ଞାନୀର ଜପ ସବୁ ତାଙ୍କରିଲୀଳା ପାଇଁ ସମର୍ପିତ କ୍ରିୟାକଳାପ। ଏହି ଭାବକୁ ଧରି ନ ପାରି ଅନେକଜନେ କଷ୍ଟ ଭୋଗ କରନ୍ତି। ଯାହା ଜୀବନ ନୁହେଁ ତାହାକୁ ଜୀବନ ବୋଲି ସ୍ୱୀକାର କରି ସଂସାରମାୟାରେ ସନ୍ତରଣ କରିଥାନ୍ତି! ମୃତ୍ୟୁକାଳରେ ଯେଉଁ ଧନରୁ କାଣିଚାଏ ନେବାର ସାହାସ ନାହିଁ ସେଇ ଧନର ଠୁଳ ନିମନ୍ତେ ରାତ୍ରଦିବସ ଭାରବୁହା ପଶୁ ପରି ଲାଗିପଡ଼ନ୍ତି! ସେପରି ମନୁଷ୍ୟ ଜନ୍ମମରଣର ଅର୍ଥ କିଛି ବୁଝନ୍ତି ନାହିଁ। ରୋଗବ୍ୟାଧିର ମୂଳକାରଣ ଖୋଜି ପାଇପାରନ୍ତି ନାହିଁ। ବୈଦ୍ୟଦ୍ୱାରରେ ଅଧିଆପଡ଼ି ରୋଗଉପଶମ ନିମନ୍ତେ ଧନଦେଇ ଗୁହାରି କରିଥାନ୍ତି! ପାପପୁଣ୍ୟର ପେଡ଼ିଖୋଲି ସମୀକ୍ଷା କରିବା ପାଇଁ ବେଳ ଅଣ୍ଟେ ନାହିଁ। ଏପରି ମନୁଷ୍ୟଙ୍କୁ ଦୁଃଖ ସର୍ବକାଳରେ ବାନ୍ଧି ରଖିଥାଏ। ଏଇ ଗୋବିନ୍ଦର ମାତା ସେଇ ଗମ୍ୟଅଗମ୍ୟ ପଥର ଭଲମନ୍ଦ ବାର୍ତ୍ତା ଜାଣନ୍ତି। ସେଇ ଦିବ୍ୟଜନନୀଙ୍କ କରୁଣାରୁ ଗୋବିନ୍ଦ ଯୁବାକାଳରେ ସିଦ୍ଧଯୋଗୀ ହେବାନିମନ୍ତେ ପ୍ରୟାସ ଜାରିରଖିଛନ୍ତି! ଗୁରୁବିନୁ ଶିଷ୍ୟ କିପରି ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବ! ଏଇ ଗୋବିନ୍ଦ ସେଇଭଳି ଜଣେଶିଷ୍ୟ ଯିଏ ଗୁରୁଙ୍କ ନିର୍ଦ୍ଦେଶକୁ ଅକ୍ଷରଅକ୍ଷରେ ପାଳନକରି ଦ୍ରୁତଗତିରେ ଧାବମାନ ହେଉଛନ୍ତି। ହରି ଓଁ ତତସତ୍!


*ଦୂରଭାଷ-୯୬୬୮୬୩୧୨୫୭*

## କବିତା

# ଶ୍ରାଦ୍ଧ



**ଦେବାଶିଷ ମହାପାତ୍ର**

**ଜୀ**ଇଁଥିଲା ବେଳେ ଯମର ଯାତନା
ଫଟୋ ହେଲା ପରେ
ସିନେମା ଷ୍ଟାଇଲ ଲୁହ !
ଘରେ ଘରେ ଏବେ ଏତେ ଘଡ଼ିଆଳ
ଭିତରକନିକା
କାହିଁ ପାଇଁ ଯିବା କୁହ !



ଜୀଇଁଥିଲା ବେଳେ ଯମର ଯାତନା
ଫଟୋ ହେଲା ପରେ
କ୍ଷୀରି, ପୁରୀ, ଘିଅ, ମହୁ !
ପୁଅର ନଜର
ଜମିବାଡି ବ୍ୟାଙ୍କ
କାଗଜପତର
ଚାବି ଉଣ୍ଡୁଥାଏ
ଓଢ଼ଣା ଭିତରୁ ବୋହୂ !

*ବିଜୟ ଭବନ*
*୧୫୮୮, କେଉଟସାହି ଛକ*
*ଭୁବନେଶ୍ୱର*
*ମୋ : ୮୭୬୩୫୦୪୪୩୫*

# ଅଯୋଧ୍ୟା



**ଅମରେନ୍ଦ୍ର ମାଧବ ଦାଶ**

**ସେ**ଠାରେ ପହଞ୍ଚିଲା ବେଳକୁ
ସେମିତି କିଛି ନଥିଲା ସେଇଠି...

ଭୋରୁଅ ଆକାଶରୁ ଖିଲିଖିଲି ହସୁଥିଲା ଜହ୍ନ
ଓସ୍ତଗଛ ଡାଳ ସନ୍ଧିରୁ ଅଜଣା ପକ୍ଷୀର କାକଳିରେ
ଝରି ପଡୁଥିଲା ଗୋଟେ ପବିତ୍ର ଆମନ୍ତ୍ରଣ...

ସହରଟା ନିଜ ସହର ପରି ଲାଗୁଥିଲା ଚିହ୍ନାଚିହ୍ନା
ସତେ ଯେମିତି କିଏ ଦାଦା, କିଏ କାକା
କିଏ ମଉସା, କିଏ ପିଉସା
ଆଖପାଖ ଦେଇ ଆତଯାତ ଲୋକେ
ବି ଲାଗୁଥିଲେ ଆପଣାଆପଣା...

ଗାଇଡ୍ ଡାକି ନେଉଥିଲା ହାତଧରି
କଢ଼େଇ ନେଉଥିଲା ବାଟ
ଦିନ ଆଲୁଅରେ କିଛି ଅଜଣା
ତଥ୍ୟକୁ ସାମ୍ନାସାମ୍ନି କରିବାକୁ,
ଯଦିଓ ତଥ୍ୟଠାରୁ ଢେର୍ ଅଲଗା ଥିଲା ସବୁକିଛି...



ଅଯୋଧ୍ୟାରେ ବେଶ୍ ସାମାନ୍ୟ ଥିଲା ସବୁକିଛି
ପରିସ୍ଥିତି, ପରିବେଶ ଥିଲା ବି ଶାନ୍ତ
ମନ୍ଦିର ବାହାରେ ବିକ୍ରି ହେଉଥିଲା
ଶଙ୍ଖା, ସିନ୍ଦୂର, କଉଡ଼ି, ଲାଲକପଡ଼ା, ରାମଦାନୀ
ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ବି ପୂଜା ସାମଗ୍ରୀ
କିଛି ହାତଟେକାକୁ ଅନିଷା କରି
ଛତାମାରି ବସିଥିଲେ ଛାଇଛାଇକା ସ୍ଥାନରେ
ମନ୍ଦିରରୁ ଭାସି ଆସୁଥିଲା ରାମନାମ
ସାଧ୍ୱୀମାନେ ମସ୍ତ ଥଲେ କୀର୍ତନରେ...

ସମୟ ପାଦରେ ଯେମିତି
କିଏ ବାନ୍ଧି ଦେଇଥିଲା ଘୁଙ୍ଗୁର
ସେଇ ଶବ୍ଦରେ ହିଁ ଦିଶି ଯାଉଥିଲା
ପ୍ରଭୁ ରାମ, ମାତା ସୀତା, ହନୁମାନ
ଭ୍ରାତା ଭରତଙ୍କ ବଦନ
ଦେହର ଶିରାରେ ଶିରାରେ
ବୋହି ଯାଉଥିଲା ସରଜୁର ସୁଅ
ଗୁପ୍ତାର ଘାଟର ଆଞ୍ଜୁଳାଏ ପାଣିରେ
ପ୍ରତିଭାତ ହେଉଥିଲା ପୁରୁଷୋତମଙ୍କ ଚିତ୍ର
ସବୁ କିଛି ଲାଗୁଥିଲା ପବିତ୍ର ପବିତ୍ର...

ବିଶ୍ୱାସଠାରୁ କିଛି କମ୍
କିନ୍ତୁ ଆଶାଠୁ ଢେର୍ ଅଧିକ ଥିଲା ଅଯୋଧ୍ୟା...

*ପ୍ଲଟ୍ ନଂ ୧୩୦୨/ଏ (ପ୍ରା), ୟୁନିଟ୍-୪, ଶାସ୍ତ୍ରୀନଗର,*
*ଭୁବନେଶ୍ୱର-୭୫୧୦୦୧, ମୋ:୯୪୩୭୩୫୯୯୪୫*

# ମା





**ସତୀଶ ନୂତନ**

ପ୍ରତିମାସ
ସୁବିଧା ଭୋଗୀଙ୍କ ପାଇଁ
ସୁବିଧା ଭୋଗୀଙ୍କ ଦ୍ୱାରା
ତିଆରି, ଏ ଲମ୍ବା ତାଲିକାରେ
କୋଉଠି ବି ନଥାଏ
ତା' ନା' କି ତା' ଆବଶ୍ୟକତା !

ମା
ଫ୍ୟାମିଲି ପେନ୍‌ସନ ପାଏ

ପେନ୍‌ସନ ଆଣିବା ପାଇଁ ଯେବେ ବି ଆସେ
ବ୍ୟାଙ୍କ୍
ପାସବୁକ୍ ଭିତରେ ଲୁଚେଇକି ଆଣିଥାଏ
ଘରର ଯାବତୀୟ ଦରକାରୀ ଜିନିଷର
ଲମ୍ବା ତାଲିକାଟିଏ

*ଅନୁବାଦ : ଈପ୍‌ସିତା ଷଡଙ୍ଗୀ*

# ପୋଡ଼ାମାଟିର ଗୀତ



**ସୁରଞ୍ଜନ ପାତ୍ର**

**କେ**ଉଁ ସକାଳକୁ କୋଳେଇ ନେବି ମୁଁ
ବାହୁ ଦୁଇ ମୋର ମେଲି
ଆତତାୟୀଙ୍କର ବାରୁଦିଆ ହସେ
ଆଗକୁ ପାରେ ନା'ଚାଲି।

ଭଲ ପାଇବାର ଜରାୟୁରେ ଏଠି
ଅଣୁ ପରମାଣୁ ବୀଜ
କାମନା ଦାନବ ଆଖିର ଇଙ୍ଗିତେ
ଜୀଇଁବାକୁ ଲାଗେ ଲାଜ।

ପାଦତଳେ ପୁଣି ଉହଳ ବିକଳ
ଭୋକାତୁର ଚୋରା ବାଲି
କେଉଁ ସକାଳକୁ କୋଳେଇ ନେବି ମୁଁ
ବାହୁ ଦୁଇ ମୋର ମେଲି।

ଜୀବନଟା ଯହିଁ ଦୁଃଖର ଅନଳେ
ନିଇତି ଯେ କଲବଲ
ଶିଶିର ପଖଳା ବତୁରା ମାଟିକୁ
କେମିତି କରିବି ଗେଲ।



ଦାନା ମୁଠେ ପାଇଁ ପାପୁଲିକୁ ଏଠି
ଦାଦନ ଦେଉଛି ବଳି
କେଉଁ ସକାଳକୁ କୋଳେଇ ନେବି ମୁଁ
ବାହୁ ଦୁଇ ମୋର ମେଲି।

*ନୂଆଗାଁ, ଶିଙ୍ଗାଖୁଣ୍ଟା, ସୋର, ବାଲେଶ୍ୱର*
*ମୋ : ୯୫୮୩୯୩୬୭୫୬*

# ନାରୀଟିଏ ସ୍ୱପ୍ନ ଦେଖିବା ଦିନ



**ଡ. ମମତା ପ୍ରିୟଦର୍ଶିନୀ ସାହୁ**



**ହେ** ମୋର ଚିର ଇପ୍ସିତ ଲକ୍ଷ୍ୟ,
ଏଇ ତ ହାତ ପାହାନ୍ତାରେ ଥିଲ,
ନିମିଷକେ ଏତେ ଦୂରେ ?
କଦାଚିତ୍ ତୁମର ପ୍ରାପ୍ତି ପାଇଁ
କିଛି ଫୁଲ ବିଚ୍ଛୁରିତ ହୁଅନ୍ତି,
ଅନ୍ଧାରୀ ପଥରେ।

ଅବା କିଛି ବିସର୍ଜିତ ହେବାର ଦୁଃଖରେ
ମଉଳି ଯାଆନ୍ତି,
ନିସ୍ତବ୍ଧ ରାତ୍ରିରେ।



ମିଥ୍ୟା ଅହମିକା ଆଉ ସ୍ୱାର୍ଥାନ୍ଧ ଅଗ୍ନିରେ,
ଦହନ ହେବାର ନଜିର ବି ରହିଚି
ଏଇ ଆଖି ପଲକରେ।



ତେବେ କ'ଣ ତୁମର ପ୍ରାପ୍ତି,
କେବଳ ସ୍ୱପ୍ନରେ ?
ନା !
ଫୁଲକୁ ଦଳି ଚକଟି
ଆକ୍ରାମାକ୍ରା କରିବାର ପ୍ରଚେଷ୍ଟାରେ
ମସଗୁଲ ଥିବା ମଦମତ୍ତ
ମାଳିର ହାତରେ ?

*ଓଡ଼ିଆ ଅଧ୍ୟାପିକା,*
*ସରକାରୀ +୨ ବିଜ୍ଞାନ ମହାବିଦ୍ୟାଳୟ*
*ବାଲିଶଙ୍କରା, ସୁନ୍ଦରଗଡ଼*

# ପରିବର୍ତ୍ତନ



**ଚନ୍ଦ୍ରିକାରାଣୀ ପଣ୍ଡା**



**ଆ**ସ ମୋର ମା ଭଉଣୀ
ସାଥି, ସଙ୍ଗାତ, ପିଲାଦିନର
ବଉଳ ଓ ବାନ୍ଧବୀଗଣ
କେତେଦିନ ବାଧ ହେଉଥିବ
ଜାଣି ଜାଣି ହାରିବାକୁ।

କେତେଦିନ ଏମିତି ମୃତ୍ୟୁ
ପୂର୍ବରୁ ବାରମ୍ବାର ମରୁଥିବ
ପୁଣି ଉଠି ଦରମରା
ଜୀବନକୁ ନେଇ ଦୌଡୁଥିବ
ନିସ୍ତେଜ ଶକ୍ତିହୀନ ପାଦରେ
ମେଣ୍ଟାଇବାକୁ ଏ
ମଣିଷ ରୂପି ରାକ୍ଷସଙ୍କ
ଦେହର ଭୋକ।

ଚାଲ ଆମେ ହାତରେ ବନ୍ଧୁକ ଧରିବା,
ଆଖିରେ ଅଗ୍ନି ଭରିବା
ଆଉ ନିଃଶେଷ କରିବା ଏ
ପୃଥିବୀକୁ।

କିଏ ଜାଣେ ହୁଏତଃ
ଉଜୁଡା ବିଶ୍ୱରୁ ସଜଡା ମଣିଷ
ଜନ୍ମ ନେଇପାରନ୍ତି।

*ଏମ୍.ଫିଲ୍, ପ୍ରଥମ ବର୍ଷ*
*ବିଶ୍ୱଭାରତୀୟ, ଶାନ୍ତିନିକେତନ*

# ଅବମୂଲ୍ୟାୟନ

**ମନୋଜ ମହାନ୍ତି**



**ନା**ଥ ନଦୀର ଝଲ୍‌କା ଝଲ୍‌କା ପାଣିରେ ଉଧିଲିଥିଲା ମୋର କୈଶୋର। ବଡ଼ଟେ ଜହ୍ନ 'ଠ' ହୋଇ ଡଙ୍ଗର ପଟୁ ଉଠି ଆସୁଥିଲେ ଶାଗୁଆ ସ୍ୱପ୍ନଟେ ଛାଇ ଯାଉଥିଲା ଗାଁ। ବାପାଙ୍କ କମ୍ପାନୀ ଚାକିରୀର ନିଅଣ୍ଟିଆ ହିସାବର ଭିଡ଼ ଭିତରେ ଜଳୁଥିଲା ଗୋଟେ ଟିଣର ଡିବିରୀ ବତୀ ଆଉ ହାଣ୍ଡିଶାଳରେ ମା' ଡବ୍‌କଉଥିଲା ଭୋକର ଭାତ। ବାପା କହୁଥିଲେ ଆରେ ଡିବିରୀଟାକୁ ବହି ପାଖକୁ ରଖି ପଢୁନୁ.... ନା ଶୋଇ ଯାଉଚୁ? ମୋର କେଉଁ ପାଠରେ ମନ ଥାଏକି, ସେଇ 'ଠ' ଜହ୍ନଟାରେ ଖୋଜେ ମୋ ମାମୁଁ ଘର।

ବମ୍ଭୁ କମ୍ପାନୀର ଚାକିରୀରେ ବାପାଙ୍କ ସଂସାର। ଗୋଟେ ହାର୍‌କୁଲେସ୍ ସାଇକେଲ୍, ପଛପଟେ ସାଇକେଲ୍ ପମ୍ପ, ଫଟା ଟ୍ୟୁବ୍‌ଖଣ୍ଡେ ଆଉ ସଲ୍ୟୁସନ୍, କେଇଟା ରେଞ୍ଚ୍। ସେ ବେଳକୁ ରାସ୍ତା ଚକ୍‌ଚକ୍ କରି ଗଡ଼ି ଯାଉନଥିଲା ଜଂଗଲ ଘାଟି। ଆବୁଡ଼ା ଖାବୁଡ଼ା ରାସ୍ତା, ପାଣିର ନାଳ, ଢିମାଢିମା ପଥର, କଟା ହୋଇଥିବା ଗଛର ଖୁଣ୍ଟ। ସେଇ ରାସ୍ତା ଦେଇ ସପ୍ତାକୁ ଥରେ ବାପା ଆମ ଘରଠୁ ସାଇକେଲ୍ ନେଇ ବାହାରି ଯାଆନ୍ତି ପନ୍ଦର କି.ମି. ପେପର ମିଲ୍‌ର ମୁଖ୍ୟ ଅଫିସ୍ ପାଖକୁ। ସେଠୁ ଟଙ୍କା ଆଣିଲେ ତା' ଆରଦିନ ହାଟ ବସେ ଆମ ଘର ସାମ୍ନାରେ ବାଉଁଶ କଟା କୁଲି ମାନଙ୍କର ମଜୁରୀ ବଟା ଦିନ।

ମା' ପଣତରେ ମୁହଁ ପୋଛେ କୁହେ ଏତେ କମ୍ ଦରମାରେ ଚଳିବା କେମ୍‌ତି? ବାପା ହସନ୍ତି.... କାଇଁ ଏ ମଜୁରୀଆଙ୍କ ଠାରୁ ତ ଆମର ଦରମା ଢେର ଅଧିକା। ମା' ଲୁହ ଛଳଛଳ ହୋଇଯାଏ, ତିନିଟା ପିଲାଙ୍କୁ ଚଳାଇ ନେବେ କଷ୍ଟ ହେଉଚି... କିଛି କରନ୍ତ ନି...! କ'ଣ? ଏମ୍‌ତି କିଛି ଉପରୀ! ବାପା ଗମ୍ଭୀର ଲାଗନ୍ତି ନା.... ନା... ଜାଣୁଜାଣୁ ପରିଶ୍ରମୀ ଲୋକଙ୍କ ଟଙ୍କା ଆତ୍ମସାତ କରିବା ମୋ ନିତି ବିରୁଦ୍ଧ।

ସେଦିନ ବାପାଙ୍କ ମୁହଁ ଅଧିକା ତୋଫା ଲାଗିଥିଲା ମୋତେ, ଯେଉଁଦିନ ମା'କୁ କହିଲେ ଜାଣିଚ, ଆଜି ମୁଁ ଆମ ଶ୍ରମିକ ୟୁନିଅନର ସଭାପତି ଭାବରେ ଆମ ଷ୍ଟାଫ୍‌ମାନେ ମୋତେ ଦାୟିତ୍ୱ ଦେଲେ। ମା' ଖୁସିଟାଏ ହୋଇଗଲା କ'ଣ ବୁଝିଥିଲା କେଜାଣି! ବାପା କହିଲେ ଏଥର ଲଢେଇ ହେବ କମ୍ପାନୀ ବିରୁଦ୍ଧରେ ଆମ ହକ୍ ପାଇଁ। ତମେ କହୁଥିଲ ନା ଦରମା ଅଣ୍ଟୁନି। ଏଥର ସେଥିପାଇଁ କମ୍ପାନୀର ବଡ଼ବଡ଼ିଆଙ୍କ ସାଙ୍ଗରେ ଆମର ଲଢ଼େଇ ହେବ। ସତରେ ଲଢ଼େଇ ଆରମ୍ଭ ହୋଇ ଶେଷବି ହୋଇ ଯାଇଥିଲା। ଲୋକଙ୍କ ଗହଳିରେ କେଇଦିନ ଆମ ଛୋଟଟେ କମ୍ପାନୀର କ୍ୱାଟର ଜଙ୍ଗଲ ଭିତରେ ଭିଡ଼ଭିଡ଼ ଲାଗିଥିଲା। ତା'ପରେ ହଠାତ୍ ଲଢ଼େଇ ଥମି ଯାଇଥିଲା। ନା ଆଉ କେଉଁଠି ଶୁଭି ନଥିଲା ଜଂଗଲରେ ଠକ୍‌ଠକ୍ ଟାଙ୍ଗିଆର ଶବ୍ଦ.... ଆମ ଘରେ ଆଉ ବସୁନଥିଲା ସାପ୍ତାହିକ ହାଟ ପରି ମଜୁରୀ ବଣ୍ଟା ଦିନ। କମ୍ପାନୀ ଚେତାବନୀ ଦେଲା ନିଜନିଜର ବକେୟା ପାଉଣା ହିସାବ କରି ଗ୍ରାଚୁଇଟି, ପ୍ରୋଭିଡେଣ୍ଟ ଫଣ୍ଡ୍ ଧରି ଭାଗ ନାଇତ ପରେ କେହି ଶୁଣିବେ ନାହିଁ। ପୁଣି ଭିଡ଼ ଜମିଲା ଆମ ଘରେ। ବାପା କହିଲେ ନାଇ ଅନ୍ୟାୟ ବିରୁଦ୍ଧରେ ଲଢ଼ିବା ଶେଷ ଯାଏଁ। କେହି ନେବା ନାହିଁ ବିନା କ୍ଷତିପୁରଣରେ ବକେୟା ପାଉଣା। କମ୍ପାନୀର ଛଟେଇ ବିରୁଦ୍ଧରେ ଲଢ଼ିବା... କେସ୍ କରିବା.... ଜିତାପଟ୍ ହେବ ଶ୍ରମର ଜୟ ହେବ!



ନା' ଘଟିନଥିଲା ସେମ୍ତି କିଛି। କମ୍ପାନୀ ତା'ର ୟୁନିଟ୍ ଲସ୍ ଦେଖାଇ ତାଲା ମାରିଦେଲା। ଯିଏ ସ୍ୱାର୍ଥ ଦେଖିଲା ନିଜନିଜ ପାଉଣା ନେଇ ପାର୍। ବାପା ଜିଦିରେ ରହିଗଲେ.... ତାଙ୍କ ସାଙ୍ଗରେ କିଛି ତଳିଆ କର୍ମଚାରୀ। ଲଢ଼େଇ ଜାରି ରହିଲା ଦିନ... ମାସ... ବର୍ଷ! ବାପା ହାରି ଯାଇଥିଲେ। ତଳିଆ କର୍ମଚାରୀଙ୍କ କୁଭାଷାରେ ଆମ ଘର ପାଖ ଶୂନ୍ୟ ଲାଗିଲା। ମୋତେ ବାପା ଖୁବ୍ ବୟସ୍କ ଲାଗିଲେ। ସେଇଠି ଦେଖିଥିଲି ଶ୍ରମଟା କେମ୍‌ତି ହାରିଯାଏ ପଇସାବାଲା କାନୁନ୍‌ର ଦ୍ୱାର ପାଖରେ। କେମ୍‌ତି ମାଟି ଚାଟିଯାଏ ଶ୍ରମିକଟେ... କେମ୍‌ତି ଅଧା ରାସ୍ତାରେ ଅଟକିଯାଏ ଗୋଟେ ପରିବାର। ବାପା ଚାଲିଆସିଲେ ପରିବାର ନେଇ ନିଜ ଗାଁକୁ... ମୁଁ ବି।

ସେଇଠୁ ଗୋଟେ ପରିବର୍ତନ ଆରମ୍ଭ ହୋଇଥିଲା ତୁରେଇକେଲା, ଲାଠୋର, ଗଇନ୍ଦିମାଲ୍, ଝାରବାହାଲ୍, କଣ୍ଟାବାଞ୍ଜି, ଖପ୍ରାଖୋଲ, ହରିଶଙ୍କରର ଲୋକମାନେ ଦାଦନ ଯିବାର ମୂଳଦୁଆ ପଡ଼ିଥିଲା। ଏଇଟା ୧୯୮୨ ମସିହାର କଥା।

ଏବେ ବି ମୁଁ ଲଢୁଛି ପେଟ ପାଇଁ ଘରୋଇ ସଂସ୍ଥାର ଗୋଟେ ଦାୟିତ୍ୱପୂର୍ଣ୍ଣ କାମରେ। ପେଟକୁ ଚାହିଁ ଅଧିକାରର ମୁଲଚାଲ ପାଖରେ ବାରମ୍ବାର ହାରିଯାଇଛି ମୁଁ। ସେ ପାଇଁ ସଂସ୍ଥାପରେ ସଂସ୍ଥା ବଦଳାଇ ଏବେ ପାଞ୍ଚ ନମ୍ବର ସଂସ୍ଥାରେ ଶ୍ରମ ବିକୁଚି। ଘରୋଇ ସଂସ୍ଥାରେ ମାଲିକ ପାଖରେ ମୁଣ୍ଡ ନୁଆଁଇ ହାଁ ଜି କହିଛି। ଏବେ ତ ବଡ଼ ପୁଅ କଲେଜରେ, ସାନ ଅଷ୍ଟମରେ। ସେମାନଙ୍କ ଦାବି ଅନେକ... ପୂରଣ କରିବା ପାଇଁ ମୁଁ ସମର୍ଥ ନୁହେଁ। ଯେଉଁଠି ମାଇନସ୍ ମାର୍କ ରଖି ଛାତ୍ରଟିଏ ପଇସା ବଳରେ ଡାକ୍ତରୀ ପଢ଼ିପାରେ ସେଠି ମୋ ପରି ଘରୋଇ ସଂସ୍ଥାର କର୍ମଚାରୀଟେ ସେ ଭିଡ଼ ଭିତରକୁ ପଶିଯିବାର ଦୁଃସାହସ କରିପାରେ ନାହିଁ। ଏବର ସମାଜରେ କୋକାକୋଲା ବିଜ୍ଞାପନର ଉଲଗ୍ନ ନାରୀର ଦେହ ପାଖରେ ଅବମୂଲ୍ୟାୟନ ହୋଇଯାଏ ଶ୍ରମିକର ଝାଳରକ୍ତ। ବିଚ୍ ରାସ୍ତାରେ ନିଲାମ ହୁଏ ଶ୍ରମ। ବଡ଼ବଡ଼ ସହରରେ ଯେଉଁଠି ଛକ ଜାଗା ମାନଙ୍କରେ ଶ୍ରମିକ କାମର ସଂଧାନରେ ପରିବା ପରି ପସରା ମେଲାଇ ଥାଏ ସେଠି ଶ୍ରମର ମୂଲ୍ୟାୟନ ହେଇଚି ବୋଲି କହିବା ହାସ୍ୟାସ୍ପଦ।

ମାଲିକ ସେଦିନ ହାତ ମାରିଥିଲା ମୋ ପିଠିରେ। ଅଧିକା ରୋଜଗାର ଚାହୁଁଛ, ପିଲାଙ୍କୁ ବଡ଼ ମଣିଷ କରିବାକୁ ଚାହୁଁଛତ ମୋ ହାତରେ ହାତରଖ.... ଦୂରେଇ ଆସି ପାରିବ ତମ ସାଥି କର୍ମଚାରୀଙ୍କ ଠୁଁ ତ ବେଶ୍ କିଛି ମୁନାଫା ପାଇଯାଇ ପାର।

ସେ କର୍ମଚାରିଟା ଥିଲା ମୋର ଅତି ଜିଗିରୀ.... ଦଶବର୍ଷ ଗୋଟେ ସଂସ୍ଥାରେ କାମ କରି ଭାଇପରି ସଂପର୍କଟେ ଅଜଣାତରେ ଗଢ଼ି ହେଇଯାଥିଲା। ହେଲେ ମୋ ଭିତରେ ଆଗକୁ ବଢ଼ିବାର ସ୍ପୃହା, କଲେଜ ପଢୁଆ ପିଲାର ଦାବି, ମୁଣ୍ଡ ପାଇଁ ଘରଖଣ୍ଡେ, ସଦ୍ୟ ବିଧବା ଭଉଣୀର ପରିବାରର ସୁରକ୍ଷା ପାଇଁ ମୁଁ ଛାଡ଼ି ଦେଇଥିଲି ତା' ହାତ। ସେ ଛଟେଇ ହୋଇଗଲା।

ସେଦିନ ସଞ୍ଜ ଟ୍ରେନରେ ବାହାରିଗଲା ବେଳକୁ ତା' ନିରୀହ ହାତ ଖସି ଯାଇଥିଲା ମୋ ହାତ ଭିତରୁ.... ତା' ଲୁହ ଡବଡବ ଆଖି ଟ୍ରେନ୍‌ର ବଗି ଭିତରେ ପୁଳାଏ ଅନ୍ଧାର ହୋଇଯାଇଥିଲା... କେବଳ ପୁଳାଏ ଅନ୍ଧାର....। ହଁ ଶ୍ରମ ହରାଇ ଶ୍ରମିକଟେ ହଜି ଯାଉଥିଲା ସେଦିନ ରାତି ଟ୍ରେନ୍‌ର ସାଧାରଣ ଲୋକଙ୍କ ବଗି ଭିତରେ ଯେଉଁଠି କାହାର ପରିଚୟ ଖୋଜି ହୁଏ ନାହିଁ!

*ଜୁନାଗଡ଼, କଳାହାଣ୍ଡି*
*ମୋ : ୯୪୩୭୩୨୮୭୫୮*

# ପିଲାଙ୍କ ଦୁନିଆ







**ସାନ୍‌ଭି କାପୁର**
ଷ୍ଟାଣ୍ଡାର୍ଡ-୮
ଡିଏଭି ପବ୍ଲିକ୍ ସ୍କୁଲ
ଅମ୍ରିତସର, ପଞ୍ଜାବ





**ସୋନାଲ ସାହୁ**
ଷ୍ଟାଣ୍ଡାର୍ଡ-୭
କେମ୍ବ୍ରିଜ୍ ସ୍କୁଲ, ଠାକୁର କମ୍ପ୍ଲେକ୍ସ,
ମୁମ୍ବାଇ

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ପ
ରି
କ୍ର
ମା





# ଅନ୍ଧାର ଭିତରେ ଲୁଚି ଯାଇଛି ସିନ୍ଧିପଦର

**ଥୁଆମୂଳ ରାମପୁର, (ବିବିସିଏମ୍ ନାଏକ) :** ଆଦିବାସୀ ଅଧୁଷିତ ବଣ ପାହାଡ ଘେରା ଦୁର୍ଗମ ଅଞ୍ଚଳ ଥୁଆମୂଳ ରାମପୁର ବ୍ଲକର ସିନ୍ଧିପଦର ଗ୍ରାମପଞ୍ଚାୟତ ବିଭିନ୍ନ ସମସ୍ୟା ଘେରରେ ଗତି କରୁଛି। ସ୍ୱାଧିନତାର ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ଏଠାରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ ଓ ବିଦ୍ୟୁତ୍ ଭଳି ଅନେକ ମୌଳିକ ସୁବିଧାରୁ ଏହି ପଞ୍ଚାୟତ ବଞ୍ଚିତ ହୋଇଛି। ଅନ୍ଧାରର ଆଢୁଆଳରେ ଗ୍ରାମପଞ୍ଚାୟତଟି ଲୁଚି ଯାଇଛି ସିନ୍ଧିପଦର। କେବଳ ନିର୍ବାଚନ ଆସିଲେ ବିଜେପି, କଂଗ୍ରେସ ଓ ବିଜେଡିର ବଡ ବଡ ନେତାମାନେ ଏବଂ ପ୍ରଶାସନିକ ଅଧିକାରୀଗଣ ନୀରିହ ଗରିବ ଜନସାଧାରଣଙ୍କୁ ପ୍ରତିଶ୍ରୁତିରେ ବାନ୍ଧିରଖନ୍ତି। ଏହି ପଞ୍ଚାୟତକୁ ଆଦର୍ଶ ଗ୍ରାମ ପଞ୍ଚାୟତ ରୂପେ ଘୋଷଣା କରାଯାଇଛି। ମାତ୍ର ଦିର୍ଘବର୍ଷ ବିତିଯାଇଥିଲେ ମଧ୍ୟ ଏହି ଗ୍ରାମପଞ୍ଚାୟତର ନୀରିହ ଗରିବ ଜନସାଧାରଣଙ୍କୁ କୌଣସି ସୁବିଧା ସୁଯୋଗ ମିଳିପାରିନାହିଁ। କେବଳ କାଗଜକଲମରେ ଚାଲୁଛି ଏହି ଆଦର୍ଶ ସିନ୍ଧିପଦର ଗ୍ରାମପଞ୍ଚାୟତ। ନିରୀହ ଜନତାଙ୍କ ସ୍ୱପ୍ନ କେବଳ ସ୍ୱପ୍ନରେ ହିଁ ରହିଯାଇଛି। ବାସ୍ତବ ବିକାଶ ଏଠାରେ ନାହିଁ। ଏହି ପଞ୍ଚାୟତରେ ଦୁର୍ନୀତିର ଚେର ଲମ୍ବିବାରେ ଲାଗିଥିବା ବେଳେ ଜିଲ୍ଲା ପ୍ରଶାସନ ଓ ଲୋକପ୍ରତିନିଧି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହିଛନ୍ତି। ସତେ ଅବା ସେମାନେ ସବୁ ଜାଣି ସମସ୍ୟାର ସମାଧାନ ନକରି ଲୋକଙ୍କୁ ଅନ୍ଧାର ଭିତରେ ରଖିବାକୁ ଚାହୁଁଛନ୍ତି। ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀମାନେ ବ୍ଲକରୁ ଜିଲ୍ଲା ପ୍ରଶାସନ ଓ ବିଧାୟକଙ୍କ ଠାରୁ ଆରମ୍ଭ କରି ସାଂସଦଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଫଳରେ ନିରଶ ହୋଇପଡୁଛନ୍ତି ପଞ୍ଚାୟତବାସୀ। ଗାଁ ମାନଙ୍କର ବିକାଶ ନିମନ୍ତେ ପଲ୍ଲିସଭା ଓ ଗ୍ରାମସଭା କରାଯାଇ ବିଭିନ୍ନ ପ୍ରସ୍ତାବ ଗୃହିତ ହେଉଥିଲେ ମଧ୍ୟ ଏଠାରେ ପ୍ରକୃତ ହିତାଧିକାରୀମାନେ ସରକାରୀ ଯୋଜନାର ସୁଫଳରୁ ବଞ୍ଚିତ ହେଉଛନ୍ତି। ସତରେ ସ୍ଥାନୀୟ ଲୋକମାନେ ଅନୁଭବ କରନ୍ତି ଯେ, ତାଙ୍କ ପାଇଁ ସରକାର ନାହିଁ କି ପ୍ରଶାସନ ନାହିଁ। ତେଣୁ ଏଭଳି ପରିସ୍ଥିତିରେ ଏହି ପଞ୍ଚାୟତର ସମସ୍ୟା ପ୍ରତି ପ୍ରଶାସନ ଦୃଷ୍ଟି ଦେବା ନିତାନ୍ତ ଦରକାର। ଏଥିପାଇଁ ସ୍ଥାନୀୟ ଅଞ୍ଚଳର ବାସିନ୍ଦାମାନେ 'ଏକମାତ୍ର' ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ସୁବର୍ଣ୍ଣପୁରରେ 'ପେଥାଇ' ଦୁଃଖ; ୧୬୯୪ ହେକ୍ଟର ଜମିରେ ଧାନ ନଷ୍ଟ

**ସୋନପୁର :୨** ସାମୁଦ୍ରିକ ଝଡ 'ପେଥାଇ' କୃଷି ପ୍ରଧାନ ସୁବର୍ଣ୍ଣପୁର ଜିଲାରେ ବିଶେଷ ପ୍ରଭାବ ପକାଇଛି । ଦୁଇ ଦିନ ଧରି 'ପେଥାଇ' ପ୍ରଭାବ ଯୋଗୁଁ ଜିଲାର ସମସ୍ତ ବ୍ଲକ ଅଞ୍ଚଳରେ ଅଦିନିଆ ବର୍ଷା ଲାଗି ରହିବା ଦ୍ୱାରା ଜିଲାର ଚାଷ ବ୍ୟାପକ ପରିମାଣରେ କ୍ଷତିଗ୍ରସ୍ତ ହୋଇଛି । ନିଜର ସବୁ କିଛି ସାହୁକାର ପାଖରେ ବନ୍ଧା ପକାଇ ଚାଷ କରିଥିବା ଏହି ଜିଲାର ଚାଷୀ କେବେ ମରୁଡି ତ କେବେ ଚକଡାରେ ନିଜର ସର୍ବସ୍ୱ ହରାଇ ନିଜର ଅଣ୍ଟା ସଳଖ କରି ପାର ନଥିବା ବେଳେ ବର୍ତ୍ତମାନ 'ପେଥେଇ' ଯୋଗୁଁ ଖଳାରେ ଅମଳ ସମୟରେ ନିଜର କଷ୍ଟୋପାର୍ଜିଜ ସୁନାର ଫସଲ ଉଜୁଡି ଯାଉଥିବାରୁ ଚାଷୀର ମେରୁଦଣ୍ଡ ସମ୍ପର୍ଣ୍ଣ ଦୋହଲି ପଡିଛି। ଫସଲ କ୍ଷୟକ୍ଷତି ସମ୍ପର୍କୟଙ୍କର ଜିଲା କୃଷି ବିଭାଗ ପକ୍ଷରୁ ମୋଟ ୧୬୯୪ ହେକ୍ଟର ଜମିରେ ଫସଲ ନଷ୍ଟ ହୋଇଥିବା ପ୍ରାଥମିକ ଆକଳନ ରିପୋର୍ଟ କରାଯାଇଛି। ରିପୋର୍ଟ ଅନୁସାରେ ଜିଲାର ଡୁଙ୍ଗୁରିପାଲି ବ୍ଲକରେ ସର୍ବାଧିକ ୩୮୦ ହେକ୍ଟର ଧାନ ଫସଲ ନଷ୍ଟ ହୋଇଥିବା ବେଳେ ତରଭା ବ୍ଲକରେ ୩୫୩ ହେକ୍ଟର, ବିନିକାରେ ୩୨୦



ହେକ୍ଟର, ସୋନପୁରରେ ୨୯୩ ହେକ୍ଟର, ବୀରମହାରାଜପୁରରେ ୧୭୮ ହେକ୍ଟର ଓ ଉଲୁଣ୍ଡା ବ୍ଲକରେ ୧୭୦ ହେକ୍ଟର ଧାନ ଫସଲ ନଷ୍ଟ ହୋଇଥିବା କୁହାଯାଇଛି। ବର୍ତ୍ତମାନ 'ପେଥାଇ' ଦୁଇ ଦିନ ହେଲା ଓଡିଶା ଛାଡି ଚାଲି ଯାଇଥିଲେ ମଧ୍ୟ ଜିଲାର ଚାଷୀଙ୍କ ପାଇଁ ଅନେକ ଦୁଃଖ ଛାଡି ଦେଇଯାଇଛି। ଜିଲାର କିଛି ଅଞ୍ଚଳର ଚାଷୀ ସଅଳ କିସମ ଧାନ ଅମଳ କରିସାରିଥିବା ବେଳେ ଅଧିକାଂଶ ଅଞ୍ଚଳରେ ବିଳମ୍ବ କିସମ ଧାନ ନିଜର ବିଲରୁ ଆଣି ପାରିନାହିଁ। ଏପରିକି ଅନେକ ବିଲରେ ଧାନ କାଟିବା ସମୟ ହୋଇଥିବାରୁ ଧାନଗଛ ସବୁ ବର୍ଷା ଓ ପବନରେ ପଡିଯାଇ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଦେଖାଯାଇଛି। ବିଶେଷ କରି ଧାନ କାଟି ଖଳାକୁ ନେବା ସମୟରେ ଅଦିନିଆ ବର୍ଷା ସାଙ୍ଗକୁ ପବନ ଯୋଗୁଁ ତାହା ଖଳାକୁ ନେବା ସମ୍ଭବ ହୋଇପାରିନାହିଁ। ଫଳରେ ବର୍ତ୍ତମାନ ଧାନ ସବୁ କ୍ଷେତରେ ବର୍ଷା ପାଣିରେ ଭାସୁଥିବା ଦେଖାଯାଇଛି। ଏଭଳି ପରିସ୍ଥିତିରେ ପାଚିଲା ଧାନକେଣ୍ଡା ସବୁ ପାଣିରେ ପଡି ଧାନ ଗଜା ହେବାର ମଧ୍ୟ ଯଥେଷ୍ଟ ଆଶଙ୍କା ସୃଷ୍ଟି ହୋଇଛି। ଏପରିକି ଧାନ ବିଲରେ ବର୍ଷା ପାଣି ଆଡଁରୁଏ ଉଚ୍ଚରେ ରହିଥିବାରୁ ଦୁଇ ଦିନ ହେଲା ଖରା ସତ୍ତ୍ୱେ ମଧ୍ୟ ଧାନଗଛ ସବୁ ଶୁଖି ପାରିନାହିଁ । ତେବେ ଦିନେ ଦୁଇ ଦିନ ମଧ୍ୟରେ ପାଣି ନଶୁଖିଲେ ଧାନଗଛ ସବୁ ବିଲରେ ଗଜା ହେବାର ଯଥେଷ୍ଟ ଆଶଙ୍କା ଦେଖା ଦେଇଛି । ତେବେ ଏଭଳି ପରିସ୍ଥିତିରେ ଚାଷୀ ନିଜର କଷ୍ଟୋପାର୍ଜିତ ସୁନାର ଫସଲକୁ କିରି ବିକ୍ରି କରିବ ତାକୁ ନେଇ ମଧ୍ୟ ଚାଷୀ ମହଲରେ ଚିନ୍ତାର ବିଷୟ ହୋଇଛି। ଏ ସମ୍ପର୍କୟଙ୍କର ଜିଲା ଜରୁରୀକାଳୀନ ଅଧିକାରୀ ମୁକ୍ତେଶ୍ୱର ପାଣିଗ୍ରାହୀଙ୍କୁ ଯୋଗାଯୋଗ କରିବାରେ ଫସଲ କ୍ଷୟକ୍ଷତିର ଆକଳନ ପାଇଁ ଜିଲା ଜରୁରୀକାଳୀନ ବିଭାଗ ପକ୍ଷରୁ ଜିଲାର ସମସ୍ତ ତହସିଲଦାର ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସେମାନେ କୃଷି ବିଭାଗ ସହ ମିଳିତ ଭାବେ କ୍ଷେତ୍ର ପରିଦର୍ଶନ କରି ରିପୋର୍ଟ ଦେବେ । ତେଣୁ ଜିଲା କୃଷି ବିଭାଗ ପକ୍ଷରୁ ଦିଆଯାଇଥିବା ଫସଲ କ୍ଷୟକ୍ଷତି ରିପୋର୍ଟ ଚୁଡାନ୍ତ ହୋଇ ପାରିବ ନାହିଁ। ରାଜସ୍ୱ ବିଭାଗ ଓ କୃଷି ବିଭାଗ ମିଳିତ ଭାବେ କ୍ଷେତ୍ର ପରିଦର୍ଶନ କରି ରିପୋର୍ଟ ଦେବା ପରେ ତାକୁ ସରକାରଙ୍କ ନିକଟକୁ ପଠାଯିବ ବୋଲି ସୂଚନା ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଏଥର ପଦ୍ମ ...

ଆସିବାକୁ ହେଲେ ତୃଣମୂଳ ସ୍ତରରୁ ଦଳର ସ୍ଥିତିକୁ ସୁଦୃଢ଼ କରି ଅନେକ ଲୋକପ୍ରିୟ କାର୍ଯ୍ୟକ୍ରମମାନ ହାତକୁ ନେବାର ରହିଛି। ଏଭଳି ପରିସ୍ଥିତିରେ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ରାଜ୍ୟ ରାଜନୀତି ପାଇଁ ଅନେକ କଥା କହିବ। ହେଲେ ନିକଟରେ ଶେଷ ହୋଇଥିବା ପାଞ୍ଚ ରାଜ୍ୟର ନିର୍ବାଚନ ଫଳାଫଳ ବିଜେପିକୁ ନିରାଶ କରିଛି।

ତେଣୁ ଆଗାମୀ ଦିନରେ କେନ୍ଦ୍ରରେ ଏନ୍‌ଡିଏ ସରକାର ପୁଣି କିଭଳି ଗାଦିରେ ରହିପାରିବ ସେ ନେଇ ଅନେକ ଯୋଜନା କରୁଛି ବିଜେପି। ଓଡ଼ିଶାକୁ ପ୍ରଧାନମନ୍ତ୍ରୀଙ୍କ ଆଗମନ ପରିପ୍ରେକ୍ଷୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀ କରି ଯେଉଁ ସୂଚନା ଦେଇଥିଲେ ସେହି ଅନୁସାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଓଡ଼ିଶା ଗସ୍ତ ସମୟରେ ୧୪ ହଜାର ୫୨୩ କୋଟି ଟଙ୍କା ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବେ। ଏଥିସହିତ ପ୍ରଧାନମନ୍ତ୍ରୀ ଏକ ଜନସଭାକୁ ଉଦ୍‌ବୋଧନ ଦେବେ। ପ୍ରଧାନମନ୍ତ୍ରୀଙ୍କ ଫୋକସ୍‌ରେ ଓଡ଼ିଶା ରହିଛି। ସାଢ଼େ ୪ ବର୍ଷ ଶାସନରେ ବହୁ କେନ୍ଦ୍ରୀୟ ପ୍ରକଳ୍ପ ଓଡ଼ିଶାରେ ପ୍ରତିଷ୍ଠା ହୋଇପାରିଛି। ପ୍ରଧାନମନ୍ତ୍ରୀ ତାଙ୍କର ଏହି ଗସ୍ତ ସମୟରେ ଅରଗୁଳସ୍ଥିତ ଭୁବନେଶ୍ୱର ଆଇଆଇଟି କ୍ୟାମ୍ପସ୍‌କୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ। ଏଥିସହିତ ମୋଦି ସରକାରଙ୍କ ସମୟରେ ବ୍ରହ୍ମପୁରରେ ଆରମ୍ଭ ହୋଇଥିବା ବିଶ୍ୱସ୍ତରୀୟ 'ଆଇଜର୍'ର ଶିଳାନ୍ୟାସ କରାଯିବ। ପେଟ୍ରୋଲିୟମ୍ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ଉର୍ଜା ଗଙ୍ଗା ଯୋଜନା ମାଧ୍ୟମରେ ପାରାଦୀପ-ହାଇଦ୍ରାବାଦ ମଧ୍ୟରେ ପାଇପ୍‌ଲାଇନ୍ କାମର ଶୁଭାରମ୍ଭ ହେବ। ୭୫.୩ କୋଟି ଖର୍ଚ୍ଚରେ ଭୁବନେଶ୍ୱରରେ ଥିବା ଇଏସ୍‌ଆଇ ହସ୍ପିଟାଲକୁ ୧୦୦ ଶଯ୍ୟାବିଶିଷ୍ଟ କରାଯିବା ସହ ପୁରୁଣା ଏନ୍‌ଏଚ୍-୫ ତଥା ବର୍ତ୍ତମାନ ଏନ୍‌ଏଚ୍-୧୬ର ୬ଟିକିଆ ରାସ୍ତା ଓ କଟକ-ଅନୁଗୁଳ ରାସ୍ତାର ୪ଟିକିଆ କାମ ଆରମ୍ଭ ହେବ। ଏହି ସମସ୍ତ କାମଗୁଡ଼ିକ ଭୁବନେଶ୍ୱର ଆଇଆଇଟି କ୍ୟାମ୍ପସ୍‌ରେ ଲୋକାର୍ପଣ ଓ ଶୁଭାରମ୍ଭ କରାଯିବ ବୋଲି କହିଛନ୍ତି ଶ୍ରୀ ପ୍ରଧାନ। ୨୦୧୭ ଜୁଲାଇ ୨୦ରେ ତତ୍‌କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ହାତରେ ଆରମ୍ଭ ହୋଇଥିବା ପାଇକ ବିଦ୍ରୋହର ୨୦୦ ଶହ ବର୍ଷ ପୂର୍ତ୍ତି ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିବ। ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ପାଇଁ ପାଇକ ବିଦ୍ରୋହ ସ୍ମାରକୀ ମୁଦ୍ରା, ଡାକ ଟିକେଟ ଓ ଉତ୍କଳ ବିଶ୍ୱବିଦ୍ୟାଳୟରେ ଆରମ୍ଭ ହେବାକୁ ଯାଉଥିବା ପାଇକ ବିଦ୍ରୋହ ଗବେଷଣା ଚେୟାର୍‌ର ଶୁଭାରମ୍ଭ କରାଯିବ। କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଏଥିପାଇଁ ୫ କୋଟି ଟଙ୍କାର କପର୍ସ ଫଣ୍ଡ ଯୋଗାଇ ଦିଆଯିବ। ଆଗାମୀ ପିଢ଼ି ପାଇଁ ୨୦୦ ବର୍ଷ ଇତିହାସର ଗବେଷଣା ନିମନ୍ତେ ନୂଆ ସୁଯୋଗ ସୃଷ୍ଟି କରିବ। ଲଳିତଗିରି ଭଳି ପ୍ରାଚୀନ କୀର୍ତ୍ତିରାଜକୁ ଅତ୍ୟାଧୁନିକ ପର୍ଯ୍ୟଟନ ସ୍ଥଳୀ ଭାବେ କେନ୍ଦ୍ର ସରକାର ଘୋଷଣା କରିଛନ୍ତି। କେନ୍ଦ୍ର ସରକାରଙ୍କର ଏପରି କାମ ଓଡ଼ିଶାର ପର୍ଯ୍ୟଟନ, ମର୍ଯ୍ୟାଦା, ସ୍ୱାଭିମାନ ଓ ଅର୍ଥନୀତିରେ ନୂଆ ପରିଚୟ ସୃଷ୍ଟି ହେବ। ଶିକ୍ଷା, ରାସ୍ତା, ପେଟ୍ରୋଲିୟମ୍, ଶ୍ରମ ଓ ସଂସ୍କୃତି ବିଭାଗର ବିଭିନ୍ନ ପ୍ରକଳ୍ପକୁ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବେ। ଏହାଦ୍ୱାରା ଦେଶର ଅର୍ଥନୀତି, ସଂସ୍କୃତି, ରୋଜଗାର, ପର୍ଯ୍ୟଟନ, ରାଜସ୍ୱ ଓ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆସିବ। ତେବେ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ପୂର୍ବରୁ ମୁଖ୍ୟମନ୍ତ୍ରୀ ଆମ ଗାଁ ଆମ ବିକାଶ ଜରିଆରେ ଓଡ଼ିଶାର ଜନସାଧାରଣ ପାଇଁ ଅନେକ ଗୁଡ଼ିଏ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଯାହା ପ୍ରାକ୍ ନିର୍ବାଚନୀ ଉପହାର ସ୍ୱରୂପ ଭୋଟର ମାନଙ୍କୁ ନିଶ୍ଚୟ ଆକୃଷ୍ଟ କରିବାର ଆଶା ରହିଛି। ତେବେ ଦେଖାଯାଉ ହେଉଛି କ'ଣ ?

### ଅଭିନବ ଯୋଜନା...

ଏହି ଯୋଜନାରେ ଗ୍ରାମ ପଞ୍ଚାୟତ ଦ୍ୱାରା ଚିହ୍ନିତ ସମ୍ଭାବ୍ୟ ଆପଦଗ୍ରସ୍ତ ଚାଷୀ ପରିବାର ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି ଓ ଆପଦଗ୍ରସ୍ତ ହେବାର କାରଣ ହେଲା ବୃଦ୍ଧାବସ୍ଥା, ରୋଗ ଏବଂ ଅନ୍ୟ କାରଣ ହୋଇପାରେ। ଏହାଦ୍ୱାରା ଚାଷୀ ଚାଷ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରିନଥାଏ। କାଳିଆ ଏକ ପ୍ରଗତିଶୀଳ ଯୋଜନା ଏବଂ ଏହା ଜରିଆରେ ହେଉଥିବା ବ୍ୟୟ ବରାଦ ଦାରିଦ୍ର୍ୟକୁ ହ୍ରାସ କରିବାକୁ ଉଲ୍ଲେଖନୀୟ ସଫଳତା ହାସଲ କରିବ। ସବୁ ବର୍ଗର କୃଷି ଜୀବି ମାନଙ୍କୁ ଏହା ଡାଇରେକ୍ଟ ବେନିଫିଟ୍ ଟ୍ରାନସଫର ମୋଡ଼ରେ ଦିଆଯିବ। ସେ ଆହୁରି କହିଲେ ଯେ, ରାଜ୍ୟର ୩୦ ଲକ୍ଷରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏହି କାର୍ଯ୍ୟକ୍ରମରେ ସିଧାସଳଖ ଉପକୃତ ହେବେ। ଉକ୍ତ କାର୍ଯ୍ୟକ୍ରମ ଜରିଆରେ ଚାଷୀ ପରିବାରକୁ ୧୦ ହଜାର ଟଙ୍କା ସହାୟତା ଯୋଗାଇ ଦିଆଯିବ। ଚାଷୀ ପରିବାରକୁ ଉଭୟ ଖରିଫ ଓ ରବି ଫସଲ ପାଇଁ ୫ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଭାବରେ ଯୋଗାଇ ଦିଆଯିବ। ଚାଷୀମାନେ ସେମାନଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ସହାୟତା ଅର୍ଥକୁ ଖର୍ଚ୍ଚ କରିବେ। ଏହାଦ୍ୱାରା ରାଜ୍ୟର ୯୨ ପ୍ରତିଶତ ଚାଷୀ ସୁବିଧା ପାଇବେ। ଚାଷୀର କେତେ ଜମି ଅଛି ତା ସହିତ ଏ ସହାୟତାର କୌଣସି ସମ୍ପର୍କ ରହିବ ନାହିଁ। ପ୍ରକୃତ ଚାଷୀ, ଭାଗଚାଷୀ ଯେଉଁମାନଙ୍କର କି ଜମି ପରିମାଣ ବହୁତ କମ୍ ସେମାନେ ହିଁ ଉପକୃତ ହେବେ। ଉଚ୍ଚାଂଚଳରେ ରହୁଥିବା ଚାଷୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ମିଲେଟ ମିଶନ ଆରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମ ହେଉଛି ବିକାଶ କାମରେ ସମସ୍ତଙ୍କୁ ସମ ଭାବରେ ସାମିଲ କରିବା। ସାମ୍ବାଦିକ ମାନଙ୍କ ପ୍ରଶ୍ନର ଉତର ଦେଇ ସେ କହିଲେ ଯେ, ରାଜ୍ୟରେ ଥିବା ଭୂମିହୀନ ଚାଷୀ ପରିବାରଙ୍କ ପାଇଁ ବିଶେଷ କିଛି ସୁବିଧା ବା କାର୍ଯ୍ୟକ୍ରମ ନଥିଲା। କାଳିଆ ଯୋଜନାରେ ୧୦ ଲକ୍ଷ ଭୂମିହୀନ ପରିବାର ଉପକୃତ ହୋଇପାରିବେ। ଛେଳି ପାଳନ, ଅଣ୍ଡା ଉତ୍ପାଦନ, ବତକ ଚାଷ, ମାଛ ଚାଷ, ଛତୁ ଚାଷ, ମହୁ ଚାଷ ପରି ଆନୁସଙ୍ଗିକ କୃଷି କାର୍ଯ୍ୟ ପାଇଁ ପ୍ରତି ପରିବାରକୁ ୧୨ ହଜାର ୫୦୦ ଟଙ୍କା ସହାୟତା ପ୍ରଦାନ କରାଯିବ। ଭୂମିହୀନ ପରିବାରମାନେ ଏହି ୭ ଗୋଟି ଆନୁସଙ୍ଗିକ କୃଷି କାର୍ଯ୍ୟ ମଧ୍ୟରୁ ଯେ କୌଣସି ଗୋଟିକୁ ସେମାନଙ୍କର ଜୀବିକା ଭାବେ ପସନ୍ଦ କରିପାରିବେ। ଏଥିପାଇଁ ଆଗାମୀ ୩ ବର୍ଷରେ ୧୨୫୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଅନେକ ସମୟରେ ବୃଦ୍ଧାବସ୍ଥା, ଅକ୍ଷମତା, ରୋଗ ଆଦି କାରଣରୁ ଚାଷୀ ଚାଷ କାର୍ଯ୍ୟ କରିବାକୁ ସକ୍ଷମ ହୋଇପାରେ ନାହିଁ। ସେହିପରି ଏହି କାରଣରୁ ଭୂମିହୀନ କୃଷି ଶ୍ରମିକ ରୋଜଗାର ମଧ୍ୟ ହରାଇଥାଏ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏଭଳି ପରିବାରକୁ ଚାଷୀ କାର୍ଯ୍ୟ ଓ ଜୀବିକା ଜାରି ରଖିବା ପାଇଁ ବାର୍ଷିକ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ଦେବାପାଇଁ ନିଷ୍ପତି ନିଆଯାଇଛି। ଏହି ସହାୟତା ପାଇଁ ଯୋଗ୍ୟ ହିତାଧିକାରୀ ଗ୍ରାମ ପଂଚାୟତ ଦ୍ୱାରାହିଁ ମନୋନୀତ କରାଯିବ। ସାରା ରାଜ୍ୟରେ ଏହିପରି ୧୦ ଲକ୍ଷ ପରିବାର ପାଇଁ କାଳିଆ ଯୋଜନାରେ ୧ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ। ସେ ଆହୁରି କହିଲେ ଯେ, ଉଭୟ ଚାଷୀ ଓ ଭୂମିହୀନ କୃଷି ଶ୍ରମିକଙ୍କ ପାଇଁ ୨ ଲକ୍ଷ ଟଙ୍କାର ଜୀବନ ବୀମା ଏବଂ ଦୁର୍ଘଟଣା କ୍ଷେତ୍ରରେ ଅତିରିକ୍ତ ୨ ଲକ୍ଷ ଟଙ୍କାର ବୀମା ସୁରକ୍ଷା ଯୋଗାଇ ଦିଆଯିବ। ଏହା ଦ୍ୱାରା ୫୭ ଲକ୍ଷ ପରିବାର ଉପକାର ପାଇବେ। ଅନ୍ୟ ଏକ ପ୍ରଶ୍ନର ଉତର ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଚାଷୀଙ୍କୁ ଏଣିକି ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ ବିନା ସୁଧରେ ଯୋଗାଇ ଦିଆଯିବ। ଏଥିପାଇଁ ଆଗାମୀ ୩ ବର୍ଷ ଲାଗି ୧୦ ହଜାର ୨୮୦ କୋଟି ଟଙ୍କା ଖର୍ଚ୍ଚ ହେବ। ୨୦୨୧ରେ ଏହି ଯୋଜନାର ସମୀକ୍ଷା କରାଯାଇ ପରିବର୍ତ୍ତନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ସାରା ଦେଶରେ ଦାରିଦ୍ର୍ୟ ହାରରେ ସର୍ବାଧିକ ହ୍ରାସ ଓଡ଼ିଶାରେ ହିଁ ଘଟିଛି। ପ୍ରାୟ ୮୦ ଲକ୍ଷ ଲୋକ ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠିଛନ୍ତି। ଓଡ଼ିଶା ଜନସଂଖ୍ୟାର ୬୦ ପ୍ରତିଶତ କୃଷି ଉପରେ ନିର୍ଭରଶୀଳ। ସରକାରଙ୍କର ବିଭିନ୍ନ ପଦକ୍ଷେପ ଫଳରେ ଓଡ଼ିଶା ଖାଦ୍ୟ ଶସ୍ୟ ଉତ୍ପାଦନରେ ଏକ ନିଅଂଟିଆ ରାଜ୍ୟ ହୋଇ ରହିନାହିଁ। ଦେଶର ସାଧାରଣ ବଂଟନ ବ୍ୟବସ୍ଥାକୁ ଚାଉଳ ଯୋଗାଣ କ୍ଷେତ୍ରରେ ତୃତୀୟ ସର୍ବାଧିକ ଅବଦାନକାରୀ ହୋଇପାରିଛି। ଓଡ଼ିଶା କୃଷିକର୍ମଣ ପୁରସ୍କାର ୫ ଥର ହାସଲ ପାଇଁ ରେକର୍ଡ଼ କରିଛି। ଓଡ଼ିଶା ହେଉଛି ଦେଶର ଏକ ମାତ୍ର ରାଜ୍ୟ ଯିଏ କି ଚାଷୀଙ୍କ ରୋଜଗାରକୁ ଦୁଇଗୁଣ କରିବାରେ ସଫଳ ହୋଇଛି। କ୍ୟାବିନେଟ ପରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି, ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର, କୃଷି ମନ୍ତ୍ରୀ ପ୍ରଦୀପ ମହାରଥି, ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରତାପ ଜେନାଙ୍କ ସମେତ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଓ ବିଭାଗୀୟ ପ୍ରମୁଖ ସଚିବମାନେ ଉପସ୍ଥିତ ଥିଲେ।

### କମ୍ପ୍ୟୁଟର ତନଖି ...

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଏହି ନିର୍ଦ୍ଦେଶନାମା ନେଇ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଘୋର ଆପତ୍ତି ଉଠାଇଥିଲା ବେଳେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଏହାକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ ଏହି ନିୟମ ୨୦୦୯ରେ ୟୁପିଏ ଅମଳରୁ ରହିଛି ଏବଂ ଗତ ଡିସେମ୍ବର ୨୦ରେ କେବଳ ପୁନଃ ବିଜ୍ଞପ୍ତି ପ୍ରକାଶ କରାଯାଇଛି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ଜାତୀୟ ନିରାପତ୍ତା, ଆତଙ୍କବାଦୀ କାର୍ଯ୍ୟକଳାପ କିମ୍ବା ଗୁରୁତର ଅପରାଧ ମାମଲାରେ ଇଣ୍ଟେଲିଜେନ୍ସ ବ୍ୟୁରୋ, ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି), ସିବିଆଇ, ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସେସ୍, ଏନ୍‌ଆଇଏ, ରିସର୍ଚ୍ଚ ଆଣ୍ଡ୍ ଆନାଲିଟିକାଲ୍ ଉଇଙ୍ଗ୍ (ର), ଡାଇରୋକ୍ଟେରେଟ୍ ଅଫ୍ ସିଗ୍ନାଲ୍ ଇଣ୍ଟେଲିଜେନ୍ସ ଓ ଦିଲ୍ଲୀ ପୁଲିସ କମିଶନର୍ ଯେକୌଣସି ବ୍ୟକ୍ତି କିମ୍ବା ସର୍ଭିସ୍ ପ୍ରୋଭାଇଡର୍‌ଙ୍କୁ ଚାହିଁଲେ ଯାଞ୍ଚ କରିପାରିବେ। ଏଥିରେ ଥିବା ତଥ୍ୟକୁ ତର୍ଜମା କରିପାରିବେ କିମ୍ବା ନିଜ ପାଖକୁ ଆଣିପାରିବେ। ଏଥିପାଇଁ ସମ୍ପୃକ୍ତ ବ୍ୟକ୍ତି ଓ ସର୍ଭିସ୍ ପ୍ରୋଭାଇଡର୍ ସବୁ ପ୍ରକାର ସହଯୋଗ କରିବେ। ଅସହଯୋଗ କଲେ ୭ ବର୍ଷ ଜେଲ୍ ଓ ଜୋରିମାନା ଦଣ୍ଡ ଭୋଗିବାକୁ ପଡ଼ିବ। ତେବେ କମ୍ପ୍ୟୁଟର ଯାଞ୍ଚ କରିବା ପୂର୍ବରୁ କେନ୍ଦ୍ର ସ୍ୱରାଷ୍ଟ୍ର ସଚିବଙ୍କ ଅନୁମତି ଦରକାର। ସେହିପରି ଲାଇଭ୍ ଫୋନ୍‌କଲ୍ ଏବଂ ମେସେଜ୍ ଉପରେ କୌଣସି ନଜର ରଖାଯିବ ନାହିଁ। କିନ୍ତୁ କେବଳ ଷ୍ଟୋର୍ କରାଯାଇଥିବା ଡାଟା କ୍ଷେତ୍ରରେ ଏହା ପ୍ରଯୁଜ୍ୟ ହେବ। ପୂର୍ବରୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଜଣେ ବ୍ୟକ୍ତିଙ୍କ ଇ-ମେଲ୍ କିମ୍ବା ଫୋନ୍ କଲ୍ ଯାଞ୍ଚ କରିପାରୁ ଥିଲା। ଏବେ ନୂଆ ବ୍ୟବସ୍ଥାରେ ଫୋନ୍ କଲ୍ ଓ ଇ-ମେଲ୍ ସହ କମ୍ପ୍ୟୁଟରରେ ଷ୍ଟୋର ହୋଇଥିବା ତଥ୍ୟ ମଧ୍ୟ ଯାଞ୍ଚ କରାଯାଇ ପାରିବ। ସୂଚନା ପ୍ରଯୁକ୍ତି ବିଦ୍ୟା ଆଇନ ୬୯(୧) ଅନୁଯାୟୀ ତଦନ୍ତକାରୀ ସଂସ୍ଥାଗୁଡ଼ିକୁ ଏଭଳି ଅଧିକାର ଦିଆଯାଇଛି। ତେବେ ବିରୋଧୀ ଦଳଗୁଡ଼ିକ ଏହାକୁ ଅସାମ୍ବିଧାନିକ, ଅଗଣତାନ୍ତ୍ରିକ ଓ ମୌଳିକ ଅଧିକାର କ୍ଷୁର୍ଣ୍ଣ ବୋଲି ଅଭିଯୋଗ କରିଛନ୍ତି। ରାଜ୍ୟସଭାରେ ଏହି ପ୍ରସଙ୍ଗକୁ ନେଇ ଶୁକ୍ରବାର ପ୍ରବଳ ହଙ୍ଗଗୋଳ ହୋଇଥିଲା। କଂଗ୍ରେସ ନେତା ଆନନ୍ଦ ଶର୍ମା ଏହି ପ୍ରସଙ୍ଗ ଉଠାଇ କହିଲେ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଗୋଇନ୍ଦା ବିଭାଗକୁ ଦେଇଥିବା କ୍ଷମତା ଦ୍ୱାରା ମୌଳିକ ଅଧିକାରର ଉଲ୍ଲଙ୍ଘନ ହେବ। ବିରୋଧୀ ଦଳର ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ। ସେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଏହି ନିର୍ଦ୍ଦେଶନାମାକୁ ଦୃଢ଼ ସମର୍ଥନ କରି କହିଛନ୍ତି, ଆଇଟି ଆଇନ (ଧାରା ୬୯) ଅନୁଯାୟୀ ଏହି ନିର୍ଦ୍ଦେଶନାମା ଗତ ଗୁରୁବାର ରାତିରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନସ୍ଥ ସାଇବର ଓ ଇନ୍‌ଫର୍ମେସନ୍ ସିକ୍ୟୁରିଟି ଡିଭିଜନ ପକ୍ଷରୁ ଜାରି ହୋଇଛି। ଏହି ନିର୍ଦ୍ଦେଶନାମା ଅନୁଯାୟୀ ସବ୍‌ସ୍କ୍ରାଇବର୍ କିମ୍ବା ସର୍ଭିସ୍ ପ୍ରୋଭାଇଡର କିମ୍ବା କମ୍ପ୍ୟୁଟର ଦାୟିତ୍ୱରେ ଥିବା ଯେକୌଣସି ବ୍ୟକ୍ତିଙ୍କୁ ସୂଚନା ପ୍ରଦାନରେ ସହଯୋଗ କରିବାକୁ ପଡ଼ିବ। ନଚେତ୍ ସେମାନଙ୍କୁ ୭ ବର୍ଷ ଜେଲ୍ ଓ ଜୋରିମାନା ହେବ।

### ଓଡ଼ିଶା ଶ୍ରେଷ୍ଠ ...

ବିଚାର କରାଯାଇଥିଲା। ଏହି ପ୍ରକ୍ରିୟାରେ ଓଡ଼ିଶା ଚାମ୍ପିଅନ୍ ରାଜ୍ୟ ଭାବେ ଉଭା ହୋଇଛି। ଷ୍ଟାର୍ଟ ଅପ ଫ୍ରେଣ୍ଡଲି ଇକୋ ସିଷ୍ଟମ ସୃଷ୍ଟି କରିବାରେ ଓଡ଼ିଶା ସରକାରଙ୍କ ବଳିଷ୍ଠ ଉଦ୍ୟମକୁ କେନ୍ଦ୍ର ସରକାରଙ୍କ ଡିଆଇପିପି ସଚିବ ଭୂୟସୀ ପ୍ରଶଂସା କରିଥିଲେ। ସମ୍ମାନ ଗ୍ରହଣ କରିବା ପରେ ଶ୍ରୀ ଗୁପ୍ତା କହିଥିଲେ, ରାଜ୍ୟ ସରକାର ଷ୍ଟାର୍ଟ ଅପ୍ ନୀତି-୨୦୧୬ର କାର୍ଯ୍ୟାନ୍ୱୟନ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ଓଡ଼ିଶାକୁ ଦେଶର ସର୍ବଶ୍ରେଷ୍ଠ ତିନୋଟି ଷ୍ଟାର୍ଟ ହବ୍‌ରେ ପରିଣତ କରିବା ସରକାରଙ୍କର ଲକ୍ଷ ରହିଥିଲା। ସମ୍ପ୍ରତି ଓଡ଼ିଶା ଦ୍ରୁତ ଅଭିବୃଦ୍ଧି ଦିଗରେ ଅଗ୍ରସର ହେଉଥିବା ରାଜ୍ୟ; ଯେଉଁଠି ପ୍ରତି ମାସରେ ୨୦ରୁ ଉର୍ଦ୍ଧ୍ୱ ଷ୍ଟାର୍ଟ ଅପ୍ କମ୍ପାନୀ ପଞ୍ଜୀକୃତ ହେଉଛନ୍ତି। ଓଡ଼ିଶାରେ ୧୮ ମାସରେ ୩୩୪ଟି ଷ୍ଟାର୍ଟ ଅପ୍‌କୁ ସ୍ୱୀକୃତି ପ୍ରଦାନ କରାଯାଇଛି। ୯ଟି ଇନ୍‌କ୍ୟୁବେଟର, ୧୨ଟି ନୋଡାଲ ଇନଷ୍ଟିଚ୍ୟୁସନ୍ ଓ ୧୧୦ଟି ମେଣ୍ଟର ଷ୍ଟାର୍ଟ ଅପ୍‌ମାନଙ୍କୁ ସହାୟତା ପ୍ରଦାନ କରାଯାଉଛି । ୨୦୨୦ ସୁଦ୍ଧା ୧ ହଜାର ଷ୍ଟାର୍ଟ ଅପ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲକ୍ଷ୍ୟ ରଖିଛନ୍ତି। ଏନେଇ ସ୍ୱତନ୍ତ୍ର ପଲିସି ଆଣିବା ସହ ସିଙ୍ଗଲ ୱିଣ୍ଡୋ ଅନଲାଇନ ସିଷ୍ଟମ, ଆର୍ଥିକ ସହାୟତା ପ୍ରଦାନ ଯୋଗୁଁ ଓଡ଼ିଶା ନାଁ କମେଇଛି। ୨୦୧୬ରେ ନୂଆ ନୀତି ଆସିବା ପରଠୁ ଏପର୍ଯ୍ୟନ୍ତ ମୋଟ ୩୩୭ଟି ଷ୍ଟାର୍ଟ ଅପ ଗଠନ ହୋଇଛି ରାଜ୍ୟରେ। ମାସକୁ ୨୦ଟି ଷ୍ଟାର୍ଟ ଅପ ପଞ୍ଜୀକରଣ ହେଉଛି ବୋଲି ଶ୍ରୀ ଗୁପ୍ତା କହିଥିଲେ।

### ନିଜ ପାଣ୍ଠିରୁ ...

ଆସିବା ପରେ ତତ୍‌କ୍ଷଣାତ୍ ଧାନର ସହାୟକ ମୂଲ୍ୟ ବୃଦ୍ଧି କରାଯାଇପାରିଲା। କିନ୍ତୁ କେଉଁ କାରଣରୁ ଏ ରାଜ୍ୟ ସରକାର ଧାନର ସହାୟକ ମୂଲ୍ୟ ବୃଦ୍ଧି କରିପାରୁ ନାହାନ୍ତି ତାହା ତାଙ୍କୁ ଜଣା। ଉଭୟ ସରକାରଙ୍କର ଚାଷୀଙ୍କ ପ୍ରତି ଦରଦ ନାହିଁ। ଓଡିଶାରେ ଧାନର ଅଭାବୀ ବିକ୍ରୀ ଅତିମାତ୍ରାରେ ବଢିଯାଇଛି। ଓଡିଶାର ଚାଷୀମାନେ ଛତିଶଗଡ ସୀମାନ୍ତବର୍ତୀ ଅଂଚଳରେ ଛତିଶଗଡର ଧାନବେପାରୀମାନଙ୍କୁ କ୍ୱିଂଟାଲ ପିଛା ୭୦୦/୮୦୦ ଟଙ୍କା ଦରରେ ବିକ୍ରୀ କରି ଦେଉଛନ୍ତି। କାରଣ ଧାନମଣ୍ଡି ଏ ପର୍ଯ୍ୟନ୍ତ ଖୋଲାଯାଇପାରି ନାହିଁ। ତେଣୁ ଏ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାର ଏକ ପ୍ରଚାର ସର୍ବସ୍ୱ ସରକାର, ଖବରକାଗଜର ପୃଷ୍ଠା ମଣ୍ଡନ କରିବା ସରକାର। ପିଠା କାର୍ଯ୍ୟକ୍ରମର ଉପଯୋଗିତା ସନ୍ଦେହ ପ୍ରକଟ କରି ଶ୍ରୀ ପଟ୍ଟନାୟକ କହିଲେ ଯେ ଏହା ପିଠା କାର୍ଯ୍ୟକ୍ରମ ନା ପିଟା କାର୍ଯ୍ୟକ୍ରମ। ସମ୍ବିଧାନ ସମ୍ମତ ସଂଗଠନ ଦ୍ୱାରା (ପଂଚାୟତ) କୌଣସି କାର୍ଯ୍ୟକ୍ରମ ହେଉନାହିଁ। ଗ୍ରାମାଂଚଳର ସମସ୍ତ କାର୍ଯ୍ୟକ୍ରମ ବିଡିଓଙ୍କ ମାଧ୍ୟମରେ କରାଯିବାର ଯେଉଁ ଉଦ୍ଦେଶ୍ୟ ରଖାଯାଇଛି, ତଦ୍ୱାରା ସମ୍ବିଧାନକୁ ଉପେକ୍ଷା କରାଯାଇଛି ଏବଂ ଏଥିରେ ଏକ ନିର୍ଦ୍ଦିଷ୍ଟ ଦଳୀୟ ଲୋକଙ୍କୁ କାମ ଦେବା ପାଇଁ କରାଯାଇଛି। ଏହାଦ୍ୱାରା ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ପାଣ୍ଠି ଯୋଗାଡ ପାଇଁ ଏ କାର୍ଯ୍ୟକ୍ରମ ବୋଧହୁଏ ହାତକୁ ନିଆଯାଇଛି। ଏହା ପିଠା ନୁହେଁ ଏହା ଗରିବ ଲୋକଙ୍କୁ ପିଟିବାର କାର୍ଯ୍ୟକ୍ରମ। ମେକ୍ ଇନ୍ ଓଡିଶା କାର୍ଯ୍ୟକ୍ରମ ଉପରେ ଜବାବ ରଖି ଶ୍ରୀ ପଟ୍ଟନାୟକ କହିଲେ ଯେ ରିଲାଏନ୍‌ସ କମ୍ପାନୀ ଅଧକ୍ଷ କହିଲେ ଓଡିଶାରେ ଆଉ ତିନି ହଜାର କୋଟି ଟଙ୍କା ପୁଞ୍ଜି ବିନିଯୋଗ କରିବେ। ଏହି ପୁଞ୍ଜି ରିଲାଏନସ ଜିଓ ଅପଟିକ୍ ଫାଇବର କାମରେ ବିନିଯୋଗ ହେବ। ପ୍ରଶ୍ନ ଉଠୁଛି ଏହାଦ୍ୱାରା ଓଡିଶାରେ କେତେ ଯୁବକ ନିଯୁକ୍ତି ପାଇବେ। ତେଣୁ ରାଜ୍ୟ ସରକାର କର୍ମନିଯୁକ୍ତି ପାଇଁ ପ୍ରୟାସ କରୁଛନ୍ତି ବୋଲି ବାହାଦୁରୀ ମାରୁଛନ୍ତି। କିନ୍ତୁ କ'ଣ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ସେ କଥା କେବେ ପ୍ରକାଶ କରୁନାହାନ୍ତି। ଯୁବବର୍ଗ ହତାଶ, ସରକାର କେବଳ ଯୁବବର୍ଗଙ୍କୁ ପ୍ରତାରିତ କରି ଚାଲିଛନ୍ତି। ମୋଦିଙ୍କର ଓଡିଶା ଆଗମନ ଉପରେ ଶ୍ରୀ ପଟ୍ଟନାୟକ କହିଲେ ମୋଦିଙ୍କ ଉପରେ ସାରାଦେଶବାସୀ ଆଉ ଭରସା କରୁନାହାନ୍ତି। ମୋଦି ମହାଶୟ ଯେଉଁ ବଡ ବଡ ପ୍ରତିଶ୍ରୁତି ଯେଉଁ ଦେଶବାସୀଙ୍କୁ ଦେଇଥିଲେ, କୌଣସି ଗୋଟିଏ ବି ପ୍ରତିଶ୍ରୁତି ପାଳନ କରିବାକୁ ସକ୍ଷମ ହୋଇନାହାନ୍ତି। ଦେଶର ଅନ୍ୟ ଅଞ୍ଚଳରେ ବିଜେପିର ଭୋଟ ଭାଗ କମିଯାଇଥିବାରୁ ଓଡିଶାବାସୀଙ୍କ ପାଖକୁ ଆସୁଛନ୍ତି। କିନ୍ତୁ ତିତିଲି ଭଳି ସମସ୍ୟା ଉପରେ ଓଡିଶାବାସୀଙ୍କ ପ୍ରତି କି ସହାନୁଭୂତି ଦେଖାଇଲେ ତାହା ମଧ୍ୟ ବୁଝାପଡୁଛି। ମୋଦି ଓଡିଶାକୁ ପୂର୍ବରୁ ଆସି ବରଗଡ, ପାରାଦ୍ୱୀପ ଏବଂ ଅନ୍ୟ ଅଞ୍ଚଳଗୁଡିକରେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ସେଗୁଡିକ ପାଳନ ହୋଇଛି କି ନାହିଁ ତାହା ଆଗ ସମୀକ୍ଷା କରନ୍ତୁ।

### ସେସୁକୁ ୪ କୋଟି ...

ତାଙ୍କୁ ନିରବ ରହିବାକୁ ପରାମର୍ଶ ଦେଇଥିଲେ। ଏହି ଟିମରେ ଡା. ପାଣ୍ଡବଙ୍କ ସହିତ ହାତୀ ପ୍ରୋଜେକ୍ଟ ଡାଇରେକ୍ଟର ସି ନୟାଲ ତାପସ, ଯୁଗ୍ମ ନିର୍ଦ୍ଦେଶକ ଡ. ଗୋପୀନାଥ, କେନ୍ଦ୍ରୀୟ ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟର ବରିଷ୍ଠ ଅଧିକାରୀଙ୍କ ସହିତ ବନ ବିଭାଗ ତରଫରୁ ପିସିସିଏଫ ସନ୍ଦୀପ ତ୍ରିପାଠୀ, ଜିଲ୍ଲା ବନଖଣ୍ଡ ଅଧିକାରୀ ସୁଦର୍ଶନ ପାତ୍ର, ସେସୁ ନିର୍ବାହୀ ଯନ୍ତ୍ରୀ ସ୍ୱପ୍ନସରିତ ମିଶ୍ର ସାମିଲ ଥିଲେ। ଉକ୍ତ ଟିମ ଦୀର୍ଘ ୨ ଘଣ୍ଟା ଧରି ତଦନ୍ତ କରି ଫେରିଯିବା ପରେ ସେମାନଙ୍କ ସବିଶେଷ ରିପୋର୍ଟ ଏନଜିଟିରେ ଦାଖଲ କରିଥିଲେ। ଉକ୍ତ ରିପୋର୍ଟକୁ ଆଧାର କରି ଏନଜିଟି ପକ୍ଷରୁ ସେସୁକୁ ଅତିରିକ୍ତ ୪ କୋଟି ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଟଙ୍କା ରାଜ୍ୟ ପରିବେଶ ଓ ଜଙ୍ଗଲ ବିଭାଗ ପାଖରେ ଜମା କରାଯିବ। ଏହି ଅର୍ଥ ହାତୀଙ୍କ ସୁରକ୍ଷା ପାଇଁ ଖର୍ଚ୍ଚ କରାଯିବ ବୋଲି ଟ୍ରିବ୍ୟୁନାଲ ତାଙ୍କ ରାୟରେ କହିଛନ୍ତି।

### ଛାତ୍ରୀଙ୍କୁ ଦୁଷ୍କର୍ମ ...

କୁନାଗଡ ବ୍ଲକର ଦେଦର ସ୍କୁଲକୁ ବଦଳି ହୋଇଥିଲା ଓ ଶିକ୍ଷକ ସଂଘ ସଭାପତି ପଦରୁ ବହିଷ୍କାର କରାଯାଇଥିଲା। ତେବେ ପ୍ରଶ୍ନ ଉଠେ ସରକାରଙ୍କ ନୀୟମଥାଇ ଜଣେ ଶିକ୍ଷକ ଗୋଟିଏ ସ୍କୁଲରେ ୧୮ ବର୍ଷ ରହିଲେ କିପରି ? ସେତେବେଳେ ଶିକ୍ଷା ବିଭାଗ ଓ ପ୍ରଶାସନ କଣ ସୋଇପଡିଥିଲେ ନା ଏଭଳି ଅନୀୟମିତ କାର୍ଯ୍ୟ କରିବାପାଇଁ ପ୍ରଶାସନ ଓ ଶିକ୍ଷା ବିଭାଗ ପ୍ରୋତ୍ସାହନ ଦେଉଥିଲେ। ଅନୁସନ୍ଧାନରୁ ଜଣାପଡେ ଉକ୍ତ ଶିକ୍ଷକ ତତ୍କାଳୀନ ଡିଇଓ ଓ ଉପଜିଲ୍ଲାପାଳଙ୍କୁ ପକେଟରେ ରଖିଥିବା କଥା ବହୁ ଶିକ୍ଷକ କହୁଥିବା ଜଣାପଡେ। ଏ ସମ୍ପର୍କରେ ଗ୍ରାମବାସୀ ୧ ବର୍ଷ ତଳୁ ଉକ୍ତ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି ଦାବିକରି ହାରିଯାଇଥିଲେ। ଉକ୍ତ ଶିକ୍ଷକ ଜିଲ୍ଲାସ୍ତରୀୟ ଅଧିକାରୀ ଓ ସ୍ଥାନୀୟ ରାଜନେତାଙ୍କୁ ଧରି ଆଦର୍ଶ ଶିକ୍ଷକ ପୁରସ୍କାର ପାଇଥିଲେ। ଏହାକୁ କେତେକ ଲୋକ ଧଳାହାତୀଙ୍କର ହସ୍ତକ୍ଷେପ ବୋଲି କୁହାକୁହି ହେଉଛନ୍ତି। ଏହାକୁ ଏକ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଅନେକ ରହସ୍ୟ ଲୋକଲୋଚନକୁ ଆସିପାରିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ଚିତ୍ରୋତ୍ପଳା ନଦୀରେ ନିର୍ମାଣ ହେବ ସେତୁ

**ଡେରାବିଶ :** ଗରଦପୁର ବ୍ଲକକୁ କାଳ କାଳରୁ ବିଚ୍ଛିନ୍ନ କରି ରଖିଥିବା ଚିତ୍ରୋତ୍ପଳା ନଦୀରେ ତିଆରି ହେବ ପୋଲ। ଏହି ପୋଲ ତିଆରି ହେଲେ ଗରଦପୁର ବ୍ଲକରୁ ବିଚ୍ଛିନ୍ନ ହୋଇରହିଥିବା ରାମଚନ୍ଦ୍ରପୁର ପଞ୍ଚାୟତ ଟିକନ୍‌ପୁର ପଞ୍ଚାୟତ ଓ ନଡିଆବରାଇ ପଞ୍ଚାୟତକୁ ସିଧାସଳଖ ଭାବରେ ବାଟ ଫିଟିଯିବ। ଗରଦପୁର ବ୍ଲକ ମୁଖ୍ୟ କାର୍ଯ୍ୟାଳୟ ପାଖରୁ ଯୋଡି ହେବ ଏଇ ବିଚ୍ଛିନ୍ନ ଅଞ୍ଚଳ। ଗରଦପୁର ବ୍ଲକ କାର୍ଯ୍ୟାଳୟ ସହିତ ଗରଦପୁର ହାଟରେ ପନିପରିବା ଓ ଗୋରୁ ଗାଈ ବିକ୍ରି ବଟାର ସୁବିଧା ପାଇବେ ଚାଷୀ ଓ ଖାଉଟି। ଏଥିପାଇଁ ଚାଷି ଭାଇମାନଙ୍କ ମଧ୍ୟରେ ଆନନ୍ଦ ଖେଳି ଯାଇଛି। ପନ୍ଦିଆ ଗାଁର ପରିବା ଚାଷୀ ସୁରେନ୍ଦ୍ର ପଣ୍ଡା ବାସୁଦେବ ବେହେରା, ମାଗୁଣି ବେହେରା, ରବିନ୍ଦ୍ର ଦାସ ପ୍ରମୁଖ ସରକାରଙ୍କୁ ଏହି କାର୍ଯ୍ୟପାଇଁ ସାଧୁବାଦ ଜଣାଇଛନ୍ତି। ଗରଦପୁର ତହସିଲ , ଗରଦପୁର ସବ୍ ରେଜିଷ୍ଟର ଅଫିସ, ୟ୍ୟୁନାଇଟେଡ୍ ବ୍ୟାଙ୍କ, ପାଟକୁରା ଥାନା ଓ ଡାକ୍ତରଖାନା ସହିତ ଯୋଗାଯୋଗ କରିବା ପାଇଁ ୨୦ ହଜାର ଲୋକଙ୍କର ସୁବିଧା ହୋଇଗଲା। ବିଶେଷ କରି ଦିପାଞ୍ଚଳରେ ରହି ବାହାରେ ପାଠ ପଢୁଥିବା ଛାତ୍ର ଛାତ୍ରୀ ମାନଙ୍କୁ ସ୍କୁଲ କଲେଜ ଯିବା ପାଇଁ ଅଧିକା ସୁବିଧା ହୋଇଗଲା। ସବୁଠାରୁ ବଡ କଥା ହେଉଛି ଲୁଣା, ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳର ଜିରାଳ ଗ୍ରାମରେ ରହିଥିବା କାମେଶ୍ୱର ମହାଦେବ ମନ୍ଦିର ବିଶିଷ୍ଟ ଶୈବ ପୀଠକୁ ବାଟ ଖୋଲିଯିବ, ଯାହା ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଯୋଡି ହୋଇଛି। ଏହି ପୋଲ ଗରଦପୁର ବ୍ଲକର ବିଚ୍ଛିନ୍ନ ଅଞ୍ଚଳମାନଙ୍କୁ ଆଲୋକିତ କରିବ ବୋଲି ବହୁ ବୁଦ୍ଧିଜୀବୀମାନେ ମତ ବ୍ୟକ୍ତ କରିଛନ୍ତି।

# ଠକ କର୍ମଚାରୀ ସାବଧାନ

**ଡେରାବିଶ :** ସରକାରୀ ତହସିଲରେ ମାସକୁ ମାସ ହଜାର ହଜାର ଟଙ୍କା ଦରମା ନେଇ ଅନେକ ସରାକରୀ କର୍ମଚାରୀ କାମ ନ କରି ଠକିବାରେ ଲାଗିଛନ୍ତି। ଫଳରେ ସାଧାରଣ ଲୋକଙ୍କ କାମ ହୋଇପାରୁନାହିଁ। ସେମିତିକା କର୍ମଚାରୀ ମାନଙ୍କ ଉପରେ କେନ୍ଦ୍ରାପଡା ଜିଲ୍ଲାପାଳ ଅତ୍ୟନ୍ତ କ୍ଷିପ୍ତ ହୋଇଛନ୍ତି। ଗୋଟିଏ ଦିନରେ ୧୫ଜଣ ସରକାର କର୍ମଚାରୀଙ୍କ ଦରମା ବନ୍ଦ କରି କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। କେନ୍ଦ୍ରାପଡା ଜିଲ୍ଲାରେ ସରକାରୀ ଯୋଜନା ସଠିକ୍ ରୁପାୟନ ହୋଇପାରୁନାହିଁ। ଫଳରେ ରାଜ୍ୟରେ ଜିଲ୍ଲାର ଅଭିବୃଦ୍ଧି ହାର କମି ଯାଇଛି। ସରକାରୀ କାର୍ଯ୍ୟାଳୟରେ ଲୋକମାନଙ୍କ କାମ ହୋଇନପାରିବାରୁ ଗାଁ ଗହଳିର ଗରିବ ଗୁରୁବା ଲୋକ ନିଜ ସମସ୍ତ କାମ ଛାଡି ବାରମ୍ବାର ସରକାରୀ କାର୍ଯ୍ୟାଳୟକୁ ଦୌଡୁଛନ୍ତି। ଏଥିପାଇଁ ଦାୟୀ ଜିଲ୍ଲାର କାର୍ଯ୍ୟରତ କିଛି ଠକ କର୍ମଚାରୀ। ସରକାରଙ୍କ ତହବିଲରୁ ଦରମା ନେବେ ଓ ମନ ଇଚ୍ଛା କାମ କରିବେ ଆଉ କେତେକ କର୍ମଚାରୀ ବିନା ଛୁଟିରେ ଅଫିସରେ ଅନୁପସ୍ଥିତ ରହି ହାଜିରା ଖାତାରେ ପରେ ଦସ୍ତଖତ କରିଦେବା ପରି ଘଟଣା କେନ୍ଦ୍ରାପଡା ଜିଲ୍ଲାରେ ଦେହସୁଆ ହୋଇଗଲାଣି। କେନ୍ଦ୍ରାପଡା ଜିଲ୍ଲାପାଳ ଦାଶରଥି ଶତପଥିଙ୍କ ନିକଟରେ ଏପରି ଅଭିଯୋଗ ବାରମ୍ବାର ଆସୁଥିବାରୁ ଜିଲ୍ଲାପାଳ ଅନ୍ଧାରି ବିଜେ କରିଥିଲେ ମାର୍ଶାଘାଇ ବ୍ଲକକୁ । ଅଥାତ୍ ବିନା ସୂଚନାରେ ମାର୍ଶାଘାଇ ବ୍ଲକ ଅଫିସରେ ପହଞ୍ଚିଥିଲେ ଜିଲ୍ଲାପାଳ ଦାଶରଥି ଶତପଥି ମାର୍ଶାଘାଇ ବ୍ଲକର ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଯାଇଥିଲେ। ଅଭିଯୋଗର ସତ୍ୟତା ଅନୁଭବ କରି ଜିଲ୍ଲାପାଳ ବ୍ଲକ କାର୍ଯ୍ୟାଳୟର ୭ଜଣ କର୍ମଚାରୀ ମାନଙ୍କ କାର୍ଯ୍ୟରେ ଅସନ୍ତୋଷ କରି , ଗୋଟିଏ ଦିନ ଦରମା ବନ୍ଦ କରିବାକୁ ବି.ଡି.ଓଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡା ଉତ୍ସବ

**ପଟ୍ଟାମୁଣ୍ଡାଇ :** ଡେରାବିଶ ବ୍ଲକ ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛତାରେ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଉପସଭାପତି ରଜନୀ ରଞ୍ଜନ ମହାନ୍ତି ଅତିଥି ରୁପେ ଯୋଗଦାନ କରି କ୍ରୀଡା ପତାକା ଉତ୍ତୋଳନ କରି ଅଭିବାଦନ ସ୍ୱିକାର କରିଥିଲେ। ବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ଘୋଷବାଦ୍ୟ ସହିତ ଅତିଥିଙ୍କୁ ଅଭିବାଦନ ପ୍ରଦାନ କରିଥିଲେ। ଶ୍ରୀଯୁକ୍ତ ମହାନ୍ତି ଖେଳର ଉପକାରିତା ଓ ଖେଳୁଆଡ ମନୋବୃତ୍ତି ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇ ଥିଲେ। ଶୁଶ୍ରୀ ଅଲିଭା ଭୂୟାଁ ସମସ୍ତ କ୍ରୀଡାବିତ୍ ମାନଙ୍କୁ ଶପଥ ପାଠ କରାଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ପ୍ରଭାକର ବେହେରା ଓ କ୍ରୀଡା ଆଚାର୍ଯ୍ୟା ଶୁଶ୍ରୀ ଦିପ୍ତୀମୟୀ ଦାଶ କ୍ରୀଡା ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ ଯଥା ସ୍ମୀଗ୍ଧାରାଣୀ ମହାନ୍ତି, ରେବତୀ ରାଉତ, ସତ୍ୟଭାମା ବାରିକ୍, ଶୁଶ୍ରୀ ସୁଚିସ୍ମିତା ବେହେରା, ଶୁଶ୍ରୀ ସସ୍ମିତା ପ୍ରହରାଜ, ଶୁଶ୍ରୀ ରସ୍ମିତା ବେହେରା, ପ୍ରଭାସିନୀ ଓଝା, କାନନ୍ ବାଳା ମହାନ୍ତି, ବଟ ପ୍ରସାଦ ହୋତା, ଅରୁଣ କୁରାମ ସ୍ୱାଇଁ ଓ ନେତ୍ରଉତ୍ସବ ରାଉତ ପ୍ରଭୃତି କ୍ରୀଡା ପରିଚାଳନାରେ ସହାୟତା କରିଥିଲେ।

# 'ପିଠା' କାର୍ଯ୍ୟକ୍ରମକୁ ମହିଳାଙ୍କ ବିରୋଧ

**ଖୋର୍ଦ୍ଧା :** ବେଗୁନିଆ ବ୍ଲକ୍ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମପଞ୍ଚାୟର କାର୍ଯ୍ୟାଳୟ ପରିସରରେ ପିଠା କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ମଞ୍ଚ ପ୍ରସ୍ତୁତି ଶେଷ ହୋଇ ଅତିଥିମାନେ ତଥା ଜିଲ୍ଲାପରିଷଦର ସଭ୍ୟ ସରପଞ୍ଚ, ସମିତି ସଭ୍ୟ, ପ୍ରଶାସନିକ ଅଧିକାରୀ, ବି.ଡ଼ି.ଓ, ତହସିଲଦାର ପ୍ରମୁଖ ମଞ୍ଚାସିନ ଥିଲେ। ଠିକ୍ ସେହିସମୟରେ ମହିଳାମାନେ ପୂର୍ବରୁ ପ୍ରସ୍ତୁତି କରିଥିବା ପିଠା ରାଜୀବ ଭବନ ବାରଣ୍ଡାରେ ଗାଁର ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀଙ୍କ ଗହଣରେ ରଖାଯାଇ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ ଥିଲା। ମଞ୍ଚରେ ବସିଥିବା ଗାଁର ନେତାମାନେ ଦୀର୍ଘ ତିନିମାସ ତଳେ ଘଟିଥିବା ନାଁ ବାଳକ ହତ୍ୟାକାଣ୍ଡର ଫର୍ଦ୍ଦାଫାସ ନିମନ୍ତେ ପଦକ୍ଷେପ ନେବା ବଦଳାଇ ତଦନ୍ତ ପ୍ରକ୍ରିୟାରେ ଶିଥିଳତା ତଥା ଆଶାମୀ ମାନଙ୍କୁ ପୁଲିସ ଦ୍ୱାରା ଜେରା କରାନଯିବା ତଥା ଗିରଫ କରାନଯିବା ସ୍ଥାନୀୟ ନେତାମାନେ ହତ୍ୟାଘଟଣାକୁ ଆତ୍ମହତ୍ୟାର ରୂପ ଦେଇ ଅପପ୍ରଚାର କରିବା ସେହି ଅପପ୍ରଚାରକୁ ସତ୍ୟରେ ପରିଣତ କରିବା ନିମନ୍ତେ ରାଜନୈତିକ ଚାପ ପ୍ରୟୋଗ କରି ଶବ ବ୍ୟବଚ୍ଛେଦ ରିପୋର୍ଟ ବଦଳାଇ ଦେବା ପୁଲିସ ଓ ପ୍ରଶାସନର ଅପାରଗତା ବିରୋଧରେ ଦାବୀ କରିବାକୁ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଭେଟିବାକୁ ବସରେ ଗ୍ରାମର ମହିଳାମାନେ ଯାଉଥିବା ସମୟରେ ଗାଁ ନେତାଙ୍କର ପରାମର୍ଶ କ୍ରମେ ଘଟଣାସ୍ଥଳରେ ବେଗୁନିଆ ପୁଲିସ ପହଞ୍ଚି ବସର ଡ୍ରାଇଭରକୁ ଧମକାଇ କାର୍ଯ୍ୟକ୍ରମ ଭଣ୍ଡୁର କରିବା ଆଦି ବିଭିନ୍ନ ସନ୍ଦେହ ଜନକ ଘଟଣାରେ ସ୍ଥାନୀୟ ପୁଲିସ ଓ ଗାଁ ନେତାଙ୍କର କୁଚକ୍ରି ଗୋଷ୍ଠୀଙ୍କ ମେଳିର ପ୍ରତିବାଦରେ ମହିଳା ମଣ୍ଡଳିର ସଦସ୍ୟାମାନେ ଉକ୍ତ ପିଠା କାର୍ଯ୍ୟକ୍ରମରେ ମଞ୍ଚାସୀନ ସମସ୍ତ ଅତିଥିଙ୍କୁ ଦାୟୀ କରି କାର୍ଯ୍ୟକ୍ରମ ଭଣ୍ଡୁର କରୁଥିଲେ। ପ୍ରଥମେ ମହିଳା ଓ ଗାଁର ଭଦ୍ରଲୋକ, ଯୁବକ ମାନେ ମିଶି ପ୍ରତିଯୋଗିତା ପାଇଁ ଥିବା ପିଠା ଗୁଡ଼ିକୁ ଫୋପାଡ଼ିଥିଲେ। ଫଳରେ ମଞ୍ଚ ମଧ୍ୟରେ ମଞ୍ଚାସୀନ ଥିବା ବିଡ଼ିଓ, ତହସିଲଦାର ମଞ୍ଚ ଛାଡ଼ି ଚାଲିଯାଇଥିଲେ।




# ସମୁଦ୍ର ଉପରେ ପାରାସେଲିଂରେ ଉଡିବାର ଭିନ୍ନ ଅନୁଭୂତି

ଆପଣ ମାନଙ୍କର ମନେ ଥାଇପାରେ ଯେ ଗତ ସ୍ତମ୍ଭରୁ ଆପଣ ମାନଙ୍କୁ ଗୋଆର ସୁନ୍ଦର ସମୁଦ୍ରକୂଳ ସମ୍ପର୍କରେ ସୂଚନା ଦେଉଛି। ଉତ୍ତର ଗୋଆର କଲିଙ୍ଗୁଟ୍ ସମୁଦ୍ରକୂଳ ମୁଁ ପ୍ରଥମେ ବୁଲିଥିଲି। ସମୁଦ୍ର କୂଳରେ ପହଞ୍ଚିବା ବେଳକୁ ଗାଡି ଚାଳକ ଆମକୁ ଏହି ସମୁଦ୍ର କୂଳରେ କି ପ୍ରକାର ୱାଟର୍ ସ୍ପୋର୍ଟ୍ସ ରହିଛି ସେ ସମ୍ପର୍କରେ ସୂଚନା ଦେଇଥିଲେ। ଅବଶ୍ୟ ଗୋଆର ସମୁଦ୍ର କୂଳରେ ଏହିପରି ଅନେକ ୱାଟର ସ୍ପୋର୍ଟ୍ସ ପର୍ଯ୍ୟଟକ ମାନଙ୍କ ପାଇଁ ରହିଛି। ହେଲେ କଲିଙ୍ଗୁଟ ବିଚ୍‌ରେ ଆମେ ସ୍ଥିର କଲୁ ଯେ ପାରା ସେଲିଙ୍ଗ୍ କରିବୁ। ଅବଶ୍ୟ ପାରାସେଲିଙ୍ଗ୍ କ'ଣ ତାହା ମୋତେ ବିଲକୁଲ ବି ଜଣା ନଥିଲା। ଆଉ ମୁଁ ସ୍ୱଭାବରେ ସାମାନ୍ୟ ଡରକୁଳା ପ୍ରକୃତିର। ତେଣୁ ପାରା ସେଲିଙ୍ଗ୍ କରିବାକୁ ହଁ କରିଥିଲେ ମଧ୍ୟ ମନ ଭିତରେ କିନ୍ତୁ ପ୍ରବଳ ଭୟ ଜମାଟ ବାନ୍ଧି ରହିଥିଲା। କାରଣ ଆମ ଓଡ଼ିଶାରେ ଏପରି ଅନୁଭୂତି କମ୍ ମିଳିଥାଏ। ତେବେ ଯାହା ହେଉ ସମୁଦ୍ର କୂଳରେ ପହଞ୍ଚିବା ପରେ ଏକ ମୋଟର ବୋଟ୍ ଆମକୁ ଅପେକ୍ଷା କରି ରହିଥିଲା। ଚାଳକ ଆମକୁ ସେହି ବୋଟ୍ ପାଖକୁ ନେଇ ଯାଇଥିଲେ। ଆମେ ସମସ୍ତେ ସେହି ବୋଟ୍‌ରେ ବସିଥିଲୁ। ତା'ପରେ ସମୁଦ୍ରର ନୀଳ ଜଳରାଶିରେ ବୋଟ୍ ଯାତ୍ରା ଆରମ୍ଭ କରିଥିଲା। ପ୍ରକୃତରେ ଏ ବୋଟ୍‌କୁ ଆମେ ସ୍ପିଡ୍ ବୋଟ୍ ବୋଲି କହିପାରିବା। ସମୁଦ୍ରର ଜଳରାଶିରେ ଅତି ବେଗରେ ଯାଉଥିବା ବୋଟ୍ ଉପରେ ବସି ମୁଁ ଅନେକ କଥା ଚିନ୍ତା କରୁଥିଲି। ଆମ ଓଡ଼ିଶାରେ ଅନେକ ଉପକୂଳ ଅଞ୍ଚଳ ଅଛି ମୋ ନିଜ ସହର ପୁରୀର ସମୁଦ୍ର ମଧ୍ୟ ଖୁବ୍ ସୁନ୍ଦର କିନ୍ତୁ ସେଠାରେ ଏପରି ଅନୁଭୂତି ସାଉଁଟିବାର ଅବକାଶ ମୋ ଜୀବନରେ କେବେ ଆସିନଥିଲା। ସତରେ ସମୁଦ୍ରର ଜଳରାଶିକୁ ଚିରି ଯେତେବେଳେ ବୋଟ୍‌ଟି ଆଗକୁ ଯାଉଥିଲା ସେ ସମୟର ଅନୁଭୂତି ଅବର୍ଣ୍ଣନୀୟ। କିଛି ସମୟର ଯାତ୍ରା ପରେ ବୋଟ୍ ସମୁଦ୍ର ଭିତରେ ଅଟକି ଥିଲା। ସେଠାରେ ସମୁଦ୍ରର ଜଳରାଶି ସମ୍ପୂର୍ଣ୍ଣ ଥିଲା ସ୍ଥିର। ତା'ପରେ ପାରାସେଲିଙ୍ଗ୍‌ର ପ୍ରାଥମିକ କାର୍ଯ୍ୟ ଆରମ୍ଭ ହେଲା। ବୋଟ୍ ଚାଳକ ଏବଂ ତାଙ୍କ ସହଯୋଗୀ ପ୍ରଥମେ ତାଙ୍କ ମେସିନ୍ ଏବଂ ପାରଚୁଟ୍ ଉଭୟକୁ ପରୀକ୍ଷା କରିନେଲେ। ଆଉ ତା'ପରେ ମୋ ପାଳି ପଡିଲା। ସେତେବେଳକୁ ଭୟରେ ଦେହରୁ ଝାଳ ବୋହିବାକୁ ଆରମ୍ଭ କଲା। ମୋର ଏପରି ଅବସ୍ଥା ଦେଖି ଗାଡି ଚାଳକ ଖୁବ୍ ଆଶ୍ଚର୍ଯ୍ୟ ହୋଇଗଲେ। ତା'ପରେ ସେ ମୋତେ କହିଲେ ଯେ ସେ ନିଜେ ପ୍ରଥମେ ପାରାସେଲିଙ୍ଗ କରିବେ ତା'ପରେ ତାକୁ ଦେଖି ଯଦି ମୁଁ ଅନୁଭବ କରିବି ଯେ କରି ପାରିବି ବୋଲି ତା'ହେଲେ ମୁଁ କରିବି ବୋଲି। ଏ କଥାରେ ମୁଁ ରାଜି ହେଲି। ପ୍ରଥମେ ଗାଡି ଚାଳକ ପାରାସେଲିଙ୍ଗ୍ କରିଥିଲେ, ମୁଁ ଖୁବ୍ ପାଖରୁ ତାଙ୍କୁ ଅନୁଧ୍ୟାନ କରୁଥାଏ। କିଛି ସମୟ ମଧ୍ୟରେ ଆକାଶରେ ଅନେକ ଦୂରକୁ ସେ ଚାଲିଗଲେ। ବୋଟ୍ ଚାଳକ ତାଙ୍କୁ ବେଳେ ବେଳେ ପାଣି ନିକଟକୁ ମଧ୍ୟ ଆଣୁଥାନ୍ତି। ସେ ପାଣିରେ ଗୋଡ ଦେଇ ପୁଣି ଉପରକୁ ଉଠୁଥାନ୍ତି। ଏମିତି କିଛି ସମୟ ଦେଖିବା ପରେ ମୋ ମନ ଭିତରେ ସାମାନ୍ୟ ସାହସ ଦାନା ବାନ୍ଧିଲା ଏବଂ ମୁଁ ସ୍ଥିର କଲି ପାରା ସେଲିଙ୍ଗ୍ କରିବା ପାଇଁ। ଗାଡି ଚାଳକ କିଛି ସମୟ ପରେ ବୋଟ୍‌କୁ ଫେରି ଆସିଲେ, ମୋ ମୁହଁରେ ସାମାନ୍ୟ ସାହାସକୁ ଲକ୍ଷ୍ୟ କରି ମୋତେ ପାରାସେଲିଙ୍ଗ୍ କରିବା ପାଇଁ କହିଲେ। ମୁଁ ତା'ପରେ ପ୍ରସ୍ତୁତ ହେଲି। ବୋଟ୍ ଚାଳକ ମଧ୍ୟ ମୋ ଅବସ୍ଥା ଦେଖି ମୋତେ ପାରାସେଲିଙ୍ଗ୍ ବାବଦରେ ବୁଝାଇବାରେ ଲାଗିଲେ। ଏହାରି ଭିତରେ ମୋତେ ଲାଇଫ୍






ଜ୍ୟାକେଟ୍ ପିନ୍ଧା ସରିଥିଲା। ତା'ପରେ ଅଣ୍ଟାରେ ବନ୍ଧା ହେଲା ବେଲ୍ଟ। ଯେଉଁଥିରେ ପାରାଚୁଟ୍ ବନ୍ଧା ହେଲା। ମୋତେ ବୋଟ୍ ଚାଳକ କହିଲେ ଯେ ବେଶି ଉପରକୁ ନେବେ ନାହିଁ। ପ୍ରାୟ ୨୦ ମିଟର ଉପରକୁ ନେବେ ତା'ପରେ ଯଦି ମୋତେ ଠିକ୍ ଲାଗିଲା ତା'ହେଲେ ଅଧିକ ଛାଡିବେ। ତା'ପରେ ମୋ ପାରାସେଲିଙ୍ଗ୍ ଧିରେ ଧିରେ ଉପରକୁ ଉଠିଲା। ଓଃ କି ଅଦ୍ଭୁତ ଅନୁଭୂତି। ଉପରୁ ସମୁଦ୍ରର ଦୃଶ୍ୟ ସହ ସହ ବୋଟ୍‌ର ମଜା। ମୁଁ ଉପରକୁ ଗଲା ପରେ ଦେଖିବାକୁ ପାଇଲି ଯେ, ମୋ ଭଳି ଅନେକ ପର୍ଯ୍ୟଟକ ଏହି ପାରାସେଲିଙ୍ଗ୍ ମଜା ନେଉଛନ୍ତି। ସେମାନଙ୍କୁ ଦେଖିବା ପରେ ମୋ ମନରେ ସାମାନ୍ୟ ସାହସ ଆହୁରି ବଢ଼ିଲା। ମୋ ବୋଟ୍ ଚାଳକ ଏହା ଭିତରେ ମୋତେ ୩୦ ମିଟର ଉପରକୁ ନେଇ ସାରିଥିଲେ। ତେବେ ମୁଁ ଆକାଶରେ ଥରେ ଉଡିବା ପରେ ମୋ ପୂରା ଭୟ ଛାଡି ଯାଇଥିଲା। ମୁଣ୍ଡ ଉପରେ ନୀଳ ଆକାଶ ଆଉ ତଳେ ନୀଳ ଜଳରାଶି। ଏ ସବୁ ଦୃଶ୍ୟ ଦେଖିବା ଭିତରେ ମୁଁ ଭୁଲି ଯାଇଥିଲି ଡର ଭୟକୁ। ଏବେ ମୋର ପୁରୁଣା ହିନ୍ଦୀ ଗୀତ ଶୁଣିବାକୁ ଇଚ୍ଛା ହେଉଥିଲା କିନ୍ତୁ ସୁବିଧା ସୁଯୋଗ ନଥିଲା। ମୋର ଯେମିତି ଆଉ ଫେରିବାକୁ ଇଚ୍ଛା ହେଉ ନଥିଲା ତଳକୁ। ମୁଁ ମନେ ମନେ ଭାବୁଥିଲି ସତରେ ଆକାଶରେ ଉଡୁଥିବା ପକ୍ଷୀମାନେ ଧରଣୀ ମା'ର କେତେ ଅପରୂପ ସୌନ୍ଦର୍ଯ୍ୟ ସବୁବେଳେ ଦେଖୁଥିବେ। ପକ୍ଷୀଟିଏ ହୋଇଥିଲେ ଏପରି ଦୃଶ୍ୟ ସବୁବେଳେ ଦେଖିବାକୁ ମିଳିଥାନ୍ତା। ଏହାରି ଭିତରେ ୧୫ ମିନିଟ୍ ସମୟ ଅତିକ୍ରାନ୍ତ ହୋଇ ସାରିଥିଲା। ଏବେ ବୋଟ୍ ଚାଳକ ମୋତେ ଧିରେ ଧିରେ ତଳକୁ ଆଣିଲେ। ମୋର ଇଚ୍ଛା ନଥିଲେ ମଧ୍ୟ ତଳକୁ ଆସିଥିଲି। ସମସ୍ତେ ଅପେକ୍ଷା କରିଥିଲେ ମୋର ପ୍ରତିକ୍ରିୟା ଜାଣିବା ପାଇଁ। ତଳକୁ ଓହ୍ଲାଇବା ପରେ ବୋଟ୍ ଚାଳକଙ୍କୁ ଧନ୍ୟବାଦ୍ ଦେବା ସହ ପୁଣି ସୁବିଧା ହେଲେ ଆଉ ଦିନେ ଆସି ଆହୁରି ଉପରକୁ ଉଡିବି ବୋଲି କହିଥିଲି। ଏ କଥା ଶୁଣି ସମସ୍ତେ ଜୋରରେ ହସିବାକୁ ଲାଗିଲେ।

*କ୍ରମଶଃ...*








ଉପସ୍ଥାପନା

ଜାହ୍ନବୀସୁତ

# ସୁବର୍ଣ୍ଣପୁରରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

**ସୋନପୁର :** ଯେକୌଣସି କ୍ଷେତ୍ରରେ ହେଉ କଷ୍ଟ ସ୍ୱୀକାର କଲେ ହିଁ ସଫଳତା ମିଳିଥାଏ। ତେଣୁ ଯୁବକଯୁବତୀ ମାନେ ସର୍ବଦା ଜିଲା ତଥା ରାଜ୍ୟ ବାହାରେ ଆତ୍ମ ନିର୍ଭରଶୀଳ ହୋଇ ଅନ୍ୟ ପାଇଁ ଏକ ଉଦାହରଣ ସୃଷ୍ଟି କରିବାର ଆବଶ୍ୟକତା ରହିଛି ବୋଲି ସୁବର୍ଣ୍ଣପୁର ଜିଲାସ୍ତରୀୟ ନିଯୁକ୍ତି ମେଳାରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଜିଲାପାଳ ମଧୁସୂଦନ ମିଶ୍ର ଆହ୍ୱାନ ଦେଇଛନ୍ତି। ଜିଲା ନିଯୋଜନ ବିଭାଗ ପକ୍ଷରୁ ଆୟୋଜିତ ଏହି ମେଳାରେ ସମ୍ମାନିତ ଅତିଥି ଭାବରେ ଆରକ୍ଷୀ ଅଧିକ୍ଷକ ଦେବୀ ପ୍ରସାଦ ଦାସ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ଦାସ, ସମ୍ବଲପୁର ଆଞ୍ଚଳିକ ନିଯୋଜନ କାର୍ଯ୍ୟାଳୟର ଆଞ୍ଚଳିକ ସହକାରୀ ନିର୍ଦ୍ଦେଶକ ନନ୍ଦକିଶୋର ଦାସ, ବାୟୁସେନାର ୱିଙ୍ଗ୍ କମାଣ୍ଡେଣ୍ଟ ଅଫିସର ରବିନ୍ଦ୍ର ସିଂ ରାୱତ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇ ଯୁବକ ଯୁବତୀ ମାନେ ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ବିଭିନ୍ନ ଯୋଜନାର ସୁଯୋଗ ନେଇ ନିଜେ ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ ଦେଇଥିଲେ। ଆରମ୍ଭରେ ଜିଲ୍ଲା ନିଯୋଜନ ଅଧିକାରୀ ଶର୍ମିଷ୍ଠା ଧଳ ସ୍ୱାଗତ ଭାଷଣ ପ୍ରଦାନ କରି ନିଯୁକ୍ତି ମେଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କୟଙ୍କର ସୂଚନା ଦେଇ ଏଥିରେ ହାଇଦ୍ରାବାଦ, ବାଙ୍ଗାଲୁରୁ, ଚେନ୍ନାଇ ସମେତ ରାଜ୍ୟର ବିଭିନ୍ନ ୧୮ ଟି ନିଯୋଜନକାରୀ ସଂସ୍ଥା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ବିଦ୍ୟାପତି ପଣ୍ଡା ସଂଯୋଜନା କରିଥିଲେ। ଏହି ମେଳାରେ ଜିଲାର ୧୦୪୮ ଜଣ ଯୁବକଯୁବତୀ ନିଜର ନାମ ପଞ୍ଜିକରଣ କରି ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ପାଇଁ ଆବେଦନ କରିଥିଲେ।

# ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା : ନେତାଙ୍କ ଇସାରାରେ ବିଇଓ ଅଫିସ !

**ଭବାନୀପାଟଣା :** କଳାହାଣ୍ଡି ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଥିବା ଜଣାପଡିଛି। କାରଣ ଜୁନାଗଡ ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ଚାଲିଥିବା ଦୁର୍ନୀତିରୁ ଏହା ସ୍ପଷ୍ଟ ଅନୁମେୟ। ନେତାଙ୍କ ଇସାରାରେ ଚାଲିଛି ବିଇଓ ଅଫିସ। ଆଜିବି ସରକାରୀ ଶିକ୍ଷକଙ୍କ ବଦଳରେ ଡମି ଶିକ୍ଷକମାନେ ବିଦ୍ୟାଳୟରେ ପାଠ ପଢ଼ାଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନକୁ ବାରମ୍ବାର ଜଣାଇବା ପରେ ମଧ୍ୟ ଏହାର ସଠିକ୍ ତଦନ୍ତ ହେଉନାହିଁ। ବରଂ ଠକ ଶିକ୍ଷକ ମାନଙ୍କୁ ସସ୍‌ପେଣ୍ଡ କରି ପୁଣି ପୁନର୍ବାର ପୁରସ୍କାର ଦିଆଯାଉଥିବା ଅଭିଯୋଗ ହେଉଛି। ଶିକ୍ଷକମାନେ ପ୍ରାୟତଃ ସ୍କୁଲକୁ ନଯିବା ଅଭିଯୋଗରେ ସେତେବେଳେ ଧର୍ମଗଡର ଉପଜିଲ୍ଲାପାଳ ଯେ ଦୁଲ୍ଲୁ ବିଜୟ ପାହାଡ ଉପରେ ଥିବା ତଳଦୁଣ୍ଡା ପ୍ରାଥମିକ ସ୍କୁଲକୁ ତଦନ୍ତ କରିବାକୁଯାଇ ସହକାରୀ ପ୍ରାଥମିକ ସ୍କୁଲକୁ ତଦନ୍ତ କରିବାକୁ ଯାଇଥିଲେ ସହକାରୀ ଶିକ୍ଷକ କନ୍ଦର୍ପ ନାଏକ ସ୍କୁଲକୁ ଆସୁନଥିବା ଜାଣିପାରିଥିଲେ ଓ ଉକ୍ତ ଶିକ୍ଷକଙ୍କୁ ସସ୍‌ପେଣ୍ଡ କରିଥିଲେ। ସେହି ଶିକ୍ଷକଙ୍କୁ ଜୁନାଗଡ ବିଇଓଙ୍କର ଆର୍ଶୀବାଦ ଅଜାଡି ହୋଇପଡିଲା ଓ ଆଦେଶ ସଂଖ୍ୟା ୭୫୫୬ ତା ୬.୧୦.୧୮ ଅନୁସାରେ ପୁନଃ ଅବସ୍ଥାପିତ କରି ୧୩.୧୧.୧୮ ରେ ଏକ ଅଣ୍ଡର ଟେକିଙ୍ଗ ନେଇଥିଲେ ଓ ପତ୍ର ସଂଖ୍ୟା ୧୬୦୭ ତା ୧୪.୧୧.୧୮ରେ ଅପହଞ୍ଚ ବଣ ପାହାଡ ପାଖରେ ଥିବା ବିଜରାଦର ସ୍କୁଲରେ ପୁନଃ ନିଯୁକ୍ତି ଦିଆଯାଇ ଜଏନିଂ ୭.୧୦.୧୮ ଠାରୁ ଗ୍ରହଣ କରିବାକୁ ହେଡମାଷ୍ଟରଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି। ଏଥିରୁ ଦୁର୍ନୀତିର ଗନ୍ଧ ସ୍ପଷ୍ଟ ବାରି ହେଉଥିବା ଆଲୋଚନା ହେଉଛି। କିପରି ଭାବରେ ଉକ୍ତ ସସ୍‌ପେଣ୍ଡ ହୋଇଥିବା ଶିକ୍ଷକ ପୂର୍ନବାର ନିଯୁକ୍ତି ପାଇଲେ ତାହା ଏକ ପ୍ରଶ୍ନବାଚୀ ? ଜିଲ୍ଲାର ଏପରି ବହୁ ଅଞ୍ଚଳରେ ତଥା ଲଖନପଡା ବେହେରାଗୁଡା ଓ ବିଜରାଜର ପରି ଅଛି ଅନେକ ଅଞ୍ଚଳକୁ ଶିକ୍ଷକ ନଯାଇ ମଧ୍ୟ ଦରମା ପାଆନ୍ତି ଓ ମଧ୍ୟାହ୍ନ ଭୋଜନକୁ ହଡପ କରିନ୍ତି। ଜୁନାଗଡ ବିଇଓ ମନଇଚ୍ଛା ଶିକ୍ଷକଙ୍କୁ ଡେପୁଟେସନରେ ଏପଟ ସେପଟ କରୁଥିବା ଶିକ୍ଷକ ମହଲରେ ଆଲୋଚନା ହେଉଛି। କିଛି ମାନ୍ୟ ଗନ୍ୟ ଶିକ୍ଷକମାନେ ବିଇଓଙ୍କ ବାହୁ ଛାୟା ତଳେ ରହଛି ଏପରି କାର୍ଯ୍ୟଗୁଡିକୁ ସମ୍ପାଦନ କରୁଛନ୍ତି। ଗତ ମାସରେ ୫ ଜଣ ଶିକ୍ଷକଙ୍କୁ ସେମାନଙ୍କ ମନପସନ୍ଦ ସ୍କୁଲକୁ ଡେପୁଟେସନ କରାଯାଇଥିଲା ତଥା ପଳାସ ପ୍ରାଥମିକ ବିଦ୍ୟାଳୟରୁ ବିଶିକେଶନ ପଣ୍ଡାଙ୍କ ନାମରେ ଅଭିଯୋଗ ହୋଇଥିଲା। ସରକାରୀ ନିୟମକୁ ଶିକ୍ଷକ ନେତାଙ୍କ ଇସାରାରେ ଖୋଲାଖୋଲି ଉଲ୍ଲଘନ କରାଯାଉଅଛି। ନୀୟମ ଅନୁସାରେ ଚାକିରୀର ୧୦ ବର୍ଷ ମଧ୍ୟରେ କର୍ମଚାରୀଙ୍କ ପଦନ୍ନୋତି ନହେଲେ ତାଙ୍କୁ ଆରଏସିପି ଯୋଜନାରେ ସାମିଲ କରାଯିବାକୁ ଥିବାବେଳେ ଗତ ୦୧.୦୧.୨୦୧୭ ରେ ତାହାଙ୍କୁ ଏମ.ଏସି.ପି. ଯୋଜନାରେ ଆର୍ଥିକ ସୁବିଧା ଯୋଗାଇ ଦେବାକୁ ଥିବା ବିଇଓ କିଛି ଶିକ୍ଷକଙ୍କ ପ୍ରରୋଚନାରେ ୧୯୯୭ ର ନିଯୁକ୍ତି ପ୍ରାପ୍ତ ଶିକ୍ଷକଙ୍କୁ ଛାଡି ମାତ୍ର ସେହି ୫ ଜଣ ଶିକ୍ଷକଙ୍କୁ ଆରଏସିବି ଯୋଜନାରେ ସାମିଲ କରିବାପାଇଁ ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଶଣ କରିଥିବା ଜଣାପଡେ। ୨୦ ବର୍ଷର ଶିକ୍ଷକ ଧିରେନ୍ଦ୍ର ମେହେର, ଶଶାଙ୍କ ପାତ୍ର, ବିରେନ୍ଦ୍ର ବାଗ, ଦିବସ କୁମାର ପଣ୍ଡା ଓ ଲକ୍ଷ୍ମୀଧର ମେହେରଙ୍କୁ କିପରି ଆର.ଏ.ସି.ପି ମଞ୍ଜୁରୀ ମିଳିଥିଲା ? ଯଦିଓ ଏସବୁ ଘଟଣା ସତ୍ୟ ତେବେ ପ୍ରଶାସନ କରୁଛି କଣ ? ଚାପରେ ଚାପିହୋଇ ଯାଇଛନ୍ତି କି ?

# ଭିନ୍ନକ୍ଷମ ପ୍ରତିରୋଧ ପାଇଁ ଗଣମାଧ୍ୟମର ଭୂମିକା ଉପରେ କର୍ମଶାଳା

**ଖୋର୍ଦ୍ଧା :** ଇନଷ୍ଟିଚ୍ୟୁଟ ଅଫ ହେଲଥ ସାଇନସେସ୍‌ର ଚନ୍ଦକାଠାରେ ଥିବା କ୍ୟାମ୍ପସ୍‌ରେ ବିଭିନ୍ନ ଭିନ୍ନକ୍ଷମଙ୍କ ଚିହ୍ନଟ, ନିଦାନ ଓ ପ୍ରତିରୋଧ ଉପରେ ଏକ ବୌଦ୍ଧିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ଦୁଇ ଦଶନ୍ଧି ଧରି ଓଡ଼ିଶାରେ କାମ କରୁଥିବା ଇନ୍‌ଷ୍ଟିଚ୍ୟୁଟ ଅଫ୍ ହେଲ୍‌ଥ ସାଇନ୍‌ସେସ୍ ବର୍ତ୍ତମାନ ଭାରତ ସରକାରଙ୍କର ଜାତୀୟ ନ୍ୟାସର ଓଡ଼ିଶା ରାଜ୍ୟ ନୋଡ଼ାଲ ଏଜେନ୍ସି ରୂପେ ଅଟିଜିମ୍, ମସ୍ତିଷ୍କ ପକ୍ଷାଘାତ, ମାନସିକ ଅନଗ୍ରସରତା ଓ ବହୁବିଧ ଭିନ୍ନକ୍ଷମତା ପାଇଁ ଉତ୍ସର୍ଗୀକୃତ ସେବା ଯୋଗାଇ ଆସୁଛି। ଭିନ୍ନକ୍ଷମତା ପ୍ରତିରୋଧ ପାଇଁ ଆବଶ୍ୟକ ପଡୁଥିବା ଅନୁଷ୍ଠାନିକ ଭିତ୍ତିଭୂମି ସହ ପ୍ରଶିକ୍ଷିତ ମାନବ ସମ୍ବଳ ଓ ଅତ୍ୟାଧୁନିକ ଯାନ୍ତ୍ରିକ ଉପକରଣ ଦ୍ୱାରା ଚିକିତ୍ସାର ଆବଶ୍ୟକତା ରହିଛି। ପ୍ରକୃଷ୍ଟ ସମୟରେ ଚିକିତ୍ସା କଲେ ଭିନ୍ନକ୍ଷମତା ପ୍ରତିରୋଧ ସମ୍ଭବ। ଏହି ପରିପ୍ରେକ୍ଷୀର ଅନୁଷ୍ଠିତ ହୋଇଥିବା କାର୍ଯ୍ୟଶାଳାରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗୀୟ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ମନ୍ତ୍ରୀ ରାଜ୍ୟସରକାରଙ୍କ ଦ୍ୱାରା ସୁବିଧା ସୁଯୋଗ, ଭତ୍ତା ଓ ଅନୁଦାନ ଛଡ଼ା ଅନେକ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଭିନ୍ନକ୍ଷମ କଲ୍ୟାଣକାରୀ ନୂଆ ଯୋଜନା ମାନଙ୍କ ବିଷୟରେ ସବିସ୍ତୃତ ବିବରଣୀ ରଖିଥିଲେ। ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନମାନଙ୍କ ମାଧ୍ୟମରେ ରାଜ୍ୟର ପ୍ରାୟ ସମସ୍ତ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କର ବିକାଶ ପାଇଁ କାର୍ଯ୍ୟକ୍ରମ ଜାରି ରହିଅଛି। ବିଭାଗୀୟ ପ୍ରମୁଖ ସଚିବ ନିତେନ ଚନ୍ଦ୍ର ରାଜ୍ୟସାରା ଚଳିଥିବା ଯୋଜନା ସମୂହର ବ୍ୟାପକତା, ଉପଯୋଗୀତା ଓ ପରିଣାମ ଉପରେ ଆଲୋକପାତ କରିଥିଲେ। ସେ ସମସ୍ତଙ୍କୁ ଆହ୍ୱାନ କରି କହିଲେ ଯେ, ଜନସାଧାରଣ ସଚେତନ ହେବା ଦରକାର ଯାହାଫଳରେ ପୀଡ଼ିତ ଶିଶୁମାନେ ଆଶୁ ଚିକିତ୍ସା ନିମନ୍ତେ କେନ୍ଦ୍ର ମାନଙ୍କରେ ପହଞ୍ଚି ପାରିଲେ ଲାଭାନ୍ୱିତ ହେବେ ଓ ଭିନ୍ନକ୍ଷମତାର ପ୍ରତିରୋଧ ହୋଇ ପାରିବ। ରାଜ୍ୟ ଅଟିଜିମ୍ ଅପିଲେଟ୍ ବୋର୍ଡ଼ର ଅଧ୍ୟକ୍ଷ ତଥା ସ୍ୱନାମଧନ୍ୟ ଶିଶୁ ରୋଗ ବିଶେଷଜ୍ଞ ଡ଼ାକ୍ତର ଅରବିନ୍ଦ ମହାନ୍ତି ସମସ୍ତଙ୍କୁ ଅନୁରୋଧ କଲେ ଯେ ସମନ୍ୱିତ ପ୍ରଚେଷ୍ଟା ଦ୍ୱାରା ଭିନ୍ନକ୍ଷମ ଆଶୁ ଚିହ୍ନଟ, ବହୁବିଧ ଚିକିତ୍ସା ସମ୍ଭବ ହୋଇପାରିବ ଓ ଭିନ୍ନକ୍ଷମତା ପ୍ରତିରୋଧ ହୋଇ ସମାଜର ମୂଖ୍ୟ ସ୍ରୋତରେ ସମ୍ମିଳିତ ହୋଇପାରିବେ। ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରଫେସର ସତ୍ୟ ମହାପାତ୍ର ଯିଏ କି ଜଣେ ଅଭିଜ୍ଞ ବାକ୍ ଶ୍ରବଣ ଚିକିତ୍ସକ, ନିଜ ସ୍ୱାଗତ ସମ୍ଭାଷଣରେ କହିଲେ ଯେ ସାରାବିଶ୍ୱରେ ଭିନ୍ନକ୍ଷମଙ୍କ ମାତ୍ରା ଚିନ୍ତା ଜନକ ରୂପେ ବଢିଚାଲିଛି। ବିଭିନ୍ନ ପ୍ରକାରର ବିକୃତି ଯାହା ଭିନ୍ନକ୍ଷମତାର ରୂପ ନିଏ ତା ବିଷୟରେ ଜନସଚେତନତା ଆବଶ୍ୟକ। ପ୍ରଚଳିତ ଭ୍ରାନ୍ତ ଧାରଣା ଓ ନିଷ୍କ୍ରିୟତା ଦୂର ହେଲେ ବିକୃତିର ଚିକିତ୍ସା ଦ୍ୱାରା ଭିନ୍ନକ୍ଷତତାର ପ୍ରତିରୋଧ ହୋଇ ପାରିବ। ଅନେକ ଶିଶୁଙ୍କର ସ୍ନାୟୁବିକ ବିକୃତି ଯଥା ମୁର୍ଗୀବାତ ଇତ୍ୟାଦି ଦ୍ୱାରା ହେବା ଉଗ୍ରତା କିମ୍ବା ଅତି ଚଞ୍ଚଳତାର ଲକ୍ଷଣ ଦେଖାଯାଏ। ସେମାନଙ୍କୁ ସ୍ନାୟୁବିକ ଦୋଷରେ ପୀଡ଼ିତ ଥିବା ସତ୍ତ୍ୱେ ଚିକିତ୍ସା ବଦଳରେ ତାଙ୍କୁ ବିଦ୍ୟାଳୟରେ ଦଣ୍ଡ ପ୍ରଦାନ କରାଯାଇଥାଏ ଏବଂ ପାଠ ପଢିବାରେ ଅସୁବିଧାକୁ ସେମାନଙ୍କର ବୌଦ୍ଧିକ ନ୍ୟୁନତା ବୋଲି ଧରାଯାଇଥାଏ। ଶିକ୍ଷାଗତ ଭିନ୍ନକ୍ଷମତାର ସମୁଚିତ ଚିକିତ୍ସା କଲେ ସେମାନେ ପାଠ ପଢାରୁ ବିମୁଖ ହେବେ ନାହିଁ ଓ ଭିନ୍ନକ୍ଷମତା ବଦଳରେ ସେମାନଙ୍କ ସାମର୍ଥ୍ୟର ବିକାଶ ସହିତ ବିଭିନ୍ନ କଳା କୌଶଳରେ ପାରଙ୍ଗମ ହୋଇ ପାରିବେ। ତେଣୁ ଆଜିର ଏହି କର୍ମଶାଳାର ସାରାଂଶ ହେଲା ଯେ ପ୍ରଚଳିତ ଭ୍ରାନ୍ତ ଧାରଣାରୁ ଦୂର କରି ପୀଡ଼ିତ ସମାଜକୁ ସଠିକ ସମୟରେ ସମୁଚିତ ଚିକିତ୍ସା ସେବା ଦେଇ ଭିନ୍ନ କ୍ଷମତାକୁ ପ୍ରତିରୋଧ କରାଯାଇ ପାରିବ। ଅନୁଷ୍ଠାନର ଅଧ୍ୟକ୍ଷ ଡ଼ଃସନ୍ତୋଷ କୁମାର ମିଶ୍ର ଗଣମାଧ୍ୟମକୁ ଇନଷ୍ଟିଚ୍ୟୁଟ୍‌ର ଉପଲବ୍ଧ ବିଷୟରେ ଅବଗତ କରାଇ କହିଲେ ଯେ, ଏଠାରେ ବିଭିନ୍ନ ଭିନ୍ନକ୍ଷମତା ଦ୍ୱାରା ପ୍ରଭାବିତ ଲୋକଙ୍କୁ ମାସିକ ହାରାହାରି ୧୫,୦୦୦ ଘଣ୍ଟାରୁ ଅଧିକ ପୁନର୍ବାସ ଚିକିତ୍ସା ଓ ସେବା ପ୍ରଦାନ କରାଯାଏ, ଏଠାରୁ ଚିକିତ୍ସିତ ହୋଇଥିବା ଶିଶୁମାନେ ସାଧାରଣ ପିଲାଙ୍କ ସହ ସ୍କୁଲରେ ପାଠ ପଢିବା ଛଡ଼ା ବିଭିନ୍ନ ପ୍ରତିଯୋଗୀତାରେ ଆଶ୍ଚର୍ଯ୍ୟଜନକ ସଫଳତ ହାସଲ କରୁଛନ୍ତି। ଏହି ଅବସରରେ ପ୍ରତୀକ ରୂପେ ଏହି ଅନୁଷ୍ଠାନରେ ଚିକିତ୍ସାଦ୍ୱାରା ଉପକୃତ ହୋଇଥିବା ଏକ ଶିଶୁର ମାନ୍ୟବର ମନ୍ତ୍ରୀଙ୍କ ଦ୍ୱାରା ମୁଖ୍ୟସ୍ରୋତରେ ସାମିଲ ହେବାର ଯୋଗ୍ୟତା ପ୍ରମାଣ ପତ୍ର ପ୍ରଦାନ କରାଗଲା। ସର୍ବଶେଷରେ ଅଧ୍ୟକ୍ଷ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସକ୍ରିୟ ଯୋଗଦାନ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମ୍ପୂର୍ଣ୍ଣ କର୍ମଶାଳା କାର୍ଯ୍ୟକ୍ରମଟି ଶ୍ରୀମତୀ ନଳିନୀ ମହାନ୍ତି କାର୍ଯ୍ୟକ୍ରମ ପ୍ରମୁଖଙ୍କ ଦ୍ୱାରା ସଞ୍ଚାଳିତ ହୋଇଥିଲା। ଏହି ଇନ୍‌ଷ୍ଟିଚ୍ୟୁଟରେ ୧୬ ପ୍ରକାର ଫିଜିଓଥିରାପି ଦିଆଯାଉଛି।

# ଜାନୁଆରୀ ୬ରୁ ଭିତରକନିକା ବନ୍ଦ

**ରାଜନଗର :** ବିଦେଶାଗତ ପକ୍ଷୀ ଏବଂ ବଉଳା କୁମ୍ଭୀରଙ୍କ ଗଣନା ଦୃଷ୍ଟିରୁ ଆସନ୍ତା ଜାନୁଆରୀ ୬ ରୁ ୧୪ ତାରିଖ ପର୍ଯ୍ୟନ୍ତ ଭିତରକନିକା ବନ୍ଦ ରହିବ। ଦୀର୍ଘ ୯ ଦିନ ଦେଶ ବିଦେଶର ପର୍ଯ୍ୟଟକମାନଙ୍କୁ ଭିତରକନିକା ଜାତୀୟ ଉଦ୍ୟାନ ପରିଭ୍ରମଣ ପାଇଁ ନିଷେଧ କରାଯାଇଛି। ସୁଦୂର ଫ୍ରାନ୍ସ, ସାଇବେରିଆ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ମଙ୍ଗୋଲିଆ, ସାଉଥଆଫ୍ରିକା ପ୍ରଭୃତି ଶୀତପ୍ରଧାନ ଦେଶଗୁଡ଼ିକରୁ ପ୍ରଚଣ୍ଡ ଶୀତରୁ ରକ୍ଷା ପାଇବା ପାଇଁ ହଜାର ହଜାର ବିଦେଶାଗତ ପକ୍ଷୀଙ୍କ ସବୁଠୁ ନିରାପଦ ସ୍ଥାନ ଭିତରକନିକାର ଆର୍ଦ୍ରଭୂମିରେ ସମାଗମ ହୋଇଛନ୍ତି। ଭିତରକନିକା ଜାତୀୟ ଉଦ୍ୟାନ ସମେତ ସାତଭାୟାର ବିସ୍ତୀର୍ଣ୍ଣ ଜଳାଶୟ, ରାଇପାଟିଆ, ମଠଆଡ଼ିଆ, ଗୁପ୍ତିଘାଟ, ହଂସିଣା ଘାଟ ଏବଂ ବତିଘରର ବିସ୍ତୀର୍ଣ୍ଣ ଆର୍ଦ୍ରଭୂମିରେ ରାଜନଗର ବନବିଭାଗ ପକ୍ଷରୁ ପକ୍ଷୀଗଣନା କରାଯିବ। ଏହି ଗଣନାରେ ୧୨ଟି ଟିମ୍ ସାମିଲ ହେବେ। ରାଜ୍ୟର ବିଶିଷ୍ଟ ପକ୍ଷୀ ବିଶାରଦ ମାନେ ଯୋଗଦେବେ। ସେହିପରି ଭିତରକନିକା ଜାତୀୟ ଉଦ୍ୟାନରେ ପ୍ରବାହିତ ନଦୀ ନାଳରେ ଆବହମାନ କାଳରୁ ବସବାସ କରୁଥିବା ବଉଳାକୁମ୍ଭୀର ଗଣନା କାର୍ଯ୍ୟ ମଧ୍ୟ ଏକା ସମୟରେ କରାଯିବ।




# ନବୀନଙ୍କ ମହିଳା ସଂରକ୍ଷଣ ପ୍ରସ୍ତାବ, ତାମିଲନାଡୁର ସମର୍ଥନ

**ଭୁବନେଶ୍ୱର :** ବିଜୁ ଜନତା ଦଳ ପକ୍ଷରୁ ଦଳର ଉପ-ସଭାପତି ତଥା ବିଧାୟକ ଦେବୀ ପ୍ରସାଦ ମିଶ୍ର ଡିଏମ୍‌କେ ଓ ଏଆଇଡିଏମ୍ ନେତାମାନଙ୍କୁ ଭେଟି ମହିଳାମାନଙ୍କ ପାଇଁ ସଂସଦ ଓ ବିଧାନସଭାଗୁଡ଼ିକରେ ୩୩% ସ୍ଥାନ ସଂରକ୍ଷଣ କରିବା ଲାଗି ନୀତିଗତ ସମର୍ଥନ ଲୋଡ଼ି ବିଜୁ ଜନତା ଦଳ ସଭାପତି ଲେଖିଥିବା ଅନୁରୋଧ ପତ୍ରକୁ ହସ୍ତାନ୍ତର କରିଥିଲେ। ଡିଏମ୍‌କେ ଦଳର ଉପ-ମୁଖ୍ୟ ତଥା ତାମିଲନାଡୁ ବିଧାନସଭା ପିଏସିର ଅଧ୍ୟକ୍ଷ ଦୁରାଇ ମୁରୁଗାନ୍ ଓ ଏଆଇଏଡିଏମ୍‌କେ ନେତା ତଥା ମୁଖ୍ୟମନ୍ତ୍ରୀ ଇଡାପାଡୀ କେ. ପଲାନିସ୍ୱାମୀଙ୍କୁ ଭେଟି ମହିଳା ସଂରକ୍ଷଣ ବିଲ୍ ସଂପର୍କରେ ଶ୍ରୀ ମିଶ୍ର ବିଶଦ ଆଲୋଚନା କରିଥିଲେ। ଡିଏମ୍‌କେ ଉପମୁଖ୍ୟ ମୁରୁଗାନ୍ କରୁଣାନିଧିଙ୍କ ସହ ବିଜୁବାବୁଙ୍କ ଥିବା ଘନିଷ୍ଠ ସଂପର୍କକୁ ମନେ ପକାଇ କହିଥିଲେ ଯେ ବିଜୁବାବୁ ୧୯୯୧ରେ ଓଡ଼ିଶାରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାମାନଙ୍କ ପାଇଁ ଏକ-ତୃତୀୟାଂଶ ସ୍ଥାନ ସଂରକ୍ଷଣ ଲାଗୁ କରିବା ପରେ ତାମିଲନାଡୁ ସରକାର ବିଜୁବାବୁଙ୍କ ପଦକ୍ଷେପକୁ ଅନୁସରଣ କରି ୧୯୯୬ ମସିହାରେ ଏହା କାର୍ଯ୍ୟକାରୀ କରାଇଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ଶ୍ରୀ ପଲାନିସ୍ୱାମୀ କହିଥିଲେ ଯେ ଜୟଲଳିତାଙ୍କ ସହିତ ବିଜୁବାବୁ ଏବଂ ନବୀନବାବୁଙ୍କ ଥିବା ଘନିଷ୍ଠ ସଂପର୍କର ସ୍ମୃତିଚାରଣ କରି କହିଥିଲେ ଯେ ନବୀନବାବୁ ୨୦୧୧ ମସିହାରେ ଓଡ଼ିଶାର ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାମାନଙ୍କ ପାଇଁ ଲାଗୁ କରିଥିବା ୫୦ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥାକୁ ଅନୁସରଣ କରି ତାମିଲନାଡୁ ସରକାର ଆଗାମୀ ପଞ୍ଚାୟତ ନିର୍ବାଚନରେ ଏହା ଲାଗୁ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏବେ ପୁଣି ମହିଳାମାନଙ୍କ ପାଇଁ ସଂସଦ ଓ ବିଧାନସଭାଗୁଡ଼ିକରେ ୩୩% ସ୍ଥାନ ସଂରକ୍ଷଣ ପ୍ରସଂଗରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ପଦକ୍ଷେପକୁ ଶ୍ରୀ ପଲାନିସ୍ୱାମୀ ସମର୍ଥନ ଓ ପ୍ରଶଂସା କରିଥିଲେ। ଏହି ଅବସରରେ ମହିଳାଙ୍କୁ ପୁରୁଷମାନଙ୍କ ସହିତ ସମାନ ଅଧିକାର ଦେବା ଲକ୍ଷ୍ୟ ରଖି ଆଜୀବନ କାର୍ଯ୍ୟ କରିଆସିଥିବା ଜାତିର ପିତା ମହାତ୍ମା ଗାନ୍ଧିଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମହିଳାଙ୍କ ପାଇଁ ୩୩% ସ୍ଥାନ ସଂରକ୍ଷଣ ଲାଗି ପଦକ୍ଷେପ ବାପୁଜୀଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ଦେବୀ ପ୍ରସାଦ ମିଶ୍ର ଦର୍ଶାଇଥିଲେ। ଅନ୍ୟପକ୍ଷରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ନେତାଙ୍କୁ ଆଜି ବିଜେଡିର ପ୍ରତିନିଧି ଭେଟିଥିଲେ। ବିଜେଡି ପକ୍ଷରୁ ସାଂସଦ ଅନୁଭବ ମହାନ୍ତି ଜେଏମ୍‌ଏମ୍ ସଭାପତି ଶ୍ରୀ ଶିବୁ ସରୋନ୍‌ଙ୍କୁ ନୂଆଦିଲ୍ଲୀରେ ଭେଟି ସଂସଦ ଓ ସମସ୍ତ ବିଧାନସଭାରେ ମହିଳାମାନଙ୍କ ପାଇଁ ୩୩% ସ୍ଥାନ ସଂରକ୍ଷଣ କରିବା ଲାଗି ନୀତିଗତ ସମର୍ଥନ ଲୋଡ଼ି ବିଜୁ ଜନତା ଦଳ ସଭାପତି ଲେଖିଥିବା ପତ୍ର ହସ୍ତାନ୍ତର କରିଥିଲେ। ଶ୍ରୀ ସୋରେନ୍ ଏ ପ୍ରସଂଗରେ ସକାରାତ୍ମକ ମନ୍ତବ୍ୟ ପ୍ରଦାନ ସହ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଏହି ଉଦ୍ୟମକୁ ସ୍ୱାଗତ ଓ ପ୍ରଶଂସା କରିଥିଲେ। ସୂଚନାଯୋଗ୍ୟ, ବିଜୁ ଜନତା ଦଳର ମାନ୍ୟବର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡିର ପ୍ରତିନିଧି ଦଳମାନେ ଭାରତବର୍ଷର ୨୨ଟି ଜାତୀୟ ଓ ଆଞ୍ଚଳିକ ଦଳମାନଙ୍କୁ ଭେଟି ସଂସଦ ଓ ବିଧାନସଭାରେ ମହିଳାମାନଙ୍କ ପାଇଁ ୩୩% ସ୍ଥାନ ସଂରକ୍ଷଣ କରିବା ଲାଗି ସମର୍ଥନ ସଂଗ୍ରହ କରୁଛନ୍ତି।



# 'ପୁଣି ଚାଷୀଙ୍କୁ ପ୍ରତାରଣା କଲେ ନବୀନ'

**ଭୁବନେଶ୍ୱର :** ୧୯ ବର୍ଷର ବିଜେଡି ଶାସନରେ ଆଜି ଚାଷୀ ସବୁଠାରୁ ପୀଡାଗ୍ରସ୍ତ। ଯୋଜନା ଅନେକ ହେଲେ ସବୁ ପ୍ରତାରଣ ପାଲଟିଛି। ରାଜ୍ୟରେ ଚାଷୀ ଆଜି ଚାହିଁ ବସିଥିଲେ ମୁଖ୍ୟମନ୍ତ୍ରୀ କୃଷି ଋଣ ଛାଡ ଘୋଷଣା କରିବେ। ହେଲେ ମୁଖ୍ୟମନ୍ତ୍ରୀ ଆଜି ପୁଣି ବୁଲାଇ ବଙ୍କାଇ ମାରିଲେ ଚାଷୀଙ୍କୁ। ସାରା ଦେଶରେ ଏବେ ଅନେକ ରାଜ୍ୟ କୃଷି ଋଣ ଛାଡ କରିସାରିଥିଲାବେଳେ ଓଡିଶାରେ ରାଜ୍ୟ ସରକାର କାହିଁକି କୃଷି ଋଣ ଛାଡ କଲେ ନାହିଁ। ଯଦି କୃଷକମାନଙ୍କ ପାଇଁ ଏତେ ଦରଦ ତାହେଲେ ଲଲିପପ୍ ଦେଖାଇବା ବନ୍ଦ କରି ତୁରନ୍ତ କୃଷି ଋଣ ଛାଡ କରନ୍ତୁ ବୋଲି ବିଜେପିର ରାଜ୍ୟ ଉପସଭାପତି ସମୀର ମହାନ୍ତି ଦାବି କରିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାନ୍ତି କହିଛନ୍ତି ଯେ, ଠିକ୍ ନିର୍ବାଚନ ପୁର୍ବରୁ ବିନା ବଜେଟ ବ୍ୟବସ୍ଥାରେ, ଭାଗଚାଷୀ ଗଣନା ନକରି ଏପରି ଯୋଜନା କରି ମୁଖ୍ୟମନ୍ତ୍ରୀ ପୁଣିଥରେ ସାରା ଓଡିଶାର ଚାଷୀମାନଙ୍କୁ ଠକିଛନ୍ତି। ଶ୍ରୀ ମହାନ୍ତି କହିଛନ୍ତି କି କୃଷକଙ୍କ ଭାଗ୍ୟ ବଦଳାଇବା ପାଇଁ ୧୯ ବର୍ଷର ଶାସନ କଣ କମ ହୋଇଗଲା କି ? ରାଜ୍ୟ ସରକାର ଯୋଜନା ବଦ୍ଧ ଭାବେ କିଛି ଯୋଜନା ନକରି ଏକ ଗୋଲାପି ଚିତ୍ର ଦେଖାଇଛନ୍ତି। ବଜେଟରେ ଏଥି ପାଇଁ ଅର୍ଥ ବ୍ୟବସ୍ଥା ଅଛି କି ନାହିଁ ଜଣା ନାହିଁ। ନିର୍ବାଚନ ଆଉ ମାତ୍ର ୪ ମାସରୁ କମ ସମୟ। ଏପରି ସ୍ଥିତିରେ ଏପରି ଯୋଜନାର ମାନେ କିଛି ନାହିଁ। କେବଳ ସୁନେଲି ସ୍ୱପ୍ନ ଆଉ ତାପରେ ପୁଣି ଚାଷୀଙ୍କର ସେଇ ଦୁର୍ଦ୍ଦଶା। ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ଆରମ୍ଭ କରିଥିବା ବିଜୁ କୃଷକ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଯେଉଁ ୨୫ ଲକ୍ଷ ଚାଷୀଙ୍କ ହିସାବ ଥିଲା ତାହା କଣ ସତ ? ଏବେ ୬୦ ଲକ୍ଷ ଚାଷୀ ପରବାର ଥିବା କଥା କହିଛନ୍ତି । ସରକାରଙ୍କର କେଉଁ କଥାଟି ସତ ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି। ରାଜ୍ୟ ସରକାର ଏବେ ସୁଦ୍ଧା ଚାଷୀ ଆତ୍ମହତ୍ୟାକୁ ସ୍ୱୀକାର କରୁନାହାନ୍ତି। ସେହିପରି କୁଆଡେ ଗଲା ଆଳୁ ମିଶନ, ପାର୍ବତି ଗିରି ଜଳସେଚନ ପ୍ରକଳ୍ପ, ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପର ସମସ୍ତ ଘୋଷଣା । କେବଳ ଯୋଜନାର ନାଁ ଘୋଷଣା କରିବା ହେଉଛି ଏହି ସରକାରଙ୍କର ଏକମାତ୍ର ସଫଳତା ବୋଲି ଶ୍ରୀ ମହାନ୍ତି କହିଛନ୍ତି। ବିଜୁ ଜନତା ଦଳର କର୍ମୀ ମାନଙ୍କୁ ଟଙ୍କା ବଣ୍ଟା ଯିବା ପାଇଁ ଏ ଯୋଜନା କରାଯାଇଛି ବୋଲି ଶ୍ରୀ ମହାନ୍ତି ରାଜ୍ୟ ସରକାରଙ୍କୁ ଆକ୍ଷେପ କରି କହିଛନ୍ତି।

# 'ପ୍ରତ୍ୟେକ ମଣିଷ ଦାୟିତ୍ୱବାନ୍ ହେବା ଉଚିତ୍'



**ବରଗଡ଼ :** ପ୍ରତ୍ୟେକ ମଣିଷ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟକୁ ସୁଚାରୁରୂପେ ସମ୍ପାଦନ କରିପାରିଲେ ସମାଜର ଅଶେଷ ଲାଭ ହୋଇଥାଏ ବୋଲି ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜନକଲ୍ୟାଣ ସେବା ଟ୍ରଷ୍ଟର ଦଶମ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହା କହିଛନ୍ତି ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ। ଅତାବିରାର ଲାଦେରପାଲି ସ୍ଥିତ ରାମଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏହି ଉତ୍ସବରେ ସମ୍ବଲପୁର ଜିଲ୍ଲା ବିଜେଡି ସଭାପତି ପ୍ରମୋଦ ରଥ ଯୋଗ ଦେଇ କହିଥିଲେ ଯେ, ନିଷ୍ପେସିତଙ୍କ ସେବା କରିବା ହେଉଛି ମାନବିକ ମୂଲ୍ୟବୋଧର ପ୍ରତୀକ। ମୁଖ୍ୟବକ୍ତା ସାମ୍ବାଦିକ ପ୍ରମୋଦ ପଟ୍ଟନାୟକ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମାଜ ପ୍ରତି ଗୁରୁଦାୟିତ୍ୱ ରହିଛି ବୋଲି କହିଥିଲେ। ଟ୍ରଷ୍ଟର ସଭାପତି ମୁକୁନ୍ଦ ଦାଶ ପ୍ରାରମ୍ଭିକ ଅଭିଭାଷଣ ଦେବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୩୫ଜଣଙ୍କୁ ମାନପତ୍ର ଓ ଉପଢ଼ୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ନୃସିଂହନାଥ ଟ୍ରଷ୍ଟ ବୋର୍ଡ, ରାମଚଣ୍ଡୀ ମନ୍ଦିର ଟ୍ରଷ୍ଟ, ସାଇ ପଲିକ୍ଲିନିକ୍, ରାମଚଣ୍ଡୀ ସେବା ସଦନ (ବୁର୍ଲା), ୟୁଥ୍ ଆସୋସିଏସନ (ଭେଡେନ) ଏବଂ ସାଇ ମଲ୍ଟି ସ୍ପେଶାଲିଷ୍ଟ ହସ୍ପିଟାଲକୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରିଥିଲେ ମନ୍ତ୍ରୀ ଶ୍ରୀମତୀ ଛୁରିଆ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଡକ୍ଟର ଅଜିତ କୁମାର ନାଥ, ଯୁଧିଷ୍ଠିର ମହାପାତ୍ର, ସୁନନ୍ଦା ମେହେର, ହେମନ୍ତ ମେହେର, ନିହାର ପ୍ରଧାନ ଏବଂ ଅନନ୍ଦାପ୍ରତା ରାୟ। ପରିଶେଷରେ ଟ୍ରଷ୍ଟର ସମ୍ପାଦିକା ପ୍ରତିମା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ରୀଡ଼ା ମଣିଷକୁ ନିରୋଗ ରଖେ : ପବିତ୍ର ରାଉତରାୟ



**ଭୁବନେଶ୍ୱର :** ସ୍ୱାସ୍ଥ୍ୟ ହିଁ ସମ୍ପଦ। ଏହି କଥାଟି ପିଲାଟି ଦିନରୁ ଯେଉଁମାନେ ଜାଣି ରଖିଛନ୍ତି ସେମାନଙ୍କ ଶରୀର ନିରୋଗ ରହିବା ସହିତ ସେମାନେ ଉତ୍ତମ ସ୍ୱାସ୍ଥ୍ୟର ଅଧିକାରୀ ହୋଇଥାନ୍ତି। ବର୍ତ୍ତମାନ ସମୟରେ ଚିତ୍ତ ବିନୋଦନ ପାଇଁ ଅନେକ ମାଧ୍ୟମ ଆସିଥିଲେ ବି ଶରୀର ପାଇଁ କ୍ରୀଡ଼ାର ଯଥେଷ୍ଟ ଆବଶ୍ୟକତା ରହିଛି। ଏହା ଶାରୀରିକ ଅବସାଦ ମେଣ୍ଟାଇବା ସହିତ ମାନସିକ ସ୍ତରରେ ପ୍ରଫୁଲ୍ଲତା ଆଣେ ବୋଲି ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ଯୋଗ ଦେଇ ଏହା କହିଛନ୍ତି ବିଦ୍ୟାଳୟର ଚେୟାରମ୍ୟାନ୍ ପବିତ୍ର ରାଉତରାୟ। ଏହି ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡଃ ସ୍ୱରୂପାନନ୍ଦ ମିଶ୍ର ପ୍ରଦୀପ ପ୍ରଜ୍ୱଳନ କରି ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ। ପରେ ରଙ୍ଗାରଙ୍ଗ ପରିବେଶରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ପରେଡ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀମାନେ କ୍ରୀଡ଼ା କସରତ ପ୍ରତି ଗୁରୁତ୍ୱ ଦେବା ଉଚିତ ବୋଲି କହିଥିଲେ ଡଃ ମିଶ୍ର। ଦୁଇଦିନ ବ୍ୟାପୀ ଅନୁଷ୍ଠିତ ହୋଇଥିବା ଏହି ପ୍ରତିଯୋଗିତାରେ ନର୍ସରୀ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଶ୍ରେଷ୍ଠ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଉପାଧ୍ୟକ୍ଷ କବିନ୍ଦ୍ର ଦାଶ ପିଲାମାନଙ୍କୁ କ୍ରୀଡ଼ା କ୍ଷେତ୍ରରେ ସଫଳତାର ମନ୍ତ୍ର ଦେଇଥିଲେ। ଏଥିରେ କ୍ରୀଡ଼ା ଶିକ୍ଷକଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।




# ନାନ୍ଦୁଲରେ 'ପିଠା' କାର୍ଯ୍ୟକ୍ରମ

**ଜୁନାଗଡ,(ଶରତ କୁମାର ସାହୁ) :** ଗତ ୨୦.୧୨.୨୦୧୮ ଗୁରୁବାର ଦିନ ନାନ୍ଦୁଲ ଗ୍ରାମପଞ୍ଚାୟତରେ ଓଡିଶା ସରକାରଙ୍କର ପିଠା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସରକାରୀ ଅଧିକାରୀ ବିଭୁ ମିଶ୍ର ଓ ସରପଞ୍ଚ ମମତା କର ପିଠା କାର୍ଯ୍ୟକ୍ରମ ସମ୍ପର୍କରେ କହିବାକୁ ଯାଇ କହିଥିଲେ ଯେ, ଆମ ମୁଖ୍ୟମନ୍ତ୍ରୀ ଦେଇଥିବା କଥା ଆଜି କାର୍ଯ୍ୟରେ ପରିଣତ ହୋଇଛି। ଓଡ଼ିଶାକୁ ସବୁ ଘରକୁ ବିଜୁଳି ଶକ୍ତି ଯୋଗାଇବା ସତ ହୋଇଛି। ପଞ୍ଚାୟତରେ ଅନୁଷ୍ଠିତ ହେଉଥିବା ପିଠା ଶିବିରରେ ପହଞ୍ଚି ଯେଉଁମାନେ ବିଦ୍ୟୁତ୍ ସଂଯୋଗ ପାଇନାହାନ୍ତି ସେମାନେ ଆବେଦନ କରିପାରିବେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଜତିନ୍ଦ୍ର କର। ଏଥିରେ ସ୍ଥାନୀୟ ଅଞ୍ଚଳର ବହୁ ଜନସାଧାରଣ ତଥା ବିଭିନ୍ନ ବିଭାଗର ସରକାରୀ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ।







Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି